# ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ୍ ଅନ୍ତର୍ଗତ ବାହାଦଲପୁର ଗ୍ରାମ ଠାରେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୬ କିମି ଠାରେ ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ବିବରଣୀ









*ପ୍ରଦତ୍ତ ହେଲା:*

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍

ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର

*ପ୍ରଦତ୍ତ କଲେ :*


ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍,

*ବି-୨୧, ବି ଜେ ବି ନଗର, ଭୁବନେଶ୍ୱର-୭୫୧୦୧୪ ଓଡିଶା ,*

Email: erabbsr@gmail.com

# ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ୍ ଅନ୍ତର୍ଗତ ବାହାଦଲପୁର ଗ୍ରାମ ଠାରେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୫ କିମି ନିକଟରେ ଥିବା ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ବିବରଣୀ

## ଜୁଲାଇ ୨୦୧୮

*କାର୍ଯ୍ୟକାରୀ କରାଗଲା*

**ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍**

**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, (ଏନ୍ ସି ଡି ଏସ୍)**

*(ଓଡିଶା ସରକାରଙ୍କ ସହଯୋଗରେ ଗଠିତ ଆଇ ସି ଏସ୍ ଏସ୍ ଆର୍ ଇନିଷ୍ଟିଚ୍ୟୁଟ)*

*ପ୍ରଦତ୍ତ କଲେ :*

**ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍,**

***ବି-୨୧, ବି ଜେ ବି ନଗର, ଭୁବନେଶ୍ୱର-୭୫୧୦୧୪ ଓଡିଶା ,***

Email: erabbsr@gmail.com

# ସୂଚୀପତ୍ର


**ସୂଚୀପତ୍ର** ........ **୩**

**ସାରଣୀ ସୂଚୀ** ........ **୫**

**ସଂକ୍ଷିପ୍ତ ସୂଚୀ** ........ **୭**

**କାର୍ଯ୍ୟନିର୍ବାହୀ ସାରାଂଶ** ........ **୯**

**ଅଧ୍ୟାୟ-୧: ପ୍ରାକକଥନ ଓ ପ୍ରକଳ୍ପ ର ପୃଷ୍ଠଭୂମି** ........ **୧୫**

୧.୧ ପ୍ରାକକଥନ ........ ୧୫
୧.୨ ପ୍ରକଳ୍ପର ବର୍ଣ୍ଣନା ........ ୧୭
୧.୩ ପ୍ରକଳ୍ପ ଜମିର ଅଧିଗ୍ରହଣ ........ ୧୯
୧.୪ ସାମାଜିକ ପ୍ରଭାବ ଆକଳନ ........ ୧୯
୧.୫ ପ୍ରଚଳିତ ଆଇନ ଓ ଆଇନର ଢାଞ୍ଚା ........ ୨୧

**ଅଧ୍ୟାୟ – ୨:ଅଧ୍ୟୟନର ପୃଷ୍ଠଭୂମି, ଉଦ୍ଦେଶ୍ୟ ଏବଂ କାର୍ଯ୍ୟପଦ୍ଧତି** ........ **୨୭**

୨.୧ ଅଧ୍ୟୟନର ପୃଷ୍ଠଭୂମି ........ ୨୭
୨.୨ ଅଧ୍ୟୟନର ଉଦ୍ଦେଶ୍ୟ ........ ୨୭
୨.୩ ଅଧ୍ୟୟନ ଦଳ ........ ୨୮
୨.୪ କାର୍ଯ୍ୟ ପଦ୍ଧତି ........ ୨୯
୨.୫ ବ୍ୟବହୃତ କୌଶଳ ........ ୩୪
୨.୬ ଅଧ୍ୟୟନର ସୀମାବଦ୍ଧତା ........ ୩୪
୨.୭ ଏସ୍ ଆଇ ଏ ବିବରଣୀର ରୂପରେଖ ........ ୩୪

**ଅଧ୍ୟାୟ – ୩:ଅଧ୍ୟୟନ ଅଞ୍ଚଳର ପାର୍ଶ୍ୱଚିତ୍ର** ........ **୩୫**

୩.୧ ଅଧ୍ୟୟନ ଜିଲ୍ଲା : ଖୋର୍ଦ୍ଧା ........ ୩୫
୩.୨ ପ୍ରକଳ୍ପ ଗ୍ରାମ: ବାହାଦଲପୁର ........ ୩୮
୩.୩ ପ୍ରଭାବିତ ପରିବାରର ଗଣନା ........ ୩୯
୩.୪ ସାମାଜିକ ସାଂସ୍କୃତିକ ଏବଂ ସର୍ବସାଧାରଣ ସମ୍ପତ୍ତିର ସ୍ଥିତି ........ ୪୦

**ଅଧ୍ୟାୟ-୪: ପ୍ରଭାବିତ ପରିବାରଗୁଡିକର ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ର** ........ **୪୨**

୪.୧ ପ୍ରକଳ୍ପ ପ୍ରଭାବିତ ପରିବାର ........ ୪୨
୪.୨ ଲିଙ୍ଗଭିତ୍ତିରେ ପରିବାର ଓ ଉତ୍ତରଦାତାମାନଙ୍କର ଶ୍ରେଣୀ ବିଭାଜନ ........ ୪୩

୪.୩ ବୟସ ଭିତ୍ତିରେ ପ୍ରଭାବିତ ଲୋକମାନଙ୍କର ବିଭାଜନ ........ ୪୩
୪.୪ ଜାତିଭିତ୍ତିରେ ସଂରଚନା ଓ ଦୁସ୍ଥ ଅବସ୍ଥା ........ ୪୪
୪.୫ ପ୍ରଭାବିତ ଲୋକମାନଙ୍କର ଶିକ୍ଷା ଅବସ୍ଥା ........ ୪୪
୪.୬ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କର ପେଷା ........ ୪୫
୪.୭ ପ୍ରଭାବିତ ପରିବାରର ଆୟ ବ୍ୟୟର ସ୍ଥିତି ଏବଂ ଋଣଗ୍ରସ୍ତତା ........ ୪୬
୪.୮ ଘରର ଅବସ୍ଥା ଓ ମୌଳିକ ସୁବିଧା ସୁଯୋଗ ........ ୪୮
୪.୯ ଗୃହ ଉପକରଣ ଏବଂ ସାର୍ବଜନୀନ ସୁବିଧା ସୁଯୋଗ ........ ୪୮
୪.୧୦ ପରିବାରର ସ୍ୱାସ୍ଥ୍ୟ ସମ୍ପର୍କିତ ବ୍ୟବହାର ........ ୪୯
୪.୧୧ ନିଷ୍ପତ୍ତି ଗ୍ରହଣ ଓ ପରିବାର ସ୍ତରରେ ଭାଗିଦାରିତା ........ ୪୯
୪.୧୨ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଧାରଣା ........ ୫୦

**ଅଧ୍ୟାୟ -୫: ପ୍ରକଳ୍ପ ଜମିର ଆକଳନ** ........ ୫୨

୫.୧ ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବିତ ଜମିର ପରିମାଣ ଓ ଅବସ୍ଥିତ ........ ୫୨
୫.୨ ପ୍ରଭାବିତ ପରିବାରର ଜମି ଧାରଣ ଏବଂ ଏହାର ବ୍ୟବହାର ........ ୫୩
୫.୩ ପ୍ରଭାବିତ ଜମି ଓ ଅଧିଗ୍ରହଣ କରାଯାଉଥିବା ଜମି ........ ୫୪
୫.୪ ସମ୍ପତ୍ତିରେ କ୍ଷତି ........ ୫୪
୫.୫ ପ୍ରଭାବିତ ଗ୍ରାମରେ ଜମିର ମୂଲ୍ୟ ........ ୫୪

**ଅଧ୍ୟାୟ – ୬: ପ୍ରକଳ୍ପର ପ୍ରଭାବ, ପରିବାରର ପ୍ରତ୍ୟାଶା ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ୫୬**

୬.୧ ପ୍ରକଳ୍ପର ପ୍ରଭାବ ........ ୫୬
୬.୨ ପରିବାରମାନଙ୍କର ଧାରଣା ........ ୫୯
୬.୩ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଝଓଗଚ) ........ ୬୦

**ଅଧ୍ୟାୟ – ୭: ଜନ ଶୁଣାଣିର ବିବରଣୀ ........ ୬୪**

**ଅଧ୍ୟାୟ – ୮: ସାମାଜିକ ମୂଲ୍ୟ ଏବଂ ଲାଭର ବିଶ୍ଳେଷଣ ଓ ସୁପାରିଶ ........ ୬୭**

୮.୧ ସାମାଜିକ ମୂଲ୍ୟ ଏବଂ ଲାଭର ବିଶ୍ଳେଷଣ : ........ ୬୭
୮.୨ ସୁପାରିଶ ........ ୬୮

**ଅନୁସୂଚୀ** ........ **୭୦**

## ସାରଣୀ ସୂଚୀ


| ସଂଖ୍ୟା | ବିବରଣୀ | ପୃଷ୍ଠା |
|---|---|---|
| ସାରଣୀ - ୧ | ଅଧ୍ୟୟନ ଦଳର ସଦସ୍ୟମାନଙ୍କ ବିବରଣୀ | ୨୮ |
| ସାରଣୀ - ୨ | ଖୋର୍ଦ୍ଧା ଜିଲ୍ଲା ସମ୍ପର୍କରେ ସବିଶେଷ ତଥ୍ୟ | ୩୬ |
| ସାରଣୀ - ୩ | ଭୁବନେଶ୍ୱର ସମ୍ବନ୍ଧରେ ମୂଖ୍ୟ ସୂଚନା | ୩୭ |
| ସାରଣୀ - ୪ | ବାହାଦଲପୁର ଗ୍ରାମର ଜନସାଂଖ୍ୟିକ ଚିତ୍ର | ୩୮ |
| ସାରଣୀ - ୫ | ବାହାଦଲପୁର ଗ୍ରାମରେ ଭିତ୍ତିଭୂମି ଓ ସେବା ପ୍ରଦାନକାରୀ ମାନଙ୍କ ବିବରଣୀ | ୪୦ |
| ସାରଣୀ - ୬ | ପ୍ରଭାବିତ ଲୋକମାନଙ୍କର ବୟସ ଆନୁଯାୟୀ ବିତରଣ | ୪୪ |
| ସାରଣୀ - ୭ | ପ୍ରଭାବିତ ଲୋକମାନଙ୍କର ଶିକ୍ଷା ଅବସ୍ଥା | ୪୫ |
| ସାରଣୀ - ୮ | ପ୍ରଭାବିତ ପରିବାରର ମାସିକ ବ୍ୟୟ | ୪୭ |
| ସାରଣୀ - ୯ | ପ୍ରଭାବିତ ପରିବାରରେ ଥିବା ଚଳନ୍ତି ସମ୍ପତ୍ତିର ତାଲିକା | ୪୮ |
| ସାରଣୀ - ୧୦ | ପ୍ରଭାବିତ ପରିବାରଗୁଡିକର ଲିଙ୍ଗ ଆଧାରରେ ନିଷ୍ପତ୍ତି ଗ୍ରହଣ | ୪୯ |
| ସାରଣୀ - ୧୧ | ପ୍ରଭାବିତ ଏବଂ ଅଧିଗ୍ରହଣ କରାଯାଉଥିବା ଜମିର ଆର୍ ଓ ଆର୍ | ୫୨ |
| ସାରଣୀ - ୧୨ | ପ୍ରଭାବିତ ପରିବାର ଜମି ଧାରଣ (ଏକରରେ) | ୫୩ |
| ସାରଣୀ - ୧୩ | ପ୍ରଭାବିତ ଜମିର ଶତକଡା ଏବଂ ଅଧିଗ୍ରହଣ କରା ଯାଉଥିବା ଜମି | ୫୪ |
| ସାରଣୀ - ୧୪ | ପ୍ରକଳ୍ପ ଅଞ୍ଚଳରେ ଥିବା ଜମିର ବେଞ୍ଚମାର୍କ ମୂଲ୍ୟ | ୫୫ |
| ସାରଣୀ -୧୫ | ପରିବାରର ସକାରାତ୍ମକ ମନୋଭାବ | ୫୮ |
| ସାରଣୀ -୧୬ | ପରିବାରର ନକାରାତ୍ମକ ମନୋଭାବ | ୫୯ |
| ସାରଣୀ-୧୭ | ପ୍ରଭାବର ପ୍ରଶମନ ଉପାୟ | ୬୨ |

# ଚିତ୍ରସୂଚୀ


| ସଂଖ୍ୟା | ବିବରଣୀ | ପୃଷ୍ଠା |
|---|---|---|
| ଚିତ୍ର -୧ | ଖୋର୍ଦ୍ଧା ଜିଲ୍ଲାର ମାନଚିତ୍ର | ୩୫ |
| ଚିତ୍ର - ୨ | ଲିଙ୍ଗଭିତ୍ତିରେ ପ୍ରଭାବିତ ଲୋକମାନଙ୍କର ବଣ୍ଟନ | ୪୩ |
| ଚିତ୍ର - ୩ | ପ୍ରଭାବିତ ପରିବାରର ପେଷାର ପ୍ରକାର | ୪୫ |
| ଚିତ୍ର – ୪ | ବିଭିନ୍ନ ଆୟକାରୀ ଗୋଷ୍ଠୀ ମଧ୍ୟରେ ପ୍ରଭାବିତ ପରିବାରର | ୪୬ |
| ଚିତ୍ର – ୫ | ପରିବାରର ବାର୍ଷିକ ଆୟର ବିଭିନ୍ନ ଶ୍ରେଣୀ | ୪୭ |


# ଅନୁସୂଚୀ


| ସଂଖ୍ୟା | ବିବରଣୀ | ପୃଷ୍ଠା |
|---|---|---|
| ଅନୁସୂଚୀ – ୧ | ସାମାଜିକ ଆକଳନ ଅଧ୍ୟୟନ ବିଜ୍ଞପ୍ତି ଚିଠି | ୬୮ |
| ଅନୁସୂଚୀ – ୨ | ବାହାଦଲପୁର ଗ୍ରାମ ଠାରେ ୨୭.୦୪.୨୦୧୮ରେ ହୋଇଥିବା କେନ୍ଦ୍ରୀଭୂତ ଦଳଗତ ଆଲୋଚନା | ୭୨ |
| ଅନୁସୂଚୀ – ୩ | ପ୍ରାପ୍ୟ ଦାବିଦାର ସାରଣୀ | ୭୩ |
| ଅନୁସୂଚୀ – ୪ | ବାହାଦଲପୁର ଗ୍ରାମର ସାମାଜିକ ଓ ସମ୍ବଳ ମାନଚିତ୍ର | ୭୫ |
| ଅନୁସୂଚୀ – ୫ | ଫୋଟୋଗ୍ରାଫ | ୭୬ |
| ଅନୁସୂଚୀ – ୬ | ବାହାଦଲପୁର ମୌଜାରେ ଏଲ୍ ଏଚ୍ ଏସ ୧୯୧ ନିମନ୍ତେ ଅଧିଗ୍ରହଣ ହେବାକୁ ଥିବା ଜମିର ନକ୍ସା | ୭୭ |
| ଅନୁସୂଚୀ – ୭ | ବେଞ୍ଚମାର୍କ ମୂଲ୍ୟାୟନ ବିବରଣୀ | ୭୮ |

# ସଂକ୍ଷିପ୍ତ ସୂଚୀ

| | | |
|---|---|---|
| ଏ ଆଇ ଆଇ ଏମ୍ ଏସ୍ | : | ଅଲ୍ ଇଣ୍ଡିଆ ଇନିଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସ /ଅଖିଳ ଭାରତୀୟ ଚିକିତ୍ସା ସଂସ୍ଥା |
| ବି ଏ | : | ହିତାଧିକାରୀ ଆକଳନ |
| ବି ବି ଏସ୍ | : | ଭୁବନେଶ୍ୱର |
| ବି ଏମ୍ ସି | : | ଭୁବନେଶ୍ୱର ମୁନିସିପାଲିଟି |
| ସି ପି ଆର୍ | : | କମନ୍ ପ୍ରପର୍ଟି ରିସୋର୍ସ୍ |
| ଡି ପି ଆର୍ | : | ବିସ୍ତୃତ ପ୍ରକଳ୍ପ ବିବରଣୀ |
| ଇକୋ ଆର୍ | : | ଇଷ୍ଟକୋଷ୍ଟ ରେଲ୍ ୱେ / ପୂର୍ବତଟ ରେଳପଥ |
| ଇ ଆର୍ ଏ | : | ଏନଭାଇରନମେଣ୍ଟାଲ୍ ରିସର୍ଚ୍ଚ ଆଣ୍ଡ ଆକ୍ସନ୍ |
| ଏଫ୍ ଜି ଡି | : | କେନ୍ଦ୍ରୀଭୁତ ଦଳଗତ ଆଲୋଚନା |
| ଜି ଓ ଆଇ | : | ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ /ଭାରତ ସରକାର |
| ଜି ପି | : | ଗ୍ରାମ ପଞ୍ଚାୟତ |
| ଏଚ୍ ଏଚ୍ | : | ପରିବାର |
| ଆଇ ଆର୍ | : | ଭାରତୀୟ ରେଳ |
| ଆଇ ଆର୍ ଆର୍ | : | ଦାରିଦ୍ର୍ୟତାର ବିପଦ ଏବଂ ପୁନଃନିର୍ମାଣ |
| କିମି | : | କିଲୋମିଟର |
| ଏଲ୍ ଏ ଜେଡ୍ ଓ | : | ଭୂ-ଅର୍ଜନ ଅଧିକାରୀ |
| ଏଲ୍ ଏଚ୍ ଏସ୍ | : | ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ |
| ଏମ୍ ଜି ଏନ୍ ଆର୍ ଜି ଏ | | ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ଯୋଗାଣ ଯୋଜନା |
| ଏନ୍ ସି. ଡି.ଏସ୍ | : | ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର |
| ଓ ବି ସି | : | ଅନ୍ୟାନ୍ୟ ପଛୁଆ ବର୍ଗ |
| ପି ଏ ଏଫ | : | ପ୍ରକଳ୍ପ ପ୍ରଭାବିତ ପରିବାର |
| ପି ଏ ପି | : | ପ୍ରକଳ୍ପ ପ୍ରଭାବିତ ଲୋକମାନେ |
| ପି ଏଚ୍ ସି | : | ପବ୍ଲିକ୍ ହେଲଥ୍ ସେଣ୍ଟର |
| ପି ଆର୍ ଏ | : | ସହଭାଗୀ ଗ୍ରାମୀଣ ମୁଲ୍ୟାୟନ |
| ପି ଆର୍ ଆଇ | : | ପଞ୍ଚାୟତରାଜ ସଂସ୍ଥା |
| ପି ଏସ୍ ୟୁ | : | ପବ୍ଲିକ୍ ସେକ୍ଟର୍ ଅଣ୍ଡର ଟେକିଙ୍ଗ |
| ପି ଏସ୍ ୟୁଏସ | : | ପବ୍ଲିକ୍ ସେକ୍ଟର୍ ଅଣ୍ଡର ଟେକିଙ୍ଗସ୍ |
| ପି ଡବ୍ଲ୍ୟୁ ଡି | : | ଦିବ୍ୟାଙ୍ଗ ବ୍ୟକ୍ତି |
| ଆର ଆଣ୍ଡ ଡିଏମ୍ | : | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା |
| ଆର୍ ଆଣ୍ଡ ଆର୍ | : | ପୁନର୍ବାସ ଓ ଥଇଥାନ |

| | | |
|---|---|---|
| ଆର୍ ଓ ବି | : | ରାସ୍ତା ଉପର ପୋଲ |
| ଆର୍ ଓ ଆର୍ | : | ଜମି ଅଧିକାର ପତ୍ର / ଖତିୟାନ |
| ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ | : | ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ |
| ଆର୍ ଟି ଏନ୍ | : | ରେତଙ୍ଗ |
| ଆର୍ ୟୁ ବି | : | ଭୂତଳ ରାସ୍ତା ନିମନ୍ତେ ପୋଲ |
| ଏସ୍ ସି | : | ଅନୁସୂଚିତ ଜାତି |
| ଏସ୍ ଏଚ୍ ଜି | : | ସ୍ୱୟଂ ସହାୟକ ଦଳ |
| ଏସ୍ ଆଇ ଏ | : | ସାମାଜିକ ପ୍ରଭାବ ନିର୍ଦ୍ଧାରଣ |
| ଏସ୍ ଆଇ ଏମ୍ ପି | : | ସାମାଜିକ ପ୍ରଭାବ ପରିଚାଳନା ଯୋଜନା |
| ଏସ୍ ସି | : | ଅନୁସୂଚିତ ଜାତି |

# କାର୍ଯ୍ୟନିର୍ବାହୀ ସାରାଂଶ

ଭାରତ ଭଳି ଏକ ବିକାଶଶିଳ ଦେଶର ଭିତ୍ତିଭୂମିରେ ପରିବହନ ଏକ ମୁଖ୍ୟ ଉପାଦାନ ଅଟେ । ଅଧିକାଂଶ ଭାରତୀୟ ଆନ୍ତଃ ରାଷ୍ଟ୍ରୀୟ ପରିବହନ ବ୍ୟବସ୍ଥା ରେଳବାଇ ଦ୍ୱାରା ସମ୍ପନ୍ନ କରା ଯାଇଥାଏ, ଯାହାକି ପରିବହନ ଭିତ୍ତିଭୂମିର ଏକ ଅଭିନ୍ନ ଅଙ୍ଗ ଅଟେ ଏବଂ ଅର୍ଥ ବ୍ୟବସ୍ଥାର ଏକ ମହତ୍ତ୍ୱ ପୂର୍ଣ୍ଣ କ୍ଷେତ୍ର ଅଟେ । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ରେଲବାଇର ବିଭିନ୍ନ ପ୍ରକଳ୍ପ ଯଥା; ନୂତନ ନିର୍ମାଣ, ପରିବର୍ଦ୍ଧନ ଏବଂ ଉନ୍ନତିକରଣ ନିମନ୍ତେ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ରେଳପଥ ଏବଂ ସଡକ ପଥ ଗୁଡିକ ବିଭିନ୍ନ ଜାଗାରେ ପରସ୍ପରକୁ ଅତିକ୍ରମ କରୁଛନ୍ତି । ଏହି ସ୍ଥାନଗୁଡିକରେ ଭିଡ କମାଇବା ନିମନ୍ତେ, ରେଲ ବିଭାଗ ବିଭିନ୍ନ ସ୍ଥାନରେ ଲେବଲ୍ କ୍ରସିଙ୍ଗ ମାନ ନିର୍ମାଣ କରିଛନ୍ତି ଯାହାକି ରେଳବାଇ ପ୍ରଣାଳୀର ଏକ ଅବିଚ୍ଛେଦ ଅଙ୍ଗ ଅଟେ । କିନ୍ତୁ ନିରାପତ୍ତା ଦୃଷ୍ଟିରୁ ଏହି ଲେବଲ୍ କ୍ରସିଙ୍ଗ ଗୁଡିକ ସବୁଠାରୁ ଦୁର୍ବଳ ଯୋଗାଯୋଗ ବ୍ୟବସ୍ଥା, ସବୁଠାରୁ ବିପଦପୂର୍ଣ୍ଣ ଏବଂ ରେଳ ଧାରଣା ଉପରେ ଦୁର୍ଘଟଣାର ଉତ୍ସ ଅଟେ । ଟ୍ରେନ୍ ର ବେଗ ବୃଦ୍ଧିକରଣ ହେତୁ ଏବଂ ସଡକ ପଥ ବ୍ୟବହାରକାରୀ ମାନେ ନିୟମ ମାନୁନଥିବାରୁ ଏହି ପରିସ୍ଥିତି ବେଶି ଜଟିଳ ହେଉଛି । ଯଦିଓ ରେଳବାଇରେ ଘଟୁଥିବା ସମୁଦାୟ ଦୁର୍ଘଟଣା ସଂଖ୍ୟା ଅଧିକରୁ ଅଧିକ ହ୍ରାସ ପାଉଛି କିନ୍ତୁ ଲେବଲ୍ କ୍ରସିଙ୍ଗ ଦୁର୍ଘଟଣା ଆଜି ବି ସେହି ସ୍ତରରେ ରହିଛି । ସହରୀକରଣରେ ବର୍ଦ୍ଧିତ ପ୍ରୋତ୍ସାହନ ଏବଂ ରାସ୍ତା ବ୍ୟବସ୍ଥାରେ ଅଭିବୃଦ୍ଧି ହେତୁ ଲେବଲ୍ କ୍ରସିଙ୍ଗ ଗୁଡିକୁ ହଟାଇ ଦେଇ ପୋଲ ତଳେ ରାସ୍ତା (RUBs) ଏବଂ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ (LHSs) ନିର୍ମାଣ କରିବା ରେଳବାଇ ନିମନ୍ତେ ପ୍ରାଥମିକ କାର୍ଯ୍ୟ ହୋଇଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ରେଳ ବିଭାଗ ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ୍ ଅନ୍ତର୍ଗତ ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୫ କିମି ନିକଟରେ ଥିବା ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ଯୋଜନା କରିଛନ୍ତି ।

ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ ୨୦୧୩ ଅନୁଯାୟୀ ସର୍ବସାଧରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ନିମନ୍ତେ ଗୋଟିଏ ସାମାଜିକ ଆକଳନ ଅଧ୍ୟୟନ କରାଯିବ । ଏହି ପରିପ୍ରେକ୍ଷିରେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ବାହାଦଲପୁର ଗ୍ରାମରେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୫ କିମି ନିକଟରେ ଥିବା ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ୦.୦୮୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ  ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟ ହାତକୁ ନିଆ ଯାଇଛି ।

**ଅଧ୍ୟୟନ ଏବଂ ପ୍ରକ୍ରିୟା**

ଭୁବନେଶ୍ୱର - ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ୦.୦୮୦ ଏକର ବ୍ୟକ୍ତିଗତ ଜମିର ଆବଶ୍ୟକତା ଅଛି ।ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ,ନବକୃଷ୍ଣ ଚୌଧୁରୀ ଉନ୍ନୟନ ଅଧ୍ୟୟନ କେନ୍ଦ୍ର (ଏନ ସି ଡି ଏସ୍) ଭୁବନେଶ୍ୱର ,ଏହାର ତାଲିକାଭୁକ୍ତ ଏକ ଅନୁଷ୍ଠାନ ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍ , ଭୁବନେଶ୍ୱରକୁ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ବାହାଦଲପୁର ଗ୍ରାମରେ

୦.୦୮୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲା । ଆକଳନ ଅଧ୍ୟୟନ ଦାୟିତ୍ୱ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି  ବୈଧ ବିଜ୍ଞପ୍ତି ନମ୍ବର ଆର ଡି ଏମ୍/ଏଲ୍ ଏ ଏ/କେ ଏଚ୍ ଡି /୦୦୦୨/୨୦୧୮-୨୦୧୩୨ ଆର୍ ଆଣ୍ଡ ଡି ଏମ୍ ତା-୧.୬.୨୦୧୮ ରେ ପ୍ରକାଶ କରିଥିଲେ । ପ୍ରାରମ୍ଭିକ ଗଣନା ଅନୁଯାୟୀ ସର୍ବେକ୍ଷଣ କାର୍ଯ୍ୟ ନିମନ୍ତେ ଏସ ଆଇ ଏ ୟୁନିଟ୍ ବାହାଦଲପୁର ଗ୍ରାମର ୬ ଜଣ ଜମି ମାଲିକ/ପରିବାରର ନାମ ପ୍ରଦାନ କରିଥିଲା, କିନ୍ତୁ ସର୍ବେକ୍ଷଣ ସମୟରେ ଅଧ୍ୟୟନ ଦଳ ୮ ଟି (ପରିବର୍ଦ୍ଧିତ ପରିବାର ସମେତ) ପରିବାରକୁ ଚିହ୍ନଟ କରିଥିଲା ଏବଂ କଥିତ ଏହି ସମସ୍ତପରିବାରର ସର୍ବେକ୍ଷଣ କାର୍ଯ୍ୟ ସମ୍ପାଦନ କରିଥିଲା ।

ଅଧ୍ୟୟନର ଉଦ୍ଦେଶ୍ୟ ଏବଂ ସୁଯୋଗକୁ ଦୃଷ୍ଟିରେ ରଖି ସାମାଜିକ ଆକଳନ ଅଧ୍ୟୟନରେ 'ଜନଗଣନା ସର୍ବେକ୍ଷଣ ବିଧି' ଏବଂ 'ନମୁନା ସର୍ବେକ୍ଷଣ ବିଧି' ପ୍ରଣାଳୀ ଅନୁସରଣ କରାଯାଇଥିଲା । ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକୁ ସର୍ବେକ୍ଷଣ କରିବା ନିମନ୍ତେ 'ଜନଗଣନା ସର୍ବେକ୍ଷଣ ବିଧି' ବ୍ୟବହାର କରାଯାଇଥିବାବେଳେ ପରୋକ୍ଷଭାବେ ପ୍ରଭାବିତ ପରିବାରଗୁଡିକୁ ସର୍ବେକ୍ଷଣ କରିବା ନିମନ୍ତେ ସରଳ ଭାବରେ ନମୁନା ଆକାରରେ ଘର ଗୁଡିକୁ ମନୋନିତ କରାଯାଇ 'ନମୁନା ସର୍ବେକ୍ଷଣ ବିଧି' ପ୍ରଣାଳୀ ଅନୁସରଣ କରାଯାଇଥିଲା । ଏହି ଅଧ୍ୟୟନରେ ଗ୍ରହଣ କରାଯାଇଥିବା ପଦ୍ଧତି ଗୁଡିକ ମଧ୍ୟରେ; ପରୋକ୍ଷ ଭାବରେ ସଂଗୃହିତ ତଥ୍ୟ ର ସମିକ୍ଷା, ପରିବର୍ଦ୍ଧିତ ପରିବାରର ଚିହ୍ନଟ, ପରିବାରର ତଥ୍ୟ ସଂଗ୍ରହ, ସାର୍ବଜନିନ ପରାମର୍ଶ, ପ୍ରଭାବିତ ପରିବାରର ମତାମତ ଜାଣିବା ନିମନ୍ତେ ଜନଶୁଣାଣିର ଆୟୋଜନ ଓ ବିବରଣୀ ଦାଖଲ ନିମନ୍ତେ ପ୍ରସ୍ତୁତି ।

ପ୍ରଭାବିତ ପରିବାରଠାରୁ ତଥ୍ୟ ସଂଗ୍ରହ ନିମନ୍ତେ ୩ ପ୍ରକାରର କୌଶଳ ଯଥା; ପରିବାରର ସାକ୍ଷତକାର ଅନୁସୂଚୀ, ସାଧାରଣ ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମିର ସର୍ବେକ୍ଷଣ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଏବଂ ସାମାଜିକ ମାନଚିତ୍ର, ସମ୍ବଳ ମାନଚିତ୍ର ଆଦି ବ୍ୟବହାର କରାଯାଇଥିଲା ।

## ଅଧ୍ୟୟନ ର ନିଷ୍କର୍ଷ

### ପ୍ରଭାବିତ ପରିବାରର ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ର

ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ୍ ଅନ୍ତର୍ଗତ ବାହାଦଲପୁର ଗ୍ରାମରେ ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟ ସମ୍ପାଦନ କରାଯାଇଛି । ଅଧ୍ୟୟନ ପ୍ରକ୍ରିୟାରେ ପ୍ରଭାବିତ ପରିବାରର ସାମାଜିକ-ଅର୍ଥନୈତିକ ସ୍ଥିତି ସମ୍ବନ୍ଧରେ ବିଶ୍ଳେଷଣ କରା ଯାଇଥିଲା । ଉତ୍ତର ଦାତାମାନଙ୍କ ଲିଙ୍ଗ ଭିତ୍ତିରେ ବିଭାଜନ ସୂଚିତ କରୁଛି ଯେ, ୮ ଜଣ ଉତ୍ତର ଦାତାଙ୍କ ମଧ୍ୟରୁ ୭ ଜଣ ପୁରୁଷ ଏବଂ ଜଣେ ମହିଳା ଅଟେ । ଆହୁରି ମଧ୍ୟ ସର୍ବେକ୍ଷଣ କରା ଯାଇଥିବା ପରିବାରର ଲିଙ୍ଗ ଭିତ୍ତିରେ ବିଭାଜନ ସୂଚିତ କରୁଛି ଯେ, ସମୁଦାୟ ୪୭ ଜଣ ଲୋକଙ୍କ ମଧ୍ୟରୁ ୨୪ (୫୧.୦୬ %) ପୁରୁଷ ଏବଂ ୨୩ (୪୮.୯୪%) ମହିଳା ଅଟନ୍ତି ।

ପ୍ରଭାବିତ ଲୋକମାନଙ୍କ ବୟସ ଭିତ୍ତିରେ ବିଭାଜନ ସୂଚିତ କରୁଛି ଯେ, ସର୍ବାଧିକ ୪୬.୮୧% ସଂଖ୍ୟକ ଲୋକ କାର୍ଯ୍ୟକ୍ଷମ ବର୍ଗ ୧୮ ରୁ ୪୫ ବର୍ଷ ର ବୟସ ବର୍ଗରେ ଆସୁଛନ୍ତି, ଯେତେବେଳେ କି, ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ୨୧.୨୮ % ବ୍ୟକ୍ତି ୧୮ ବର୍ଷରୁ କମ ବର୍ଷର ବୟସ ବର୍ଗରେ ଆସୁଛନ୍ତି । ଏତଦ୍ ବ୍ୟତିତ ୧୪.୮୯% ଲୋକ ୪୫-୬୦ ବର୍ଷ ବୟସ ମଧ୍ୟରେ ଅଛନ୍ତି, ଯେଉଁମାନଙ୍କୁ ମଧ୍ୟ ଅର୍ଥନୈତିକ ଦୃଷ୍ଟିକୋଣରୁ ସକ୍ରିୟ ବ୍ୟକ୍ତି ହିସାବରେ ପରିଗଣିତ କରାଯାଇପାରେ । ତେଣୁ ଏହା ସୂଚିତ କରୁଛି ଯେ, ସର୍ବେକ୍ଷଣ କରାଯାଇଥିବା ଅଞ୍ଚଳର ୬୫%ରୁ ଅଧିକ ଲୋକ ତାଙ୍କ ପରିବାରକୁ ଆର୍ଥିକ ସହଯୋଗ କରନ୍ତି । ଜାତି ସମ୍ବନ୍ଧିତ ତଥ୍ୟ ସୂଚିତ କରୁଛି ଯେ, ସମସ୍ତ ପ୍ରଭାବିତ ପରିବାର ଅନ୍ୟାନ୍ୟ ପଛୁଆ ବର୍ଗ ଜାତିର ଅଟନ୍ତି ।

ପ୍ରକଳ୍ପ ଅଞ୍ଚଳରେ ଶିକ୍ଷାର ସ୍ତର ପ୍ରଦର୍ଶିତ କରୁଛି ଯେ ,୯୧.୫ ସାକ୍ଷର ଅଟନ୍ତି ଏବଂ ଅବଶିଷ୍ଟ ନିରକ୍ଷର ଅଟନ୍ତି। ସର୍ବାଧିକ (୩୦.୨୩%) ଲୋକ ପ୍ରାଥମିକ ସ୍ତରର ଶିକ୍ଷା ଗ୍ରହଣ କରିଛନ୍ତି; ୧୬.୨୮% ଲୋକ ଇଣ୍ଟରମିଡିଏଟ୍ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ୧୩.୯୫% ଲୋକ ସ୍ନାତକ ଉପାଧି ହାସଲ କରିଛନ୍ତି । ଅନ୍ୟାନ୍ୟ ଶିକ୍ଷାଗତ ଯୋଗ୍ୟତା ମଧ୍ୟରେ ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ମଧ୍ୟରୁ ୯.୩% ଏବଂ ସମାନ ପ୍ରତିଶତ ଲୋକ ମାଟ୍ରିକ ପାସ କରିଛନ୍ତି । ସେ ଯାହାହେଉ ଏହା ସୂଚିତ କରୁଛି ଯେ, ୫୦% ରୁ ଅଧିକ ପ୍ରକଳ୍ପ ପ୍ରଭାବିତ ଲୋକଙ୍କର ମାଟ୍ରିକ ସ୍ତର ପର୍ଯ୍ୟନ୍ତ ଶିକ୍ଷାର ଉପଲବ୍ଧତା ଅଛି ।

ମାତ୍ର ଗୋଟିଏ ପରିବାର ଦୁସ୍ଥ ପରିବାର ବର୍ଗ ଅନ୍ତର୍ଗତ ଅଟେ, ଯେକି ଏକାଧିକ ପ୍ରକାରର ଦୁସ୍ଥତାରେ ଅନ୍ତର୍ଭୁକ୍ତ, ତାହାହେଲା ବିପିଏଲ୍ ଓ ମହିଳାମୁଖ୍ୟ ପରିବାର ।

ପ୍ରଭାବିତ ଲୋକମାନଙ୍କ ଚଳଣିର ବିଶ୍ଳେଷଣରୁ ଜଣା ଯାଉଛି ସମୁଦାୟ ୪୩ ଜଣ ଲୋକଙ୍କ ମଧ୍ୟରୁ ମାତ୍ର ୧୨ ଜଣ(୨୭.୯୧%) ତାଙ୍କ ପରିବାର ଚଳଣି ନିମନ୍ତେ ବିଭିନ୍ନ ଆର୍ଥିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ରୋଜଗାର କରୁଥିବା ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ଅଧିକ ୫୮.୩୩% ପ୍ରତିଶତ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ଦରମା ପ୍ରଦାନ କରାଯାଉଥିବା ଚାକିରିରେ ନିଯୁକ୍ତ ଅଛନ୍ତି ଏବଂ ୪ (୩୩.୩%) ଜଣ ଚାଷୀ ଅଟନ୍ତି । ଏବଂ ୮.୩% ବ୍ୟବସାୟିକ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ଏହିପରି ତଥ୍ୟରୁ ସ୍ୱଷ୍ଟ ଭାବରେ ଜଣାପଡୁଛି ଯେ, ପ୍ରକଳ୍ପ ଅଞ୍ଚଳରେ ପ୍ରଭାବିତ ପରିବାର ମୁଖ୍ୟତଃ ଚାକିରୀ ଉପରେ ନିର୍ଭରଶୀଳ ଅଟନ୍ତି ।

ସର୍ବେକ୍ଷଣ କରାଯାଇଥିବା ୮ ଟି ପରିବାରର ପ୍ରଦାନ କରାଯାଇଥିବା ସଂଖ୍ୟା ସୂଚିତ କରୁଛି ଯେ, ସର୍ବାଧିକ ୪ (୫୦%) ଟି ପରିବାରର ବାର୍ଷିକ ଆୟ ଟଙ୍କା ୩,୦୦,୦୦୦ । ଅନ୍ୟାନ୍ୟ ଆୟ ବର୍ଗ ମଧ୍ୟରେ ଅଛନ୍ତି ଟଙ୍କା ୮୦,୦୦୦ ରୁ ଟଙ୍କା ୧,୦୦,୦୦୦ ମଧ୍ୟରେ ୨ ଟି ପରିବାର, ଟଙ୍କା ୬୦,୦୦୦ ରୁ ଟଙ୍କା ୮୦.୦୦୦ ମଧ୍ୟରେ ପ୍ରତ୍ୟେକ ଗୋଟିଏ ପରିବାର । ସେ ଯାହାହେଉ ବର୍ଷକୁ ଟଙ୍କା ୬୦୦୦୦ରୁ କମ ଆୟ କରୁଥିବା କୌଣସି ପରିବାର ଉପଲବ୍ଧ ହେଲେ ନାହିଁ । ସେହିପରି ସର୍ବାଧିକ ସଂଖ୍ୟକ ପରି (%୫.୬୨)ବାର ମାସକୁ ସମୁଦାୟ  ଟଙ୍କା ୬,୦୦୦ ରୁ କମ ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ କରନ୍ତି ଓ ସେହିପରି ଅଣଖାଦ୍ୟ ସାମଗ୍ରୀରେ ୫୦% ପରିବାର ମାସକୁ ଟଙ୍କା ୬୦୦୦, ରୁ କମ ଖର୍ଚ୍ଚ କରନ୍ତି ଏବଂ ଅନ୍ୟ ୫୦% ପରିବାର ଟଙ୍କା ୧୦୦୦୦ ରୁ ଅଧିକ ଖର୍ଚ୍ଚ କରନ୍ତି ।

ପ୍ରଭାବିତ ୮ ଟି ପରିବାର ସମସ୍ତେ ଇଟା ସିମେଣ୍ଟରେ ତିଆରି ନିଜ ନିଜ ଗୃହରେ ବସବାସ କରୁଛନ୍ତି । ଏହାମଧ୍ୟ ପରିଲକ୍ଷିତ ହୋଇଥିଲା ଯେ, ୩ ଟି ଘରର ଚଟାଣ ଟାଇଲରେ ତିଆରି ହୋଇଥିବା ବେଳେ ୫ ଟି ଘରର ଚଟାଣ ସିମେଣ୍ଟରେ ତିଆରି ଏବଂ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର କୌଣସି କଚ୍ଚା ଘର ନାହିଁ ।

ପରିବାରର ମୌଳିକ ସୁବିଧା ପ୍ରତ୍ୟେକ ଗୃହରେ ନାଗରିକ ସୁବିଧା ଯଥା, ଗାଧୁଆ ଘର, ଶୌଚାଳୟ ଏବଂ ଧୁଆଧୁଇ ହେବା ନିମନ୍ତେ ଘର ଭିତରେ ସ୍ଥାନ, ବିଦ୍ୟୁତ ବ୍ୟବସ୍ଥା ଇତ୍ୟାଦି ମିଳିପାରୁଛି । ଗୃହପାଳିତ ପଶୁ ରଖିବା ନିମନ୍ତେ ଅଲଗା ସ୍ଥାନ ଦୁଇଟି ଘରେ ଦେଖାଗଲା, ଗାଧୁଆ ଘର ଏବଂ ଧୁଆଧୁଇ ହେବା ନିମନ୍ତେ ଘର ଭିତରେ ସ୍ଥାନ ପ୍ରତ୍ୟେକ ୫ ଟି ଘରେ ଦେଖାଗଲା । ଏହା ମଧ୍ୟ ପରିଲକ୍ଷିତ ହେଲା ଯେ, ପ୍ରଭାବିତ ପରିବାର ସମସ୍ତ ପ୍ରକାରର ନାଗରିକ ସୁବିଧା ଥିବା ଉତ୍ତମ ଭାବରେ ନିର୍ମିତ ଗୃହରେ ବାସ କରୁଛନ୍ତି ।

ସର୍ବେକ୍ଷଣ କରାଯାଇଥିବା ୮ ଟି ଘରର ପାନୀୟ ଜଳର ଉତ୍ସ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା । ତଥ୍ୟରୁ ପରିଲକ୍ଷିତ ହେଉଛି ୭ ଟି ପରିବାର ଗ୍ରାମରେ ଥିବା ନଳକୂପ ଉପରେ ନିର୍ଭର କରୁଥିବା ବେଳେ ମାତ୍ର ଗୋଟିଏ ପରିବାର ବର୍ଷ ସାରା ଖୋଲା କୁଅରୁ ପାଣି ଆଣି ଚଳୁଛନ୍ତି । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଏହା ପରିଲକ୍ଷିତ ହେଲା ଯେ, ଗ୍ରାମବାସୀ ମାନେ ବର୍ଷସାରା ପାନୀୟ ଜଳ ଅଭାବର ସମ୍ମୁଖିନ ହୁଅନ୍ତି ଏବଂ ଆବଶ୍ୟକତା କୁ ମେଣ୍ଟାଇବା ନିମନ୍ତେ ଜଳ ଯୋଗାଇଦେବା ନିମନ୍ତେ ଦାବି ଜଣାଇଲେ ।

ପାନୀୟ ଜଳ ନିମନ୍ତେ ୭ ଟି ପରିବାର ଗ୍ରାମରେ ଥିବା ନଳକୂପ ଉପରେ ନିର୍ଭର କରୁଥିବା ବେଳେ ମାତ୍ର ଗୋଟିଏ ପରିବାର ବର୍ଷ ସାରା ଖୋଲା କୁଅରୁ ପାଣି ଆଣି ଚଳୁଛନ୍ତି । ଗୃହ ଉପକରଣ ଯଥା; ଟେଲିଭିଜନ, ରେଫ୍ରିଜରେଟର, ଫୋନ, ଜାଳେଣୀ ଗ୍ୟାସ ଏବଂ ବାସନ କୁସନ ଆଦି ସାଧାରଣ ଜିନିଷ ଯାହାକି ଅଧିକାଂଶ ପ୍ରଭାବିତ ଗୃହରେ ପ୍ରାୟତଃ ଦୃଷ୍ଟିଗୋଚର ହୋଇଥାଏ ।

ପରିବାର ସ୍ତରିୟ ଅଧିକାଂଶ କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ଏକାଠି ନିଷ୍ପତ୍ତି ନିଆଯାଏ ଅଳ୍ପ କେତେକ କ୍ଷେତ୍ର ଯଥା; ଆର୍ଥିକ ସମ୍ବନ୍ଧିତ ଜମିବାଡି ଓ ସମ୍ପତ୍ତି ଆଦି କ୍ଷେତ୍ରରେ ପୁରୁଷ ମାନେ ମୂଖ୍ୟ ଭୂମିକା ଗ୍ରହଣ କରନ୍ତି । ଆହୁରିମଧ୍ୟ ୬ ଟି ପରିବାରରେ ମହିଳାମାନେ ଗୋଷ୍ଠିସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଭାଗ ନିଅନ୍ତି ଏବଂ ୫ ଟି ପରିବାରରେ ମହିଳାମାନେ ଏସ ଏଚ୍ ଜି ର ସଭ୍ୟ ଅଟନ୍ତି । ଯଦିଓ ପରିବାରସ୍ତରରେ ମହିଳାମାନେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭୂମିକା ଅଛି, କିନ୍ତୁ ଗୋଷ୍ଠିସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ଭାଗିଦାରିତା ପ୍ରକଳ୍ପ ଗ୍ରାମଗୁଡିକରେ କମ୍ ଦୃଷ୍ଟିଗୋଚର ହୋଇଥାଏ ।

### ଜମି ଆକଳନ

ବାହାଦଲପୁର ଗ୍ରାମରେ ସମୁଦାୟ ୦.୫୬୬ ଏକର ବେସରକାରୀ ଜମି ପ୍ରଭାବିତ ହେବ ଏବଂ ସେଥିମଧ୍ୟରୁ ବାହାଦଲପୁର ଗ୍ରାମ ଠାରେ ପ୍ରକଳ୍ପ ନିର୍ମାଣ ନିମନ୍ତେ ୦.୦୮୦ ଏକର ଜମି ଅଧିଗ୍ରହଣ କରାଯିବ । ପ୍ରାଥମିକ ତଥ୍ୟ ଅନୁଯାୟୀ, ପ୍ରଭାବିତ ୮ ଟି ପରିବାର ନିକଟରେ ସମୁଦାୟ ୧୦.୮୭ ଏକର ଜମି ଉପଲବ୍ଧ ଅଛି ଏହା ମଧ୍ୟ

ବ୍ୟକ୍ତିଗତ ପରିବାର ଅନ୍ତର୍ଗତ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ଅଟେ । ତଥ୍ୟରୁ ଏହା ଜଣା ପଡୁଛି ଯେ, ସମୁଦାୟ ଜମି ମଧ୍ୟରୁ ୨.୭୦୦ ଏକର (୨୪.୮୪%) ଜମି ଜଳସେଚିତ ଜମି ଅଟେ ଅବଶିଷ୍ଟ (୭୬.୧୬%) ଜମି ଅଣ-ଜଳସେଚିତ ଜମି ଅଟେ । ସମୁଦାୟ ୧୦.୮୭ ଏକର ଜମି ମଧ୍ୟରୁ, ୭.୨୭ (୬୬.୮୮%)ଏକର ଚାଷ କାର୍ଯ୍ୟରେ ବ୍ୟବହୃତ ହୁଏ ଏବଂ ୩.୩୮ ଏକର (୩୧.୦୯%) ବାସସ୍ଥାନ ଭାବରେ ବ୍ୟବହୃତ ହୁଏ ଏବଂ ୦.୨୨ ଏକର ଜମି ପତିତ ଅଞ୍ଚଳ ଅଟେ ଯାହାକି ଖାଲି ସ୍ଥାନ ଆକାରରେ ପଡି ରହିଛି ।

ସମୁଦାୟ ୧୦.୮୭ ଏକର ଜମି ମଧ୍ୟରୁ ୦.୫୬୬ ଏକର ଜମି ପ୍ରଭାବିତ ହେବ ଯାହାକି ପରିବାର ର ଥିବା ସମୁଦାୟ ଜମିର ମାତ୍ର ୫.୨୧% । ସେହିପରି ପ୍ରଭାବିତ ଗ୍ରାମରେ ୦.୦୮୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ ଯାହାକି ପ୍ରଭାବିତ ପରିବାରର ମାଲିକାନାରେ ଥିବା ସମୁଦାୟ ଜମିର ମାତ୍ର ୦.୭୪% । ଏହିପରି ଭାବରେ ଏହି ପରିବାରଗୁଡିକୁ ଉପଯୁକ୍ତ ଭାବରେ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ ଯେପରିକି ସେମାନେ ଦୁସ୍ଥ ଅବସ୍ଥାକୁ ଖସି ଆସିବେ ନାହିଁ ।

## ପ୍ରକଳ୍ପର ପ୍ରଭାବ

ଜମିର ଏହି କ୍ଷତି ଜମି ହରାଉଥିବା ପରିବାରର ଆୟ ଏବଂ ଜୀବିକାକୁ ପ୍ରଭାବିତ କରିବ । ଏହି ସମସ୍ୟାକୁ ପ୍ରଶମିତ କରିବା ନିମନ୍ତେ ସେମାନଙ୍କର କୃଷି ଜୀବିକାକୁ ପୁନଃ ସ୍ଥାପିତ କରିବାକୁ ପ୍ରକଳ୍ପ ଅଧିକାରୀ କିଛି ଅତିରିକ୍ତ ଜମି କ୍ରୟ କରି ପ୍ରଦାନ କରିବା ଉଚିତ ।

ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ରେତଙ୍ଗ ଷ୍ଟେସନ-ଗୋଟିଏ ସର୍ବସାଧାରଣ ପୋଖରୀକୁ ଛାଡିଦେଲେ ଗ୍ରାମରେ ଅନ୍ୟ କୌଣସି ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେଉନାହିଁ । ତେଣୁ ଲୋକମାନେ ଏହି ପୋଖରୀ ର କ୍ଷତି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ଦାବି କଲେ ।

ପ୍ରଭାବିତ ଲୋକମାନେ ସନ୍ଦେହ କରୁଛନ୍ତି ଯେ, ଏଲ୍ ଏଚ୍ ଏସ ଚାଷ ଜମି ନିମନ୍ତେ ଜଳ ବନ୍ଦୀ ସମସ୍ୟା ସୃଷ୍ଟି କରିପାରେ । ତେଣୁ ଏଲ୍ ଏଚ୍ ଏସ ରେ ରାସ୍ତା ନିର୍ମାଣ କରାଯିବା ସମୟରେ ନିମନ୍ତେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଆବଶ୍ୟକ । ଭୁବନେଶ୍ୱରରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପ-ଥ ନିର୍ମାଣରେ ଅଳ୍ପ ପରିମାଣର ଜମି ଅଧିଗ୍ରହଣ କରାଯିବ । ଏହିପରି ,ଏଥିରେ କୌଣସି ନକାରାତ୍ମକ ପ୍ରଭାବ ରହିବ ନାହିଁ ବରଂ ଉତ୍ତରଦାତାମାନଙ୍କ ଦୃଷ୍ଟିକୋଣ ରୁ ଜଣା ପଡିଲା ସ୍ଥାନୀୟ ଲୋକ ନିରାପଦ ଯାତାୟତ ପଥ ପାଇ ଉପକୃତ ହେବେ ।

## ସଚେତନତା ଓ ଧାରଣା

ବାହାଦଲପୁର ଗ୍ରାମର ଗ୍ରାମବାସୀମାନେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ସମ୍ବନ୍ଧରେ ଭଲ ଭାବରେ ଅବଗତ ଅଛନ୍ତି । ସମସ୍ତ ଗ୍ରାମବାସୀ ମତାମତ ଦେଲେ ଯେ, ଏହି ଅଞ୍ଚଳର ଲୋକମାନନକୁ କ୍ଷତିପୂରଣ, ସୁରକ୍ଷିତ ଏବଂ ସଠିକ ସମୟରେ ଯାତାୟତ ଓ ପରିବହନ ମାଧ୍ୟମରେ ଲାଭାନ୍ୱିତ କରାଯାଇପାରିବ ।

ପ୍ରଭାବିତ ଲୋକମାନଙ୍କର ଆଶା ସମ୍ବନ୍ଧରେ ଏହା ଜାଣିବାକୁ ମିଳିଲା ଯେ ପ୍ରାୟ ସମସ୍ତ ପରିବାର ତାଙ୍କର ଜମି ର କ୍ଷତି ପାଇଁ ନଗଦ ଅର୍ଥ ନେବାକୁ ସମ୍ମତ ଅଛନ୍ତି । ଏସବୁ ବ୍ୟତିତ ସର୍ବେକ୍ଷଣ ସମୟରେ ଏହା ପରିଲକ୍ଷିତ ହେଲା ଯେ, ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣରେ ସର୍ବସାଧାରଣଙ୍କର ଗୋଟିଏ ପୋଖରୀ ପ୍ରଭାବିତ ହେବ । ତେଣୁ ସର୍ବସାଧାରଣଙ୍କର ପୋଖରୀ ନଷ୍ଟ ପାଇଁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ଉଚିତ । ଏତଦ୍ ବ୍ୟତିତ ଲୋକମାନେ ବର୍ଷସାରା ନିରାପଦ ପାନୀୟ ଜଳର ଆବଶ୍ୟକତା ନିମନ୍ତେ ସୁବିଧା ଯୋଗାଇ ଦେବାକୁ ଦାବି କଲେ ।

## ସୁପାରିଶ

କ୍ଷେତ୍ର ସ୍ତରୀୟ ତଥ୍ୟ ଓ ବିଭିନ୍ନ ହିତାଧିକାରୀମାନଙ୍କ ସହିତ ଆଲୋଚନା କରି ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ  ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଯାଇପାରେ ।

- ଏକ ଜଞ୍ଜାଳମୁକ୍ତ ଦେୟ ପ୍ରଦାନ ବ୍ୟବସ୍ଥା କରାଯିବା ଉଚିତ, ସେମାନେ ଭୟ କରୁଛନ୍ତି ଯେ, ସରକାରୀ ପ୍ରକ୍ରିୟାରେ ଅର୍ଥ ପାଇବା ବହୁତ କଷ୍ଟ ଯଦ୍ଵାରା କି, ପ୍ରଭାବିତ ଲୋକମାନେ ତାଙ୍କ କ୍ଷତିପୂରଣ ଅର୍ଥ ପାଇବାରେ କଷ୍ଟକର ହେବ ।
- ଗ୍ରାମଗୋଷ୍ଠୀର ଦାବିକୁ ବିଚାରକୁ ନେଇ, ବର୍ଷସାରା ଲୋକମାନନକୁ ନିରାପଦ ପାନୀୟ ଜଳ ସୁବିଧା ଯୋଗାଇଦେବା ଉଚିତ ।
- ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ହେତୁ ଗୋଟିଏ ସର୍ବସାଧାରଣ ପୋଖରୀ ସାମୟିକ ଭାବେ ପ୍ରଭାବିତ ହେବ । ତେଣୁ ସ୍ଥାନୀୟ ଲୋକମାନଙ୍କ ବ୍ୟବହାର ନିମନ୍ତେ ବିକଳ୍ପ ବ୍ୟବସ୍ଥାଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି । ଅନ୍ୟ ପକ୍ଷରେ ଗୋଷ୍ଠୀ ସହ ବିଚାର ବିମର୍ଷ କରି କ୍ଷତିପୂରଣ ପ୍ରାବଧାନ ଗ୍ରହଣ କରାଯାଇପାରେ ।
- ଏହି ପରାମର୍ଶ ଦିଆ ଯାଉଛି କି, କ୍ଷତିପୂରଣ ଅର୍ଥ ପ୍ରଦାନ ପୂର୍ବରୁ କ୍ଷତିପୂରଣ ଅର୍ଥକୁ ଉତ୍ପାଦନକ୍ଷମ ନିରାପଦ ସ୍ଥାନରେ ବିନିଯୋଗ କରିବାକୁ ସେମାନନକୁ ଉପଯୁକ୍ତ ପରାମର୍ଶ ପ୍ରଦାନ କରାଯିବା ଉଚିତ ।
- ନିର୍ମାଣ ସମୟରେ ଉପଯୁକ୍ତ ଇଞ୍ଜିନିୟରିଂ ନକ୍ସା ଇଞ୍ଜିନିୟରିଂ ନକ୍ସା ଅନୁସରଣ କରିବା ଉଚିତ , ଯେପରିକି ପରେ କାର୍ଯ୍ୟ ଶେଷ ହେବାପରେ ଚାଷ ଜମିରେ ଜଳ ଜମି ରହିବାର ସମ୍ଭାବନା ରହିବ ନାହିଁ ।

ଯଦିଓ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର କିଛି ପ୍ରତିକୂଳ ପ୍ରଭାବ ଅଛି ,ଆଶା କରାଯାଏ ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଭାବିତ ଗ୍ରାମଗୋଷ୍ଠୀ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବେ । ସେ ଯାହାହେଉ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ କେବଳ ଯେ ପ୍ରଭାବିତ ଗ୍ରାମକୁ ଲାଭଦାୟକ ହେବ ତାହାନୁହେଁ ଏହା ସମଗ୍ର ପଞ୍ଚାୟତ ନିମନ୍ତେ ଲାଭଦାୟକ ହେବ ।

# ଅଧ୍ୟାୟ-୧: ପ୍ରାକକଥନ ଓ ପ୍ରକଳ୍ପ ର ପୃଷ୍ଠଭୂମି

## ୧.୧ ପ୍ରାକକଥନ

ଭାରତ ଭଳି ଏକ ବିକାଶଶିଳ ଦେଶର ଭିତ୍ତିଭୂମିରେ ପରିବହନ ଏକ ମୁଖ୍ୟ ଉପାଦାନ ଅଟେ । ଅଧିକାଂଶ ଭାରତୀୟ ଆନ୍ତଃ ରାଷ୍ଟ୍ରୀୟ ପରିବହନ ବ୍ୟବସ୍ଥା ରେଳବାଇ ଦ୍ୱାରା ସମ୍ପନ୍ନ କରା ଯାଇଥାଏ ଯାହାକି ପରିବହନ ଭିତ୍ତିଭୂମିର ଏକ ଅଭିନ୍ନ ଅଙ୍ଗ ଅଟେ ଏବଂ ଅର୍ଥ ବ୍ୟବସ୍ଥାର ଏକ ମହତ୍ତ୍ୱ ପୁର୍ଣ୍ଣ କ୍ଷେତ୍ର ଅଟେ । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ରେଳବାଇର ବିଭିନ୍ନ ପ୍ରକଳ୍ପ ଯଥା ; ନୂତନ ନିର୍ମାଣ , ପରିବର୍ଦ୍ଧନ ଏବଂ ଉନ୍ନତିକରଣ ନିମନ୍ତେ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ରେଳପଥ ଏବଂ ସଡକ ପଥ ଗୁଡିକ ବିଭିନ୍ନ ଜାଗାରେ ପରସ୍ପରକୁ ଅତିକ୍ରମ କରୁଛନ୍ତି । ଏହି ସ୍ଥାନଗୁଡିକରେ ଭିଡ କମାଇବା ନିମନ୍ତେ, ରେଳ ବିଭାଗ ବିଭିନ୍ନ ସ୍ଥାନରେ ଲେବଲ୍ କ୍ରସିଙ୍ଗ ମାନ ନିର୍ମାଣ କରିଛନ୍ତି ଯାହାକି ରେଳବାଇ ପ୍ରଣାଳୀର ଏକ ଅବିଚ୍ଛେଦ ଅଙ୍ଗ ଅଟେ । କିନ୍ତୁ ନିରାପତ୍ତା ଦୃଷ୍ଟିରୁ ଏହି ଲେବଲ୍ କ୍ରସିଙ୍ଗ ଗୁଡିକ ସବୁଠାରୁ ଦୁର୍ବଳ ଯୋଗାଯୋଗ ବ୍ୟବସ୍ଥା, ସବୁଠାରୁ ବିପଦପୂର୍ଣ୍ଣ ଏବଂ ରେଳ ଧାରଣା ଉପରେ ଦୁର୍ଘଟଣାର ଉତ୍ସ ଅଟେ । ଟ୍ରେନ୍ ର ବେଗ ବୃଦ୍ଧିକରଣ ହେତୁ ଏବଂ ସଡକ ପଥ ବ୍ୟବହାରକାରୀ ମାନେ ନିୟମ ମାନୁନଥିବାରୁ ଏହି ପରିସ୍ଥିତି ବେଶି ଜଟିଳ ହେଉଛି । ଯଦିଓ ରେଳବାଇରେ ଘଟୁଥିବା ସମୁଦାୟ ଦୁର୍ଘଟଣା ସଂଖ୍ୟା ଅଧିକରୁ ଅଧିକ ହ୍ରାସ ପାଉଛି କିନ୍ତୁ ଲେବଲ୍ କ୍ରସିଙ୍ଗ ଦୁର୍ଘଟଣା ଆଜି ବି ସେହି ସ୍ତରରେ ରହିଛି । ସହରୀକରଣରେ ବର୍ଦ୍ଧିତ ପ୍ରୋତ୍ସାହନ ଏବଂ ରାସ୍ତା ବ୍ୟବସ୍ଥାରେ ଅଭିବୃଦ୍ଧି ଲେବଲ୍ କ୍ରସିଙ୍ଗ ଗୁଡିକୁ ହଟାଇ ଦେଇ ପୋଲ ତଳେ ରାସ୍ତା (RUBs) ଏବଂ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ (LHSs) ନିର୍ମାଣ କରିବା ରେଳବାଇ ନିମନ୍ତେ ପ୍ରାଥମିକ କାର୍ଯ୍ୟ ହୋଇଛି । ଏହି ପୋଲ ତଳ ରାସ୍ତା ଏବଂ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ଆର୍ ଡି ଏସ୍ ଓ ର ନକ୍ସା ଅନୁଯାୟୀ ରେଳବାଇ ବୋର୍ଡ଼ର ଅନୁମୋଦନ ପରେ ନିର୍ମାଣ କରାଯାଉଛି । ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ରାସ୍ତାରେ ଯାନବାହନର ଗହଳି, ଭୁପୃଷ୍ଠ ଏବଂ ଅଞ୍ଚଳରେ ମାଟିର ଅବସ୍ଥା, ଜଳ ନିଷ୍କାସନ ବ୍ୟବସ୍ଥା ଓ ଜନ ବସତିର ଦୂରତ୍ୱ ଆଦି ସମ୍ବନ୍ଧରେ ଅଧ୍ୟୟନ କରା ଯାଇଥାଏ । ଉଭୟ ସଡକ ପଥ ଓ ରେଳପଥରେ ଯାତାୟତରେ ଯେପରି କୌଣସି ଅସୁବିଧା ନହେବ ସେଥିପାଇଁ ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଇଥାଏ ।

ଭାରତୀୟ ରେଳ ବିଭିନ୍ନ ରେଳ ବିଭାଜନ କ୍ଷେତ୍ର ଅନ୍ତର୍ଗତ ଜଗୁଆଳି ବିହିନ ଲେବଲ୍ କ୍ରସିଙ୍ଗଗୁଡିକୁ ହଟାଇ ଦେଇ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । କିନ୍ତୁ ଏପରି ଏକ ନିର୍ମାଣ କାର୍ଯ୍ୟର ପ୍ରତିକୂଳ ପରିଣାମ ହେଲା ଅଚଳନ୍ତି ସମ୍ପତ୍ତିର ବାଧ୍ୟତାମୂଳକ ଅଧିଗ୍ରହଣ ଏବଂ ଲୋକମାନଙ୍କ ବିସ୍ଥାପନ । ଏହି ପ୍ରକ୍ରିୟାରେ ପ୍ରକଳ୍ପ ଅଞ୍ଚଳରେ ଜମିବାଡିଥିବା ଲୋକମାନଙ୍କର ସାମାଜିକ- ଆର୍ଥିକ ଏବଂ ରାଜନୈତିକ ସୂତ୍ର ନଷ୍ଟଭ୍ରଷ୍ଟ ହୋଇଯାଇଥାଏ । ଲୋକମାନଙ୍କ ଜମି ଅଧିଗ୍ରହଣ ହେତୁ ସେମାନେ ଗୃହହାନି ଏବଂ ଜୀବିକାର ଅଭାବ ଭଳି ଗମ୍ଭିର ପରିଣାମର ସମ୍ମୁଖିନ ହୁଅନ୍ତି । ଓଡିଶା ଭଳି ଏକ ରାଜ୍ୟରେ, ଯେଉଁଠାରେ ତିନି-ଚତୁର୍ଥାଂଶରୁ ଉର୍ଦ୍ଧ୍ୱ ଲୋକ କୃଷି ବା

ଅନ୍ୟାନ୍ୟ ଜମି ସମ୍ପର୍କିତ ଆୟ ଉପରେ ନିର୍ଭର କରନ୍ତି, ସେଠାରେ ଲୋକମାନଙ୍କୁ ଘରବାରି ,ଘର ,ଜମି ତଥା ଅନ୍ୟାନ୍ୟ ଭୌତିକ ଢାଞ୍ଚାରୁ ଅଲଗାକରି ଜମିହୀନତା, ବେରୋଜଗାରି, ଗୃହଶୁନ୍ୟ, ଅନାବଶ୍ୟକ ଖାଦ୍ୟ ଅସୁରକ୍ଷା, ସର୍ବସାଧାରଣ ଜମିହାନି ଏବଂ ଶଂସାଧନ ବୃଦ୍ଧିହେତୁ ଘଟୁଥିବା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା, ସାମାଜିକ ଗଠବନ୍ଧନ ହାନି ଭଳି ଦାରିଦ୍ର୍ୟତା ଆଡକୁ ପ୍ରକାଶିତ ହେବେ [Impoverishment Risks and Reconstruction (IRR) Model of Prof. Michael Cernea (1996) ଲିଖିତ ମୁତାବକ] l ଦାରିଦ୍ର୍ୟତାର ଏହି ବିପଦଗୁଡିକୁ ଆଶା କରିବା ଓ ଅନୁଭବସିଦ୍ଧ ଯାଞ୍ଚକରି ଆକଳନ କରିବା ଅତି ଜରୁରୀ ଅଟେ l ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡିକୁ ସଠିକଭାବରେ ପୁନର୍ବାସ ଓ ଥଇଥାନ କରିବା ନିମନ୍ତେ ପରିଯୋଜନା ସମର୍ଥକ ମାନଙ୍କୁ ସଠିକ ଉପାୟ ପରିକଳ୍ପନା କରିବାକୁ ପଡେ, ଯେପରିକି ପ୍ରଭାବିତ ଲୋକମାନଙ୍କର ସାମାଜିକ-ଅର୍ଥନୈତିକ ଚଳଣିର ସ୍ତର ପୂର୍ବବତ ହୋଇପାରିବ l

ଉପର ବର୍ଣ୍ଣିତ ସମସ୍ୟାଗୁଡିକୁ ଦୃଷ୍ଟିରେ ରଖି ଭାରତ ସରକାର ଏକ ନୂତନ ନିୟମ "ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ ୨୦୧୩ (ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩) ଜାନୁଆରୀ ୧, ୨୦୧୪ ମସିହା ଠାରୁ ପ୍ରଚଳନ କରିଛନ୍ତି l ଏହି ଅଧିନିୟମ, ଜମି ଅଧିଗ୍ରହଣରେ ଆବଶ୍ୟକ ନିୟମ ପ୍ରଣୟନ କରିବା ସହ ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ଲୋକମାନଙ୍କ ନିମନ୍ତେ ଆବଶ୍ୟକ ଉପଯୁକ୍ତ ପୁନର୍ବାସ ଓ ଥଇଥାନ କାର୍ଯ୍ୟକୁ ଏକ ସହଭାଗୀ ଓ ସ୍ୱଚ୍ଛ ପ୍ରକ୍ରିୟାରେ କାର୍ଯ୍ୟକାରୀ କରିବା l ଭାରତବର୍ଷରେ ପ୍ରଭାବିତ ଲୋକମାନଙ୍କ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ସହ କ୍ଷତିପୂରଣ ପ୍ରଦାନ ଏବଂ ପୁନର୍ବାସ ଓ ଥଇଥାନ ନିମନ୍ତେ ଏକ ପ୍ରକ୍ରିୟା ସ୍ଥାପନ କରିବା ଏହି ଅଧିନିୟମର ଉଦ୍ଦେଶ୍ୟ l ଏହି ଅଧିନିୟମରେ, ଯେଉମାନଙ୍କ ଜମି ନିଆଯାଉଛି ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସାମିଲ କରାଯିବା ସହ, ଏହାର ଲକ୍ଷ୍ୟ ହେଲା ଜମି ଅଧିଗ୍ରହଣ ପ୍ରକ୍ରିୟାରେ ପାରଦର୍ଶିତା ଆଣିବା ସହ ପ୍ରଭାବିତ ଲୋକମାନଙ୍କ ପୁନର୍ବାସକୁ ସୁନିଶ୍ଚିତ କରିବା l

ଏହି ସନ୍ଦର୍ଭରେ ଉପରେ ବର୍ଣ୍ଣିତ ଅଧିନିୟମର ପ୍ରାବଧାନ ଅନୁଯାୟୀ, ଓଡିଶା ସରକାର ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଭାବରେ 'ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର' (ଏନ୍ ସି ଡି ଏସ୍) ଭୁବନେଶ୍ୱର (ଓଡିଶା ସରକାରଙ୍କ ସହଯୋଗରେ ଗଠିତ ଗୋଟିଏ ଆଇ ସି ଏସ୍ ଏସ୍ ଆର ଅନୁଷ୍ଠାନ) ନାମକ ଏକ ସଂସ୍ଥାକୁ ଚୟନ କରିଛନ୍ତି ଯେକି ଓଡିଶାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍ଦେଶ୍ୟରେ ଆବଶ୍ୟକ ଜମି ଅଧିଗ୍ରହଣ ପ୍ରକ୍ରିୟା ନିମନ୍ତେ ଆବଶ୍ୟକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କାର୍ଯ୍ୟକୁ ପରିଚାଳନା କରିବ l ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୫ କିମି ନିକଟରେ ଥିବା ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଥିବା ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାହାଦଲପୁର ଗ୍ରାମ ଠାରେ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବର୍ତ୍ତମାନର ଏହି ସାମାଜିକ ଆକଳନ ଅଧ୍ୟୟନଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦ୍ୱାରା ରାଜ୍ୟ ଏସ୍ ଆଇ ଏ ୟୁନିଟକୁ ପ୍ରଦାନ କରାଯିବା ପରେ ତାଲିକାଭୁକ୍ତ ଏକ ଅନୁଷ୍ଠାନ ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍ , ଭୁବନେଶ୍ୱର ମାଧମରେ କାର୍ଯ୍ୟକାରୀ କରାଯାଇଥିଲା l

## ୧.୨ ପ୍ରକଳ୍ପର ବର୍ଣ୍ଣନା

ଯେହେତୁ ଆମେ ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଗତି କରୁଛୁ ତେଣୁ ରେଳ ଯାତାୟତ ସହ ସଡକ ଯାତାୟତ ରେ କ୍ରମାଗତ ବୃଦ୍ଧି ସହିତ ରେଳ ସହ ରାସ୍ତା ଯାତାୟତରେ ପରସ୍ପରର ସାମ୍ନାସାମ୍ନି ହେବା ମଧ୍ୟ ବହୁଗୁଣରେ ବୃଦ୍ଧି ପାଇଛି । ତେଣୁ, ବିଭିନ୍ନ ସ୍ତରର ବିଭାଜକ ଅର୍ଥାତ୍ ରାସ୍ତା ଉପରେ ପୋଲ/ରାସ୍ତା ତଳେ ପୋଲ/ ଭୂତଳ ରାସ୍ତା, କେବଳ ଯେ ସର୍ବୋତ୍ତମ ନିରାପଦମାନକ ତାହା ନୁହେଁ ଏହା ଭବିଷ୍ୟତ ନିମନ୍ତେ ଖର୍ଚ୍ଚ ଦୃଷ୍ଟିରୁ ମଧ୍ୟ ପ୍ରଭାବି ଅଟେ । ଲେବଲ୍ କ୍ରସିଂ ର ସଂଖ୍ୟା ହ୍ରାସ କରିବାକୁ ଆରମ୍ଭ କରାଯାଇଥିବା ଉପାୟଗୁଡ଼ିକ ମଧ୍ୟରୁ ଆର ଓ ବି / ଆର ୟୁ ବି ଓ ସୀମିତ ଉଚ୍ଚତା ବିଶିଷ୍ଟ ଭୂମିଗତ ସୁଡଙ୍ଗ ପଥ ର ସ୍ଥାପନ କରାଯାଉଛି ଯାହାକି ଲେବଲ୍ କ୍ରସିଂ ନିକଟରେ ଦୁର୍ଘଟଣା ହ୍ରାସ କରିବା ବ୍ୟତିତ ପରିଚାଳନା ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହୋଇଥାଏ ଏବଂ ନିରାପଦତା ମଧ୍ୟ ବୃଦ୍ଧି କରିଥାଏ । ଆର ୟୁ ବି ର ନିର୍ମାଣ ରେଳବାଇ ଏବଂ ରାଜପଥ ଉଭୟ ଙ୍କ ନିମନ୍ତେ ଉତ୍କୃଷ୍ଟ ପରିଚାଳନା ଲାଭ ପ୍ରଦାନ କରିଥାଏ ଏବଂ ସମସ୍ତ ଶେଷ ବ୍ୟବହାରକାରୀ ଯଥା ପଦଚାରୀ, ରାସ୍ତାର ଯାନବାହାନ ଏବଂ ରେଳଗାଡି ସମସ୍ତଙ୍କ ନିମନ୍ତେ ଜିତିବା ପରିସ୍ଥିତି ସୃଷ୍ଟି କରିଥାଏ । ଯାତାୟତ ସମୟରେ ରେଳ ସହ ରାସ୍ତା ପରସ୍ପରର ସାମ୍ନାସାମ୍ନି ହେବା ହେତୁ ଉପୁଜୁଥିବ ସମସ୍ୟା ର ଏହା ଏକ ବୈଷୟିକ ସାମାଜିକ – ଅର୍ଥନୈତିକ ସମାଧାନ ପନ୍ଥା ଅଟେ ।

ପ୍ରସ୍ତାବିତ ନିର୍ମାଣଟି ବି ଆର ନଂ ୫୯୫ ଏ, ୧ x୪.୦x ୩.୧୫୦ ଆର ସି ସି ବକ୍ସ (ଏଲ୍ ଏଚ୍ ଏସ) ୪୪୩.୧୫୨ (୪୪୩/୩.୫) 'ସି' ଶ୍ରେଣୀଭୁକ୍ତ ୧୯୧ ନମ୍ବର ଲେବଲ୍ କ୍ରସିଂ ବଦଳରେ ଲିଙ୍ଗରାଜ ଟେମ୍ପଲ୍ ଓ ରେତଙ୍ଗ ଷ୍ଟେସନ୍ ମଧ୍ୟରେ ହାଓଡା ବିଶାଖାପାଟଣା ମୁଖ୍ୟ ରାସ୍ତାର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଅଟେ ।

୧୯୧ ନମ୍ବର ଲେବଲ୍ କ୍ରସିଂ ଠାରେ ରେଳବାଇ ଦ୍ୱାରା ସମ୍ପାଦନ କରାଯାଇଥିବା ପ୍ରକଳ୍ପ ସ୍ତର ସର୍ବେକ୍ଷଣ ଅନୁଯାୟୀ ଲେବଲ୍ କ୍ରସିଂ ଆପ୍ରୋଚ ରୋଡ୍ ଠାରୁ ସୀମିତ ଉଚ୍ଚତା ବିଶିଷ୍ଟ ଭୂମିଗତ ସୁଡଙ୍ଗ ପଥ (ଏଲ୍ ଏଚ୍ ଏସ୍) ମଧ୍ୟରେ ରେଳବାଇର ବହୁତ କମ୍ ଜମି ଅଛି । ସୀମିତ ଉଚ୍ଚତା ବିଶିଷ୍ଟ ଭୂମିଗତ ସୁଡଙ୍ଗ ପଥ (ଏଲ୍ ଏଚ୍ ଏସ୍) ଆପ୍ରୋଚ ରୋଡ୍ କାର୍ଯ୍ୟ ସମାପନ କରିବାକୁ ଏବଂ ୧୯୧ ନମ୍ବର ଲେବଲ୍ କ୍ରସିଂ ଠାରେ ଜଳ ନିଷ୍କାସନ ପଥ ନିର୍ମାଣ କରିବାକୁ ଏବଂ ୧୯୧ ନମ୍ବର ଲେବଲ୍ କ୍ରସିଂକୁ ବନ୍ଦ କରି ସୀମିତ ଉଚ୍ଚତା ବିଶିଷ୍ଟ ଭୂମିଗତ ସୁଡଙ୍ଗ ପଥ (ଏଲ୍ ଏଚ୍ ଏସ୍) ଦେଇ ଲୋକମାନଙ୍କୁ ଯାତାୟତର ସୁବିଧା ଯୋଗାଇ ଦେବାକୁ ପ୍ରାୟ ୩୨୦୦ ବର୍ଗଫୁଟ ଅଞ୍ଚଳର ସରକାରୀ ବା ବ୍ୟକ୍ତିଗତ ଜମି ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲର ବାହାଦଲପୁର ମୌଜାରେ ଅଧିଗ୍ରହଣ କରାଯିବ ।

ଅଗଷ୍ଟ ୨୦୦୯ରେ କରାଯାଇଥିବା ଗଣନା ଅନୁଯାୟୀ, ସରକନ୍ତରା ଏବଂ ରେତଙ୍ଗ ଷ୍ଟେସନ ମଧ୍ୟରେ (୪୪୩/୩.୫) କିଲୋମିଟର ଠାରେ ଅବସ୍ଥିତ ଜଗୁଆଳି ଥିବା ୧୯୧ ନମ୍ବର ଲେବଲ୍ କ୍ରସିଂ ରେଳବାଇର ଏକ ବ୍ୟସ୍ତ ରେଳପଥ ଅଟେ ଏହି ଲେବଲ୍ କ୍ରସିଂର ଟି ଭି ୟୁ ଯଥାକ୍ରମେ ୧୨୪୨୮,୧୦୨୯୬, ୧୮୪୮୦ । ଯେହେତୁ ଲେବଲ୍ କ୍ରସିଂ ଟି ଜଗୁଆଳି/ ଜଗୁଆଳି ରହିତ ସେଠାରେ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଥାଏ । ତେଣୁ ଲୋକମାନେ ଏହି ରେଳ ଧାରଣାକୁ ଅତିକ୍ରମ କରିବାରେ ବହୁତ ଅସୁବିଧାର ସମ୍ମୁଖିନ ହୁଅନ୍ତି ।

ସି ଏସ ଓ ଙ୍କର "ଲେବଲ୍ କ୍ରସିଂ ଠାରେ ସୁରକ୍ଷା" ସମ୍ବନ୍ଧିତ ବୈଠକରେ ବୈଧ ଚିଠି ନମ୍ବର ECoR/Sfy/BBS/L.C. Gate/40 Dt. 03.05.2.10 & the PCEs DO Letter No. W-4/350/Pt-IV/2929 Dt. 14.5.2010 ଅନୁଯାୟୀ ଲେବଲ୍ କ୍ରସିଂ ଟି ଜଗୁଆଳି/ ଜଗୁଆଳି ରହିତ ସ୍ଥାନରେ ଏକ ଭୁତଳ ରାସ୍ତା ନିର୍ମାଣ ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ ଯାହାକି ଜଗୁଆଳି ରଖିବା ଓ ପରେ ଇଣ୍ଟରଲକିଙ୍ଗ ରେ ହେଉଥିବା ଖର୍ଚ୍ଚ ତୁଳନାରେ ଲାଭଜନକ ହେବ । ଏହାକୁ ଦୃଷ୍ଟିରେ ରଖି ଉଭୟ ରେଳପଥ ଓ ସଡକ ପଥ ର ସୁରକ୍ଷା ନିମନ୍ତେ ଲେବଲ୍ କ୍ରସିଂ ନମ୍ବର୍ ଯେ ବି -୧୭, ଯେ ବି -୧୮ ଏବଂ ୧୯୧ କୁ ପରିବର୍ତ୍ତନ କରି ସୀମିତ ଉଚ୍ଚତା ବିଶିଷ୍ଟ ଭୂମିଗତ ସୁଡଙ୍ଗ ପଥ (ଏଲ୍ ଏଚ୍ ଏସ୍) ନିର୍ମାଣ କରାଯିବ ।

ପରିବର୍ତ୍ତିତ ଯାତାୟତ ପଥ ଯୋଗାଇ ଦେଇ ଲେବଲ୍ କ୍ରସିଂକୁ ବନ୍ଦ କରିବା ନିମନ୍ତେ ପ୍ରଶାସନିକ ଅଧିକାରୀ ମାନଙ୍କ ଠାରୁ ସମ୍ମତି ହାସଲ କରାଯାଇଛି । ତେଣୁ ଜଗୁଆଳି ଥିବା / ଜଗୁଆଳି ନଥିବା ଲେବଲ୍ କ୍ରସିଂ ନମ୍ବର୍ ଯେ ବି -୧୭, ଯେ ବି -୧୮ ଏବଂ ୧୯୧ କୁ ପରିବର୍ତ୍ତନ କରି ସୀମିତ ଉଚ୍ଚତା ବିଶିଷ୍ଟ ଭୂମିଗତ ସୁଡଙ୍ଗ ପଥ (ଏଲ୍ ଏଚ୍ ଏସ୍) ୨୦୧୩-୧୪ ଯୋଜନା ରେ କରାଯିବ ।

ସେ ଯାହାହେଉ ବର୍ତ୍ତମାନର ଏହି ସାମାଜିକ ଆକଳନ ଅଧ୍ୟୟନଟି ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ୍ ଅନ୍ତର୍ଗତ ବାହାଦଲପୁର ଗ୍ରାମ ଠାରେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୫ କିମି ନିକଟରେ ଥିବା ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ପ୍ରସ୍ତୁତ କରାଯାଇଛି ।

### *ବିକଳ୍ପର ପରିକ୍ଷଣ*

ପ୍ରସ୍ତାବିତ ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ବାହାଦଲପୁର ଗ୍ରାମର ଲୋକମାନେ ପ୍ରଭାବିତ ହେବେ । ତେଣୁ ପ୍ରକଳ୍ପର ବିସ୍ତୃତ ନକ୍ସା ପ୍ରସ୍ତୁତି ସମୟରେ ଉପଯୁକ୍ତ ଇଞ୍ଜିନିୟରିଂ ନକ୍ସା ବ୍ୟବହାରକରି ଜମି ଅଧିଗ୍ରହଣର ପରିମାଣ ତଥା ନକରାତ୍ମକ ପ୍ରଭାବକୁ ହ୍ରାସ କରିବାକୁ ଚେଷ୍ଟା କରାଯାଇଛି । ପ୍ରକଳ୍ପ ଅଞ୍ଚଳକୁ ହ୍ରାସ କରିବାକୁ ବିଶେଷତଃ ଯେଉଁଠାରେ ସମ୍ଭବ ସରକାରୀ ଜମି ମଧ୍ୟରେ ସୀମିତ ରଖିବାକୁ ବିଭନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ବାହାଦଲପୁର ଗ୍ରାମର ଲୋକ ତଥା ପ୍ରଭାବିତ ଗୋଷ୍ଠୀ ସହ ବିଚାରବିମର୍ଶ ପରେ ଏହା କରାଯାଇଛି । ବୈଷୟିକ ଦୃଷ୍ଟିକୋଣରୁ ଯେଉଁଠାରେ ସମ୍ଭବ ସେଠାରେ ସେମାନଙ୍କ ପରାମର୍ଶଗୁଡିକୁ ନକ୍ସାରେ ସମ୍ମିଳିତ କରାଯାଇଛି । ସେ ଯାହା ବି ହେଉ କିଛି ପରିମାଣର ଜମି ଅନିର୍ବାର୍ଯ୍ୟ ଅଧିଗ୍ରହଣ ହେବ । ଏହି ପ୍ରକଳ୍ପରେ ପୁନର୍ବାସକୁ ହ୍ରାସ କରିବାକୁ ଦୁଇଟି ନିର୍ଦ୍ଦିଷ୍ଟ ଉପାୟ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଦିଆ ଯାଇଛି । ଗୋଟିଏ ହେଲା ଉପ ପରିଯୋଜନା ସ୍ଥଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ଲାଗି ସରକାରୀ ଜମିର ଚିହ୍ନଟ; ଏବଂ ଅନ୍ୟଟି ହେଲା ପରିବାରର ଜୀବିକାରେ କ୍ଷତି, ସାଧାରଣ ସମ୍ପତ୍ତି ନଷ୍ଟ ଏବଂ ଆବଶ୍ୟକ ପୁନର୍ବାସକୁ ହ୍ରାସ କରିବା ପାଇଁ ବିକଳ୍ପ ନକ୍ସା ପ୍ରସ୍ତୁତି ।

## ୧.୩ ପ୍ରକଳ୍ପ ଜମିର ଅଧିଗ୍ରହଣ

ଭୁବନେଶ୍ୱର ତହସିଲ ଅନ୍ତର୍ଗତ ବାହାଦଲପୁର ଗ୍ରାମରେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର - ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ ଜମି ଅଧିଗ୍ରହଣ କରାଯିବ । ଅଧିଗ୍ରହଣ ନିମନ୍ତେ ସ୍ଥିର କରାଯାଇଥିବା ଜମି ଗୁଡିକ ଶାରଦ ଏବଂ ରାସ୍ତା କିସମ ହିସାବରେ ସାଧାରଣରେ ଶ୍ରେଣୀ ବିଭାଗ କରାଯାଇଛି । ସମସ୍ତ ଅଧିଗ୍ରହଣ ପ୍ରକ୍ରିୟାରେ ଅନ୍ୟ କୌଣସି ପ୍ରକାରର ଜମି ସମ୍ପୃକ୍ତ ନାହିଁ । ସ୍ଥାନୀୟ ଭାବରେ ପ୍ରକଳ୍ପ ଅଞ୍ଚଳ ନିକଟରେ ଜମି ବ୍ୟବହାର ପ୍ରଣାଳୀ ଅନୁଯାୟୀ ସାଧାରଣ ଭାବରେ ଶାରଦ, ନାଳ, ଜଳାଶୟ, ଘରବାରୀ ଏବଂ ଅନାବାଦୀ କିସମ ଅଟେ ।

ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ଖୁବ କମ ପରିମାଣର ଜମି ପ୍ରଭାବିତ ହେଉଛି । ଯେପରି କମରୁ କମ ବେସରକାରୀ ସମ୍ପତ୍ତିର ଅଧିଗ୍ରହଣ ହେବ ତାକୁ ଦୃଷ୍ଟିରେ ରଖି ଜମି ଖଣ୍ଡ ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରାଯାଇଛି ବୋଲି ଅନୁଭବ ହେଉଛି । ସେ ଯାହାବି ହେଉ, ପ୍ରସ୍ତାବିତ ଏହି ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ପ୍ରକଳ୍ପ ନିମନ୍ତେ ମୋଟ ଉପରେ ୦.୦୮୨ ଏକର ଜମି ଅଧିଗ୍ରହଣ ହେଉଅଛି । ଏହି ଜମି ମୁଖ୍ୟତଃ ପୋଲତଳ ରାସ୍ତା ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକ ଅଟେ । ଏହି ଜମିର ଅଧିଗ୍ରହଣ ନିମନ୍ତେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

## ୧.୪ ସାମାଜିକ ପ୍ରଭାବ ଆକଳନ

ସାମାଜିକ ପ୍ରଭାବ ଆକଳନ ବିଚାର ଧାରା "ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ-୨୦୧୩" ରୁ ଗ୍ରହଣ କରାଯାଇଛି, ଯାହାକି ୧ ଜାନୁଆରୀ ୨୦୧୪ ଠାରୁ ଲାଗୁ କରାଗଲା । ଯେତେବେଳେ ଗୋଟିଏ ଯଥାର୍ଥ ସରକାର ପ୍ରଭାବିତ ପରିବାରଗୁଡିକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରି ତଥା ପୁନର୍ବାସ ବ୍ୟବସ୍ଥା ଗ୍ରହଣକରି ନିଜର ତଥା ସରକାରୀ ଉଦ୍ୟୋଗ ଏବଂ ସାର୍ବଜନୀନ କାର୍ଯ୍ୟରେ ବ୍ୟବହାର, ଅକ୍ତିଆର ତଥା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରନ୍ତି ସେତେବେଳେ ଏହି ଅଧିନିୟମରେ ଥିବା ନିୟମ ଲାଗୁ ହୁଏ । ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ ମାଧ୍ୟମରେ କୌଣସି ଭୂମି ହସ୍ତାନ୍ତରିତ କରାଯାଇପାରିବ ନାହିଁ, ଅନୁସୂଚିତ ଅଞ୍ଚଳରେ ପ୍ରଚଳିତ ଭୂମି ହସ୍ତାନ୍ତରଣ ସମ୍ବନ୍ଧିତ କୌଣସି ପ୍ରକାର ନିୟମ ଉଲ୍ଲଂଘନ କରାଯିବ ନାହିଁ । ଅଧିନିୟମର ଭାଗ ୪(୧) ଅନୁଯାୟୀ ସରକାର ଯଦି ସାର୍ବଜନୀନ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ତେବେ ସଂଶ୍ଳିଷ୍ଟ ଗ୍ରାମ ପଞ୍ଚାୟତ, ନଗରପାଳିକା କିମ୍ବା ନଗର ନିଗମ ସହ ପରାମର୍ଶ କରିବେ, ପରିସ୍ଥିତି ଅନୁଯାୟୀ, ପ୍ରଭାବିତ କ୍ଷେତ୍ରରେ ଗ୍ରାମ ସ୍ତରରେ କିମ୍ବା ୱାର୍ଡ ସ୍ତରରେ ଲୋକମାନଙ୍କ ସହ ବିଚାର ବିମର୍ଷକରି ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ନିମ୍ନଲିଖିତ ପ୍ରକ୍ରିୟା ଗୁଡିକ ସାମିଲ ଅଛି :

(କ) ପ୍ରଭାବିତ ପରିବାରର ସଂଖ୍ୟା ଆକଳନ ଏବଂ ସେଥିମଧ୍ୟରୁ କେତେ ପରିବାର ବିସ୍ଥାପିତ ହେବେ ତାହା ନିର୍ଦ୍ଧାରଣ ;

(ଖ) ଅଧିଗ୍ରହଣଟି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ କି ନୁହେଁ ତାହାର ଆକଳନ କରିବା ;

(ଗ) ପ୍ରସ୍ତାବିତ ଅଧିଗ୍ରହଣ ହେତୁ କେତେ ପରିମାଣର ଜମି ଏବଂ ବେସରକାରୀ ଘର, ବସ୍ତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେବାର ସମ୍ଭାବନା ଅଛି ;

(ଘ) ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ପ୍ରକଳ୍ପ ସ୍ଥାପନ ପାଇଁ ନିହାତି ଆବଶ୍ୟକ କି ନୁହେଁ ତାହା ପରୀକ୍ଷା କରିବା ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ସରକାର; ପ୍ରଭାବିତ ପରିବାରର ଜୀବିକା; ଜନସାଧାରଣ ତଥା ଗୋଷ୍ଠୀ ସମ୍ପତ୍ତି; ବିଭିନ୍ନ ପ୍ରକାରର ଭିତ୍ତିଭୂମି, ଯଥା- ରାସ୍ତା, ସାର୍ବଜନୀନ ପରିବହନ ବ୍ୟବସ୍ଥା, ଜଳ ନିଷ୍କାସନ ପଦ୍ଧତି, ପରିମଳ ବ୍ୟବସ୍ଥା, ପାନୀୟ ଜଳର ଉତ୍ସ, ଗାଈଗୋରୁଙ୍କ ନିମନ୍ତେ ପିଇବା ପାଣି, ଗୋଷ୍ଠୀ ପୁଷ୍କରିଣୀ, ଚାରଣ ଭୂମି, ବୃକ୍ଷରୋପଣ; ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ସୁବିଧା, ଯଥା-ପୋଷ୍ଟ ଅଫିସ, ସୁଲଭ ମୂଲ୍ୟ ଦୋକାନ, ଖାଦ୍ୟ ମହଜୁଦ ରଖିବା ଗୋଦାମ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା, ବିଦ୍ୟାଳୟ ଏବଂ ଶିକ୍ଷା ଅନୁଷ୍ଠାନ କିମ୍ବା ତାଲିମ ପ୍ରଦାନ କରାଯାଉଥିବା ଅନୁଷ୍ଠାନ, ଅଙ୍ଗନୱାଡି; ପୂଜାସ୍ଥଳୀ; ଜନଜାତିମାନଙ୍କର ପାରମ୍ପରିକ ଅନୁଷ୍ଠାନ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଏବଂ ଶ୍ମଶାନ ଓ କବରସ୍ଥାନ ଇତ୍ୟାଦି ଉପରେ ପ୍ରକଳ୍ପର କଣ ପ୍ରଭାବ ପଡିବ ତାହା ବିଚାରକୁ ନେବା ଆବଶ୍ୟକ ।

ସାମାଜିକ ଆକଳନ ଅଧ୍ୟୟନ ଦଳ, ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରି ବିଶ୍ଳେଷଣ କରିବେ, ବିସ୍ତୃତ ଭାବରେ ଅଞ୍ଚଳ ପରିଦର୍ଶନ, ସହଭାଗୀ ଅବଧାରଣା ପଦ୍ଧତିର ବ୍ୟବହାର ଯଥା; କେନ୍ଦ୍ରୀଭୂତ ଦଳଗତ ଆଲୋଚନା, ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ଓ ସୂଚନାଦାତାମାନଙ୍କ ସହ ସାକ୍ଷାଟ କରିବେ । ସମସ୍ତ ପ୍ରାସଙ୍ଗିକ ଜମି ଦସ୍ତାବିଜ୍ ଓ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଏହାର ବିସ୍ତୃତ ବିଶ୍ଳେଷଣ ଜରିଆରେ ସମ୍ପୂର୍ଣ୍ଣ ଏକ ଆକଳନ ପ୍ରସ୍ତୁତ କରିବା, ପ୍ରକଳ୍ପ ଅଞ୍ଚଳର ଯାଞ୍ଚ, ସମୀକ୍ଷା ଓ ଏହି ପ୍ରକାରର ଅନ୍ୟାନ୍ୟ ପ୍ରକଳ୍ପ ସହ ତୁଳନା ଆଦି କାର୍ଯ୍ୟ ସାମାଜିକ ପ୍ରଭାବ ଆକଳନ ଦଳ ଦ୍ୱାରା କରାଯାଇଛି । ଜମି ଆକଳନ, ଜମି ଦସ୍ତାବିଜ୍ ଓ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ତଥ୍ୟ ଆଧାରରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସେମାନଙ୍କ ମଧ୍ୟରୁ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ସଠିକ ସଂଖ୍ୟା ପ୍ରଦାନ କରିବ ଏବଂ ଏହା ନିଶ୍ଚିତ କରିବ ଯେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ସମସ୍ତ ପ୍ରଭାବିତ ପରିବାରଗୁଡିକର ଗଣନା କରିଛି । ପ୍ରଭାବିତ ଅଞ୍ଚଳରୁ ସଂଗୃହିତ ତଥ୍ୟ ଏବଂ ହିତାଧିକାରୀମାନଙ୍କ ସହ ବିଚାରବିମର୍ଷ ଏବଂ କ୍ଷେତ୍ର ସର୍ବେକ୍ଷଣ ଆଧାରରେ ପ୍ରଭାବିତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ପ୍ରସ୍ତୁତି କରାଯିବ । ସଂଗୃହିତ ତଥ୍ୟ ଆଧାରର ସାମାଜିକ ପ୍ରଭାବ ଆକଳନ

ଦଳ ପ୍ରକଳ୍ପ ଓ ଜମି ଅଧିଗ୍ରହଣର ସକରାତ୍ମକ ଓ ନକରାତ୍ମକ ପ୍ରଭାବର ସ୍ୱରୁପ, ବିସ୍ତାର ଏବଂ ପ୍ରଗାଢତା ଚିହ୍ନଟ ତଥା ଆକଳନ କରିବେ ।

## ୧.୫ ପ୍ରଚଳିତ ଆଇନ ଓ ଆଇନର ଢାଞ୍ଚା

ପ୍ରକଳ୍ପକୁ କାର୍ଯ୍ୟକାରି କରିବାକୁ ଜମି ଅଧିଗ୍ରହଣ କରିବାକୁ ହେଲେ, ଅଧିନିୟମ ଗୁଡିକୁ ବିଶ୍ଳେଷଣ କରି ଆଇନସଂଗତ ପ୍ରକ୍ରିୟାକୁ ବୁଝିବାକୁ ପଡିବ ଏବଂ ଏଥିରେ ଥିବା ଶୁନ୍ୟସ୍ଥାନ ଏବଂ କ୍ଷେତ୍ରକୁ ଚିହ୍ନଟକରି ଯେଉଁଠାରେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ଓ ଦେଶୀୟ ଜନସଂଖ୍ୟା ବିକାଶ ଯୋଜନା ରେ ପୁନର୍ବାସ ଓ ଥଇଥାନ ନୀତିକୁ ପାଳନ କରିବା ଆବଶ୍ୟକ । ନିମ୍ନଲିଖିତ ଉପ-ଅନୁଭାଗଗୁଡିକରେ ଆଇନଗତ ପଦ୍ଧତିଗୁଡିକୁ ସଂକ୍ଷିପ୍ତରେ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ପ୍ରକଳ୍ପର ସାମାଜିକ ସମସ୍ୟା ସହିତ ପ୍ରଭାବିତ ଅଞ୍ଚଳର ପୁନର୍ବାସ ଓ ଥଇଥାନ ସମ୍ବନ୍ଧରେ ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ୨୦୧୩ ଲାଗୁ କରାଯିବ । ଏକ ନୂତନ ପୁନର୍ବାସ ଓ ଥଇଥାନ ନୀତି କାର୍ଯ୍ୟକ୍ରମରୁ ଉତ୍ପନ୍ନ ବିଭିନ୍ନ ସାମାଜିକ ଏବଂ ପୁନର୍ବାସ ସମସ୍ୟାକୁ ସମ୍ବୋଧନ କରିବାକୁ ବର୍ତ୍ତମାନ ଅବସ୍ଥିତ ଆଇନର ପରିପୁରକ ଭାବରେ କାର୍ଯ୍ୟ କରିବ । ପ୍ରକଳ୍ପ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ, କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପ ଗତିବିଧି ରାଷ୍ଟ୍ରୀୟ, ରାଜ୍ୟ, ସ୍ଥାନୀୟ ଏବଂ ବୈଧାନିକ ପଦ୍ଧତି ଅନୁଯାୟୀ ଯଥାର୍ଥ ଅଟେ । ଏକ ନୂତନ ପୁନର୍ବାସ ଓ ଥଇଥାନ ନୀତି କାର୍ଯ୍ୟକ୍ରମରୁ ଉତ୍ପନ୍ନ ବିଭିନ୍ନ ସାମାଜିକ ଏବଂ ପୁନର୍ବାସ ସମସ୍ୟାକୁ ସମ୍ବୋଧନ କରିବାକୁ ବର୍ତ୍ତମାନ ଅବସ୍ଥିତ ଆଇନର ପରିପୁରକ ଭାବରେ କାର୍ଯ୍ୟ କରିବ ।

### ୧.୫.୧ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ ୨୦୧୩

ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ ନିୟମ ୨୦୧୩ (ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ) ଭୂମି ଅଧିଗ୍ରହଣ ଅଧିନିୟମ ୧୮୯୪ କୁ ସ୍ଥାନାନ୍ତରଣକରି ଜାନୁଆରୀ ୧, ୨୦୧୪ ମସିହାରୁ ପ୍ରଚଳିତ କରାଗଲା । ଭୂମି ଅଧିଗ୍ରହଣ ପ୍ରକ୍ରିୟାରେ ସୁଧାର ଆଣିବା ନିମନ୍ତେ ଏବଂ ପୁରୁଣା ଭୂମି ଅଧିଗ୍ରହଣ ଅଧିନିୟମରେ ଥିବା ମୂଖ୍ୟ ଦୁର୍ବଳତାକୁ ସମ୍ବୋଧନ କରିବାକୁ ନୂତନ ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ରେ ପ୍ରୟାସ କରାଯାଇଛି । ମହତ୍ତ୍ୱପୂର୍ଣ୍ଣ କଥା ଯେ, ଏହି ଆଇନରେ, ସରକାରଙ୍କ ଦ୍ୱାରା ସାର୍ବଜନୀନ ପ୍ରୟୋଜନ ଉଦ୍ଦେଶ୍ୟରେ ବା ସରକାର ଓ ବ୍ୟକ୍ତିଗତ କମ୍ପାନୀ ଭାଗିଦାରିତାରେ କରାଯାଉଥିବା କୌଣସି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କ୍ଷେତ୍ରରେ ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ପ୍ରାବଧାନ କରାଯାଇଛି, । ଏହି ଅଧିନିୟମକୁ ଲାଭଦାୟୀ ଏବଂ ଆବଶ୍ୟକୀୟ କାରଣ ଏହା ଜମି ମାଲିକ ଏବଂ ଅନ୍ୟାନ୍ୟ ପ୍ରଭାବିତ ଲୋକ ମାନଙ୍କ ସ୍ୱାର୍ଥରକ୍ଷା କରିବାରେ ସହାୟକ ହୋଇଥାଏ ।

## ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମର ମୁଖ୍ୟ ବିଶେଷତା

**୧. ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ :** ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ କରାଯାଇପାରେ ଅର୍ଥାତ ; ପ୍ରତିରକ୍ଷା ଓ ଜାତୀୟ ସୁରକ୍ଷା, ରେଳବାଇ, ସରକାର ଏବଂ ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ବନ୍ଦର; ଗ୍ରାମ କିମ୍ବା ସହରାଞ୍ଚଳରେ ଗରିବ କିମ୍ବା ଭୂମିହୀନମାନଙ୍କ ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବରେ ବାସଗୃହ ନିର୍ମାଣ କିମ୍ବା ଉନ୍ନୟନ, ସରକାରଙ୍କ ଦ୍ୱାରା ପରିଚାଳିତ କୌଣସି ଯୋଜନା କିମ୍ବା ସଂସ୍ଥା ଇତ୍ୟାଦି । କେତେକ ଘଟଣାରେ ଯଥା ବେସରକାରୀ ପ୍ରକଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଉଥିଲେ ସମସ୍ତ ପ୍ରଭାବିତ ଲୋକ ମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ପ୍ରକଳ୍ପ ନିମନ୍ତେ ତାଙ୍କ ଜମି ପ୍ରଦାନ କରିବାକୁ ସମ୍ମତି ପ୍ରଦାନ କରିବା ଆବଶ୍ୟକ ।

**୨. ଭୂମି ଅଧିଗ୍ରହଣ ପ୍ରକ୍ରିୟା :**ଅଧିନିୟମ ଅନୁଯାୟୀ ଗ୍ରାମାଞ୍ଚଳରେ ଗ୍ରାମସଭା କିମ୍ବା ସହରାଞ୍ଚଳରେ ସମକକ୍ଷ କୌଣସି ସଂସ୍ଥା ସହ ବିଚାରବିମର୍ଶ ମାଧ୍ୟମରେ ସରକାର ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ । ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ଆକଳନ ଅଧ୍ୟୟନର ୧୨ ମାସ ପୂର୍ବରୁ ଭୂମି ଅଧିଗ୍ରହଣ ସମ୍ବନ୍ଧରେ ସୂଚନା ପ୍ରଦାନକରି ଗୋଟିଏ ପ୍ରାରମ୍ଭିକ ବିଜ୍ଞପ୍ତି ଜାରି କରିବାକୁ ପଡିବ । ଏହାପରେ. ସରକାର ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ନିର୍ଦ୍ଧାରଣ କରିବା ନିମନ୍ତେ ଗୋଟିଏ ସର୍ବେକ୍ଷଣର ଆୟୋଜନ କରିବେ । ଯଦି ସରକାର ସନ୍ତୁଷ୍ଟ ହେଲେ ଯେ ସାର୍ବଜନୀନ ଉଦ୍ଦେଶ୍ୟରେ ଗୋଟିଏ ବିଶେଷ ଜମିର ଅଧିଗ୍ରହଣ କରାଯିବାର ଆବଶ୍ୟକତା ଅଛି, ତେବେ ଭୂମି ହାସଲ କରିବା ନିମନ୍ତେ ଘୋଷଣା କରିବେ । ଥରେ ଏହି ଯୋଜନା ପ୍ରକାଶିତ ହେବା ମାତ୍ରେ ସରକାର ଏହି ଜମି ଅଧିଗ୍ରହଣ କରିବେ । ପ୍ରାରମ୍ଭିକ ବିଜ୍ଞପ୍ତି ଜାରି ହେବା ଦିନ ଠାରୁ ଅଧିଗ୍ରହଣ ପ୍ରକ୍ରିୟା ସମ୍ପୁର୍ଣ୍ଣ ନହେବା ପର୍ଯ୍ୟନ୍ତ ଜମି କାରବାର କରିବା ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ । ବିମାନ ବନ୍ଦର ପ୍ରକଳ୍ପ ନିର୍ମାଣ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ବୈଧ ବିଜ୍ଞପ୍ତି ନମ୍ବର ଆର ଡି ଏମ୍/ଏଲ୍ ଏ ଏ/କେ ଏଚ୍ ଡି /୦୦୦୨/୨୦୧୮-୨୦୧୩୨ ଆର୍ ଆଣ୍ଡ ଡି ଏମ୍ ତା-୧.୬.୨୦୧୮(ପରିଶିଷ୍ଟ-କ ରେ ସଂଲଗ୍ନ)ରେ ପ୍ରକାଶ କରିଥିଲେ ।

**୩. କ୍ଷତିପୂରଣ:** ଭୂମି ଅଧିଗ୍ରହଣ ନିମନ୍ତେ କ୍ଷତିପୂରଣ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଏ ଏବଂ ଅଧିଗ୍ରହଣର ଘୋଷଣା ପ୍ରକାଶନ ତାରିଖର ଦୁଇ ବର୍ଷ ମଧ୍ୟରେ ତାଙ୍କ ଦ୍ୱାରା ଜମି ମାଲିକଙ୍କୁ ପ୍ରଦାନ କରାଯାଏ । କ୍ଷତିପୂରଣ ନିର୍ଦ୍ଧାରଣ ପ୍ରକ୍ରିୟା ଅଧିଗ୍ରହଣ କରଯାଉଥିବା ଜମିର ବଜାରମୂଲ୍ୟ ଆଧାରରେ କରାଯାଏ ଯଥା, (୧) ଯେଉଁଠାରେ ଜମି ଅବସ୍ଥିତ ସେଠାରେ ବିକ୍ରି କବଲା କିମ୍ବା ବିକ୍ରୀ ଉଦ୍ଦେଶ୍ୟରେ କରାଯାଇଥିବା ବୁଝାମଣା ପତ୍ର ଆଦି ଯେ, କୌଣସି ଉଦ୍ଦେଶ୍ୟରେ ପଞ୍ଜିକରଣ ନିମନ୍ତେ ୧୮୯୯ (୧୮୯୯ର ୨) ମୁତାବକ ଷ୍ଟାମ୍ପ ଆକ୍ଟରେ ଯଦି କୌଣସି ମୂଲ୍ୟ ଲିପିବଦ୍ଧ କରାଯାଇଥିବ; କିମ୍ବା (୨) ନିକଟବର୍ତ୍ତୀ ଗ୍ରାମ କିମ୍ବା ନିକଟବର୍ତ୍ତୀ

ଅଞ୍ଚଳରେ ଥିବା ସମାନ ପ୍ରକାର ଜମିର ହାରାହାରି ବିକ୍ରୟ ମୂଲ୍ୟ ; କିମ୍ବା (୩) ଘରୋଇ କମ୍ପାନୀର ଭୂମି ଅଧିଗ୍ରହଣ ମାମଲାରେ କିମ୍ବା ସାର୍ବଜନୀନ ଓ ସରକାରଙ୍କ ଅଂଶିଦାର ପ୍ରକଳ୍ପର ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଭାଗ ୨ର ଅନୁଭାଗ ୨ ଅନୁଯାୟୀ ଯେଉଁ କ୍ଷେତ୍ରରେ ଅଧିକ ମୂଲ୍ୟ ନିର୍ଦ୍ଧାରିତ ହୋଇଥିବ ସେହି ଅନୁସାରେ ସ୍ୱିକୃତ ପରିମାଣର କ୍ଷତିପୂରଣ ପ୍ରଦାନ କରାଯିବ । ଧାରା ୧୧ ଅନ୍ତର୍ଗତ ବିଜ୍ଞପ୍ତି ଅନୁଯାୟୀ ବିଜ୍ଞାପନ ଜାରି କରାଯାଇଥିବା ତାରିଖକୁ ଜମିର ବଜାର ମୂଲ୍ୟର ତାରିଖ ବୋଲି ଧରାଯିବ ।

ଧାରା (୨) ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ କହିଲେ, ଯେଉଁଠାରେ ଜମି ଅଧିଗ୍ରହଣ କରାଯାଉଛି ସେହି ଗ୍ରାମରେ କିମ୍ବା ଆଖପାଖରେ ଥିବା କୌଣସି ଗ୍ରାମରେ ସେହି ସମାନ ପ୍ରକାରର ଜମିର ବିକ୍ରୟ କବଲାରେ କିମ୍ବା ବିକ୍ରୟ ନିମନ୍ତେ କରାଯାଇଥିବା କୌଣସି ବୁଝାମଣା ପତ୍ରରେ ଉଲ୍ଲେଖ କରା ଯାଇଥିବା ମୂଲ୍ୟ ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ ସ୍ଥିର କରାଯିବ ।

ହାରାହାରି ବିକ୍ରୟ ମୂଲ୍ୟ ସ୍ଥିର କରିବା ନିମନ୍ତେ ବିକ୍ରୟ କବଲାରେ କିମ୍ବା ବିକ୍ରୟ ନିମନ୍ତେ କରାଯାଇଥିବା କୌଣସି ବୁଝାମଣା ପତ୍ର ଯେଉଁଥିରେ ଅଧିକ ମୂଲ୍ୟ ଉଲ୍ଲେଖ କରାଯାଇଥିବ ସେଥିରୁ ସମୁଦାୟ ଜମିର ଦେଢ଼ ଗୁଣ ଜମି ବିଚାରକୁ ନିଆଯିବ ।

**କ. ପୁନର୍ବାସ ଓ ଥଇଥାନ ପ୍ରକ୍ରିୟା:-** ପୁନର୍ବାସ ଓ ଥଇଥାନ ଅଧିନିୟମରେ ଥିବା ବିଭିନ୍ନ ପ୍ରବନ୍ଧନ ଗୁଡିକ ପ୍ରତ୍ୟେକ ପ୍ରଭାବିତ ପରିବାର ନିମନ୍ତେ ଲାଗୁ କରାଯିବ । ଜମି ଅଧିଗ୍ରହଣ ନିମନ୍ତେ ପ୍ରାରମ୍ଭିକ ବିଜ୍ଞପ୍ତି ଥରେ ଜାରି ହୋଇଯିବା ମାତ୍ରେ, ଜଣେ ପ୍ରଶାସକ ନିଯୁକ୍ତ ହେବେ ଏବଂ ସେ ସର୍ବେକ୍ଷଣ କାର୍ଯ୍ୟ କରିବା ସହିତ ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତ କରିବେ । ଏହାପରେ ଜମି ଅଧିଗ୍ରହଣ କରାଯାଉଥିବା ଅଞ୍ଚଳର ପଞ୍ଚାୟତ/ଏନ୍ ଏ ସି/ ପୌରପାଳିକା/ ନଗରନିଗମ ରେ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯିବ । ପୁନର୍ବାସ ଓ ଥଇଥାନ ଯୋଜନା ସମ୍ବନ୍ଧରେ ଯଦି କୌଣସି ଆପତ୍ତି ଆଭିଯୋଗ ଥାଏ ସେ ବିଷୟରେ ପ୍ରଶାସକ ଶୁଣାଣି କରିବେ । ଏହାପରେ ପ୍ରଶାସକ ଏକ ବିବରଣୀ ପ୍ରସ୍ତୁତ କରିବେ ଏବଂ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ । ଥରେ ଜିଲ୍ଲାପାଳ ଏହି ପୁନର୍ବାସ ଓ ଥଇଥାନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିବାପରେ, ସରକାର ପୁନର୍ବାସ ଓ ଥଇଥାନ ଉଦ୍ଦେଶ୍ୟରେ ଆବଶ୍ୟକ ଜମିକୁ ଚିହ୍ନଟକରିବା ନିମନ୍ତେ ଗୋଟିଏ ବିଜ୍ଞପ୍ତି ଜାରି କରିବେ । ଏହାପରେ ପ୍ରଶାସକ ଯୋଜନାଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଦାୟୀ ରହିବେ । କମିଶନର ଯୋଜନା କାର୍ଯ୍ୟକାରିତା କୁ ନିରିକ୍ଷଣ କରିବେ । *ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ୦.୮୦ ଏକର ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମତି ପ୍ରଦାନ କରାଯିବା ପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।*

### ୧.୫.୨ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ, ୨୦୧୬

ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ର ଭାଗ ୧୦୯ ଉପଭାଗ (୧) ରେ ପ୍ରଦାନ କରାଯାଇଥିବା ଅନୁଯାୟୀ, ଓଡିଶା ସରକାର ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା,

ପୁନର୍ବାସ ଓ ଥଇଥାନ ନିୟମ, ୨୦୧୫ ନିୟମ ପ୍ରଣୟନ କରିଛନ୍ତି । ଏହି ନିୟମ ସାମାଜିକ ଆକଳନ ଅଧ୍ୟୟନ ସମୟରେ ଅନୁସରଣ କରାଯାଇଥିଲା ।

**ଅଧିନିୟମର ଧାରା ୬** ଅନୁଯାୟୀ, ଓଡିଶା ସରକାର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ୍ ସି ଡି ଏସ୍)କୁ ଏକ ସ୍ୱାଧିନ ଅନୁଷ୍ଠାନ ରାଜ୍ୟ ଏସ୍ ଆଇ ଏ ୟୁନିଟ ହିସାବରେ ଓଡିଶାରେ ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ମନୋନୋତ କରଛନ୍ତି ଏବଂ ଏସ୍ ଆଇ ଏ ୟୁନିଟକୁ ସହଯୋଗ କରିବା ନିମନ୍ତେ ସମ୍ପାଦକ, ଆର ଏଣ୍ଡ ଆର୍ ରାଜ୍ୟ ସ୍ତରରେ ମୂଖ୍ୟ ଅଧିକାରୀ ହିସାବରେ କାର୍ଯ୍ୟ କରିବେ । ରାଜ୍ୟ ଏସ୍ ଆଇ ଏ ୟୁନିଟ, ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ କ୍ଷମତାସମ୍ପନ୍ନ ଭାଗୀଦାର ଚୟନ, ପ୍ରକଳ୍ପ ନିର୍ଦ୍ଦିଷ୍ଟ ସର୍ତ୍ତ ସମ୍ବନ୍ଧିତ କାଗଜପତ୍ର ପ୍ରସ୍ତୁତି, ସାମାଜିକ ଆକଳନ ଅଧ୍ୟୟନ ଦଳର ତାଲିମ ଏବଂ କ୍ଷମତାରେ ଅଭିବୃଦ୍ଧି ସମ୍ବନ୍ଧିତ କାର୍ଯ୍ୟକ୍ରମ, ସାମାଜିକ ଆକଳନ ଅଧ୍ୟୟନର ଗୁଣବତ୍ତାର ମୂଲ୍ୟାୟନ ଓ ସଶକ୍ତିକରଣ ଇତ୍ୟାଦି କାର୍ଯ୍ୟ ହାତକୁ ନେବ ।

**ଅଧିନିୟମର ଧାରା** ୮ ଅନୁଯାୟୀ, ଓଡିଶା ସରକାର ସାମାଜିକ ଆକଳନ ଅଧ୍ୟୟନର ୩୦ ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବେ । ଏହି ସନ୍ଦର୍ଭରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଖୋର୍ଦ୍ଧା ଜିଲ୍ଲାର, ଭୁବନେଶ୍ୱର ତହସିଲର ଜାଗମରା ଗ୍ରାମଠାରେ ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ ଯଥାର୍ଥ ବିଜ୍ଞପ୍ତି ନମ୍ବର ଆର ଡି ଏମ୍/ଏଲ୍ ଏ ଏ/କେ ଏଚ୍ ଡି /୦୦୦୨/୨୦୧୮-୨୦୧୩୨ ଆର୍ ଆଣ୍ଡ ଡି ଏମ୍ ତା- ୧.୬.୨୦୧୮ (ପରିଶିଷ୍ଟ-କ ରେ ସଂଲଗ୍ନ) ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

**ଅଧିନିୟମର ଧାରା ୯ରେ** କୁହାଯାଇଛି ସାମାଜିକ ଆକଳନ ଅଧ୍ୟୟନ ପଞ୍ଚାୟତ/ମୁନିସିପାଲିଟି ସହ ବିଚାର ବିମର୍ଷ ପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରସ୍ତୁତ କରାଯିବ ଏବଂ ଅଧ୍ୟୟନର ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ସହ ଦାଖଲ କରାଯିବ । ଏହି ମର୍ମରେ ଏରା କନସଲଟାନ୍ସୀ ପ୍ରାଇଭେଟ ଲିମିଟେଡ୍ ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅଧ୍ୟୟନ ପୂର୍ବରୁ ସର୍ବେକ୍ଷଣ ଗ୍ରାମଗୁଡିକୁ ବୁଲିଛନ୍ତି ଏବଂ ମୂଖ୍ୟ ଲୋକମାନଙ୍କୁ ଭେଟିଛନ୍ତି । ଆହୁରିମଧ୍ୟ, ସାମାଜିକ ଅଧ୍ୟୟନ ବିବରଣୀ ଫର୍ମ – ଘ ଏବଂ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ଫର୍ମ – ଙ ରେ ପ୍ରସ୍ତୁତ କରାଯାଇଛି ।

**ଅଧିନିୟମର ଧାରା ୧୧ ରେ** ଅଧ୍ୟୟନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରତିଫଳିତ କରୁଛି, ଯାହାକୁ କି ଅଧ୍ୟୟନ କରିବା ସମୟରେ ଏରା କନସଲଟାନ୍ସୀ ପ୍ରାଇଭେଟ ଲିମିଟେଡ୍ ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅନୁସରଣ କରିଥିଲେ । ଘରବାରି ଜମି ଅଧିଗ୍ରହଣ ଓ ପରିବାରଗୁଡିକର ବିସ୍ଥାପନ ସମୟରେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ପ୍ରଭାବିତ ପରିବାରଗୁଡିକର ପ୍ରସ୍ତାବିତ ପରିବର୍ତ୍ତିତ ବାସସ୍ଥଳିକୁ ବୁଲି ଦେଖିଛନ୍ତି ଏବଂ ଏବଂ ସେମାନଙ୍କ ସାମାଜିକ ଅର୍ଥନୈତିକ ଅବସ୍ଥାକୁ ଦେଖିଛନ୍ତି ।

**ଅଧିନିୟମର ଧାରା ୧୨** ଅନୁଯାୟୀ, ସାମାଜିକ ପ୍ରଭାବ ପ୍ରଶମନ ଯୋଜନା, ଗଣନା କରାଯାଇଥିବା ଏବଂ ବିସ୍ଥାପିତ ହେଉଥିବା ପ୍ରତ୍ୟେକ ପରିବାରର ପୁନର୍ବାସ ଓ ଥଇଥାନ ପ୍ରାପ୍ୟ ସମ୍ବନ୍ଧିୟ ସୂଚୀ ପ୍ରସ୍ତୁତ କରି ସଂଲଗ୍ନ କରିବେ ।

**ଅଧିନିୟମର ଧାରା ୧୪** ସୂଚିତ କରୁଛି ଯେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରାପ୍ତ ହୋଇଥିବା ତଥ୍ୟ ସମ୍ବନ୍ଧରେ ପ୍ରତିକ୍ରିୟା ଜାଣିବା ନିମନ୍ତେ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣିର ଆୟୋଜନ କରାଯିବ ଏବଂ ଚୂଡାନ୍ତ ବିବରଣୀରେ ଯୋଗ କରିବାନିମନ୍ତେ ସେଠାରେ ଅତିରିକ୍ତ/ଛାଡି ଦିଆଯାଇଥିବା ସୂଚନାଗୁଡିକ ମଧ୍ୟ ସଂଗ୍ରହ କରାଯିବ । ନିୟମ ଅନୁଯାୟୀ ଚିଠା ବିବରଣୀ ଦାଖଲ କରିବା ପରେ ଜନଶୁଣାଣିର ଆୟୋଜନ କରାଯିବ ।

### ୧.୫.୩ ଜମି ଅଧିଗ୍ରହଣ ଅଧିନିୟମ ୧୮୯୪

ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ପୁନର୍ବାସ ଓ ଥଇଥାନ କାର୍ଯ୍ୟକୁ ସୁଗମ କରିବାକୁ ଭାରତରେ ପ୍ରବର୍ତ୍ତିତ ସବୁଠାରୁ ପ୍ରାସଙ୍ଗିକ ଅଧିନିୟମ, ଯାହାକି ୧୯୮୪ ମସିହାରେ ସଂଶୋଧିତ ହୋଇଥିଲା । ସରକାରଙ୍କ ଦ୍ୱାରା ବେସରକାରୀ ସମ୍ପତ୍ତି ଅଧିଗ୍ରହଣ ଓ କ୍ଷତିପୂରଣ ନିର୍ଦ୍ଧାରଣ କରିବା ନିମନ୍ତେ ଏହି ଅଧିନିୟମର ଯଥେଷ୍ଟ ପ୍ରାସଙ୍ଗିକତା ଅଛି । ଏହି ଅଧିନିୟମ ସୁନିଶ୍ଚିତ କରେ କି, କୌଣସି ବ୍ୟକ୍ତି ଭୂମିରୁ ବଞ୍ଚିତ ନୁହନ୍ତି । ପ୍ରକୃତ ଅଧିଗ୍ରହଣ ପୂର୍ବରୁ ଏହା ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କ ଠାରୁ ଶୁଣିବାକୁ ସୁଯୋଗ ପ୍ରଦାନ କରିଥାଏ ।

**ଅଧିନିୟମର ଧାରା ୨୩** ରେ ବଜାର ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ସମ୍ବନ୍ଧରେ ଆଲୋଚନା କରାଯାଇଛି, "ବିଜ୍ଞପ୍ତି ପ୍ରକାଶନ ତାରିଖ" ଅନୁଯାୟୀ ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ କରାଯିବ । ଜମି ଅଧିଗ୍ରହଣ ପୂର୍ବରୁ ଅଧିନିୟମରେ ବର୍ଣ୍ଣନା କରାଯାଇଥିବା ପ୍ରାବଧାନ ଗୁଡିକୁ ଅନୁସରଣ କରିବାକୁ ପଡିବ, ଯେଉଁଥିରେ ସଂଲଗ୍ନ ଅଛି : (୧) ପ୍ରାରମ୍ଭିକ ବିଜ୍ଞପ୍ତି (ଧାରା ୪): (୨) ବିଜ୍ଞପ୍ତି ପ୍ରକାଶନ (ଧାରା ୬): (୩) ଆଗ୍ରହୀ ବ୍ୟକ୍ତିମାନଙ୍କୁ ସୂଚନା ପ୍ରଦାନ (ଧାରା ୯): (୪) ଅନୁସନ୍ଧାନ ଏବଂ ଅଧିନିର୍ଣ୍ଣୟ (ଧାରା ୧୧): ଏବଂ (୫) ଦଖଲ (ଧାରା ୧୬): ।

ଭୂମି ଅଧିଗ୍ରହଣ ଅଧିନିୟମର ମୁଖ୍ୟ ଉପାଦାନ ଗୁଡିକ ହେଲା: ଏହି ଉଦ୍ଦେଶ୍ୟରେ ଚିହ୍ନଟ କରାଯାଇଥିବା ଜମିକୁ ଭୂମି ଅଧିଗ୍ରହଣ ଅଧିନିୟମ ଭାଗ ୪ ଅନୁଯାୟୀ ବିଜ୍ଞାପନ ପ୍ରକାଶନ କରିବା ଉଦ୍ଦେଶ୍ୟରେ ସଂରକ୍ଷିତ ରଖାଯାଏ । ଥରେ ଅଧିନିୟମର ଭାଗ ୪ ଅନୁଯାୟୀ ସଂରକ୍ଷିତ ରଖାଗଲେ, ସେହି ଜମିକୁ ଭବିଷ୍ୟତରେ ବିକ୍ରୟ କିମ୍ବା ହସ୍ତାନ୍ତର କରିବାକୁ ଅନୁମତି ପ୍ରଦାନ କରାଯିବ ନାହିଁ । ଏହାପରେ ଏହି ଜମିକୁ ଭୂମି ଅଧିଗ୍ରହଣ ଅଧିନିୟମ ଧାରା ୬ ଅନୁଯାୟୀ ସଂରକ୍ଷିତ ରଖାଯିବ ।  ଏହା ଏକ ଘୋଷଣା ଯେ ସରକାର ଭୂମି ଅଧିଗ୍ରହଣ କରିବାକୁ ଇଚ୍ଛା କରୁଛନ୍ତି । ଜିଲ୍ଲାପାଳଙ୍କୁ ଜମି ଅଧିଗ୍ରହଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇ ଜମିକୁ ଧାରା ୯ ଅନୁଯାୟୀ ସଂରକ୍ଷିତ ରଖାଯାଏ । ଏହାପରେ ଆଗ୍ରହୀ ଦଳକୁ ସେମାନଙ୍କର ଆଗ୍ରହ ଓ ଦର ସମ୍ବନ୍ଧରେ ପ୍ରକାଶ କରିବାକୁ ପ୍ରସ୍ତାବ ଦିଆଯାଏ । ଧାରା ୧୧ ଅନୁଯାୟୀ, ଜିଲ୍ଲାପାଳ ଘୋଷଣା ପ୍ରକାଶ ତାରିଖର ୨ ବର୍ଷ ମଧ୍ୟରେ ତାଙ୍କର ଅଧିନିର୍ଣ୍ଣୟ (ଫଏସଲା) ପ୍ରଦାନ କରିବେ । ନଚେତ, ଅଧିଗ୍ରହଣର ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇଯିବ । ଅଧିନିର୍ଣ୍ଣୟର ୬ ସପ୍ତାହ ମଧ୍ୟରେ ପ୍ରଦାନ କରାଯାଇଥିବା ମୂଲ୍ୟ  ଉପରେ ଅସହମତି ପ୍ରକାଶ ପାଇଲେ ଆଗ୍ରହୀ ଦଳ (ଧାରା ୧୮ ଅନୁଯାୟୀ) ଜିଲ୍ଲାପାଳଙ୍କୁ କ୍ଷତିପୂରଣ ଅର୍ଥ ବାବଦରେ ଅନ୍ତିମ ନିର୍ଣ୍ଣୟ ନେବା ପାଇଁ ମାମଲାକୁ ନ୍ୟାୟାଳୟକୁ ପଠାଇବା ନିମନ୍ତେ ଅନୁରୋଧକରି ପାରିବେ । ପ୍ରକଳ୍ପ ଅଧିକାରୀଙ୍କ

ଦ୍ୱାରା, ଜମି ଏବଂ ସେଥିରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମ ନିମନ୍ତେ (ଯଥା ଘର, କୁଅ, ଗଛ, ଝରଣା ଇତ୍ୟାଦି) କ୍ଷତିପୂରଣ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଜମି ମାଲିକମାନଙ୍କୁ ପ୍ରଦାନ କରାଯିବ । ଏହି ଅଧିନିୟମଟି ଆମ ଦେଶରେ ଅନେକ ଦିନ ହେବ ଚଳି ଆସୁଛି । ଏହି ଅଧିନିୟମରେ ଥିବା ଦୁର୍ବଳତାକୁ ଅନୁଧ୍ୟାନକରି ଭାରତ ସରକାର ଏକ ନୂତନ ଅଧିନିୟମ "ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ ୨୦୧୩" (ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ) ଯାହାକି ପୂର୍ବ ନିୟମ ଏଲ୍ ଏ ଏ ୧୮୯୪ ବଦଳରେ ଲାଗୁ କରଗଲା । କିନ୍ତୁ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣର ମୋଟାମୋଟି ପ୍ରକ୍ରିୟା ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ରୁ ହିଁ ଉଦ୍ଧୃତ କରାଯାଇଛି ।

### ୧.୫.୪ ଓଡିଶା ପୁନର୍ବାସ ଓ ଥଇଥାନ ନୀତି-୨୦୦୬ :

ପୁନର୍ବାସ ଓ ଥଇଥାନ ନୀତି ୨୦୦୬ର ଅନୁଚ୍ଛେଦ ୧୩ ର ପ୍ରାବଧାନ ଅନୁଯାୟୀ, ଓଡିଶା ସରକାରଙ୍କ ଦ୍ୱାରା ବୈଧ ସଂକଳ୍ପନାମା ତା-୨୮.୭.୨୦୧୪ ଅନୁଯାୟୀ ସଂଶୋଧିତ ମୂଲ୍ୟ ଜାରୀ କରାଯାଇଛି ଏବଂ ନିଜେ ନିଜର ପୁନର୍ବାସ ଓ ଥଇଥାନ; ନିଯୁକ୍ତି ବଦଳରେ ଗୃହ ନିର୍ମାଣ ସହାୟତା ଏବଂ ଏକକାଳୀନ ସହାୟତା; ଚାଷ ଜମି ନିମନ୍ତେ ସହାୟତା, ଅସ୍ଥାୟୀ ଗୃହ ନିର୍ମାଣ, ପରିବହନ ଭତ୍ତା ଇତ୍ୟାଦି ନିମନ୍ତେ ନୂତନ ଦର ନିର୍ଦ୍ଧାରଣ କରାଯାଇଛି । ଏହି ନିୟମର ଉଦ୍ଦେଶ୍ୟ ହେଲା ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକୁ ସମର୍ଥନ ପ୍ରଦାନ କରିବା ଓ ହିତାଧିକାରିମାନଙ୍କ ଦୃଷ୍ଟିଭଂଗୀ ମୁତାବକ କ୍ଷତିପୂରଣ ନିର୍ଣ୍ଣୟ ।

# ଅଧ୍ୟାୟ – ୨:
# ଅଧ୍ୟୟନର ପୃଷ୍ଠଭୂମି, ଉଦ୍ଦେଶ୍ୟ ଏବଂ କାର୍ଯ୍ୟପଦ୍ଧତି

## ୨.୧ ଅଧ୍ୟୟନର ପୃଷ୍ଠଭୂମି

ଭାରତ ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ" (RTFCTLARR Act 2013) ଅନ୍ତର୍ଗତ (ଧାରା-୪(୧) ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ବାହାଦଲପୁର ଗ୍ରାମର ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ଅଧ୍ୟୟନ କରାଯାଇଥିଲା । ଭାରତ ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ" (RTFCTLARR Act 2013) ଅନ୍ତର୍ଗତ (ଧାରା-୪(୧) ଅନୁଯାୟୀ ଯେ କୌଣସି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ନିମନ୍ତେ ଜମି ଅଧିଗ୍ରହଣ କରିବା ପୂର୍ବରୁ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ଅଧ୍ୟୟନ ବାଧ୍ୟତାମୂଳକ ଅଟେ । ଏହି ପରିପ୍ରେକ୍ଷୀରେ, ଓଡିଶା ସରକାର ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଭାବରେ 'ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର' ନାମକ ଏକ ସଂସ୍ଥାକୁ ଚୟନ କରିଛନ୍ତି, ଯେକି ଓଡିଶାର ବିଭିନ୍ନ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କାର୍ଯ୍ୟକୁ ପରିଚାଳନା କରିବ । ସେହିପରି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଅନେକ ଗୁଡିଏ ସଂସ୍ଥାକୁ ତାଙ୍କର ପରାମର୍ଶ ଦାତା ସଂସ୍ଥା ଭାବରେ ଅଧ୍ୟୟନ କାର୍ଯ୍ୟ ସମାପନ କରିବାକୁ ତାଲିକାଭୁକ୍ତ କରିଛନ୍ତି । ବର୍ତ୍ତମାନର ଏହି ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ, ଖୋର୍ଦ୍ଧା ଡିଭିଜନରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟ ପରିଚାଳନା କରିବାକୁ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍ ,ଭୁବନେଶ୍ୱର କୁ ପରାମର୍ଶ ଦାତା ସଂସ୍ଥା ଭାବରେ ମନୋନିତ କରି ନିୟୋଜିତ କରିଛନ୍ତି ।

ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପୂର୍ବରୁ, ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ନିମନ୍ତେ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ବୈଧ ବିଜ୍ଞପ୍ତି ନମ୍ବର ଆର ଡି ଏମ୍/ଏଲ୍ ଏ ଏ/କେ ଏଚ୍ ଡି /୦୦୦୨/୨୦୧୮-୨୦୧୩୨ ଆର୍ ଆଣ୍ଡ ଡି ଏମ୍ ତା-୧.୬.୨୦୧୮ରେ ସାଧାରଣରେ ବିଜ୍ଞପ୍ତି ପ୍ରକାଶ କରା ଯାଇଥିଲା । ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ତହସିଲର ବାହାଦଲପୁର ଗ୍ରାମରେ ସମୁଦାୟ ୦.୦୮୦ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ ।

## ୨.୨ ଅଧ୍ୟୟନର ଉଦ୍ଦେଶ୍ୟ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା;

୧. ପ୍ରଭାବିତ ଗ୍ରାମଗୁଡିକରେ ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ କି ନୁହେଁ ତାହା ଆକଳନ କରିବା ।

୨. ପ୍ରଭାବିତ ପରିବାର ସଂଖ୍ୟା, ପରିବାରର ପ୍ରକୃତ ଜମିଧାରଣ ପରିମାଣ ଆଧାରରେ କ୍ଷତିର ଭୟାବହତା ଏବଂ ଜମି ଅଧିଗ୍ରହଣ ହେତୁ କେତେ ପରିବାର ଶାରୀରିକ ବା ବୃତ୍ତିଗତ ଭାବେ ବାସଚ୍ୟୁତ ହେବେ ତାହାର ଆକଳନ କରିବ ।

୩. ପ୍ରସ୍ତାବିତ ଅଧିଗ୍ରହଣ ହେତୁ ପ୍ରଭାବିତ ହେବାକୁ ଯାଉଥିବା ବ୍ୟକ୍ତିଗତ ବା ସାର୍ବଜନିକ ଜମି, ଘରବାରି ବା ବସ୍ତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତିର ପରିମାଣ ନିର୍ଦ୍ଧାରଣ ।

୪. ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ପ୍ରକଳ୍ପ ସ୍ଥାପନ ପାଇଁ ନିହାତି ଆବଶ୍ୟକ କି ନୁହେଁ ତାହା ପରୀକ୍ଷା କରିବା ।

୫. ଅନ୍ୟ ଏକ ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଥିଲା, ଯେଉଁଠାରେ ସାମାନ୍ୟ ପରିମାଣର ବିସ୍ଥାପନ ହେବ, କିନ୍ତୁ ସେହି ସ୍ଥାନ ପ୍ରକଳ୍ପ ନିମନ୍ତେ ଉପଯୁକ୍ତ ହୋଇପାରିଲା ନାହିଁ, ତାହାର ଯାଞ୍ଚ କରିବା ।

## ୨.୩ ଅଧ୍ୟୟନ ଦଳ

ଏହି ସମର୍ପିତ କାର୍ଯ୍ୟଟିକୁ ତ୍ୱରାନ୍ୱିତ କରିବା ନିମନ୍ତେ, ଅନୁଭବୀ ଅନୁସନ୍ଧାନ ଯାଞ୍ଚକାରୀମାନଙ୍କର ଏକ ଦଳ ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱର ,ଦ୍ୱାରା ଗଠନ କରାଯାଇଥିଲା । ଅଧ୍ୟୟନ ଦଳ ସାକ୍ଷାତକାର ଅନୁସୁଚୀ ତିଆରି, ହିତାଧିକାରୀମାନଙ୍କ ସହ ବିଚାର ବିମର୍ଷ, ଜନଗଣନା ପ୍ରକ୍ରିୟାରେ ପ୍ରଭାବିତ ପରିବାରଗୁଡିକର ସର୍ବେକ୍ଷଣ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା ପ୍ରକ୍ରିୟାରେ ସହାୟତା କରିବା, ସାମାଜିକ ଓ ସମ୍ବଳ ମାନଚିତ୍ର ପ୍ରସ୍ତୁତି, ସମଭାବାପନ୍ନ ସରକାରୀ ବିଭାଗମାନଙ୍କ ନିକଟରୁ ପରୋକ୍ଷ ତଥ୍ୟ ସଂଗ୍ରହ, ପରିବାରଗୁଡିକ ନିକଟରୁ ସଂଗୃହିତ ତଥ୍ୟ ସମ୍ବଳିତ ସୂଚୀଗୁଡିକର ଯାଞ୍ଚ ଆଦି ବିଷୟଗୁଡିକ ପ୍ରତି ଧ୍ୟାନ ଦେଇଥିଲା । କ୍ଷେତ୍ର ସ୍ତରରେ ଅଧ୍ୟୟନ କାର୍ଯ୍ୟ ଏବଂ ସାରଣୀ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ପରେ ଅଧ୍ୟୟନ ଦଳ ଏବଂ କ୍ଷେତ୍ର ସ୍ତରରେ ପରିଲକ୍ଷିତ ହୋଇଥିବା ବିବରଣୀ ଆଧାରରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିବରଣୀ ଲେଖିବା କାର୍ଯ୍ୟ ଆରମ୍ଭ ହୋଇଥିଲା । ଅଧ୍ୟୟନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସମ୍ପୃକ୍ତ ସଭ୍ୟମାନଙ୍କ ନାମ ନିମ୍ନରେ ପ୍ରଦାନ କରାଯାଇଛି

**ସାରଣୀ ୧: ଅଧ୍ୟୟନ ଦଳର ସଦସ୍ୟମାନଙ୍କ ବିବରଣୀ**

| କ୍ର. ସଂ | କର୍ମଚାରୀଙ୍କ ନାମ | ପଦବି | ଅଭିଜ୍ଞତା |
|---|---|---|---|
| ୧ | ଡ. ଆଭାସ ପଣ୍ଡା | ଉପଦେଷ୍ଟା | ଏମ୍. ଏ. ପି. ଏଚ୍. ଡି (ସମାଜ ବିଜ୍ଞାନ) |
| ୨ | ରାଜେନ୍ଦ୍ର ପ୍ରସାଦ ପାତ୍ର | ଦଳମୁଖ୍ୟ | ଏମ୍. ଏ. (ଅର୍ଥନୀତି) ପି. ଏଚ୍. ଡି ଥେସିସ୍ ଦାଖଲ କରାଯାଇଛି) |
| ୩ | ବ୍ରଜବିହାରୀ ମିଶ୍ର | ଗବେଷଣା ପର୍ଯ୍ୟବେକ୍ଷକ | ବିଏ, ବି ଇ ଡି. |
| ୪ | ଶ୍ରୀଯୁକ୍ତ ବନମାଳୀ ସାହୁ | ଅନ୍ୱେଷଣକାରୀ | ଏମ୍ ଏସ୍ ଡବ୍ଲ୍ୟୁ |
| ୫ | ବିରକିଶୋର ଦାସ | କମ୍ପ୍ୟୁଟର ଅପରେଟର୍ | ବିଏ, ବି ଇ ଡି., ପି ଜି ଡି ସି ଏ |

## ୨.୪ କାର୍ଯ୍ୟ ପଦ୍ଧତି

ସାମାଜିକ ଆକଳନ ଅଧ୍ୟୟନର ପ୍ରାବଧାନ ଅନୁଯାୟୀ ଏହି ଅଧ୍ୟୟନରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକୁ ସର୍ବେକ୍ଷଣ କରିବା ନିମନ୍ତେ 'ଜନଗଣନା ସର୍ବେକ୍ଷଣ ବିଧି' ଏବଂ ପରୋକ୍ଷଭାବେ ପ୍ରଭାବିତ ପରିବାରଗୁଡିକୁ ସର୍ବେକ୍ଷଣ କରିବା ନିମନ୍ତେ 'ନମୁନା ସର୍ବେକ୍ଷଣ ବିଧି' ପ୍ରଣାଳୀ ଅନୁସରଣ କରାଯାଇଥିଲା । ଏହି ଅଧ୍ୟୟନରେ ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ଯଥା; ସାମାଜିକ ମାନଚିତ୍ର, ସମ୍ବଳ ମାନଚିତ୍ର ଏବଂ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସହ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ପଦ୍ଧତି ମଧ୍ୟ ଅନୁସରଣ କରାଯାଇଥିଲା । ଅଧ୍ୟୟନ କାର୍ଯ୍ୟ ପଦ୍ଧତିର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

### ୨.୪.୧ ପରୋକ୍ଷ ତଥ୍ୟ ସମ୍ବଳିତ ପ୍ରବନ୍ଧଗୁଡିକର ସମୀକ୍ଷା

ଏସ୍ ଆଇ ଏ ର ପୃଷ୍ଠଭୂମି ସମ୍ବନ୍ଧରେ ତଥ୍ୟ ଜାଣିବା ନିମନ୍ତେ କାର୍ଯ୍ୟାଳୟରେ ବ୍ୟାପକ ଅନୁସନ୍ଧାନ କାର୍ଯ୍ୟ କରାଯାଇଥିଲା । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପଦ୍ଧତି, ପରିଚାଳନା ଯୋଜନା ଏବଂ ଜନଶୁଣାଣି ଇତ୍ୟାଦି ସମ୍ବନ୍ଧରେ ଜ୍ଞାତହେବା ଉଦ୍ଦେଶ୍ୟରେ ଅନେକ ଗୁଡିଏ ପରୋକ୍ଷ ତଥ୍ୟ ସମ୍ବଳିତ କାଗଜପତ୍ର/ପତ୍ରିକା, ଅଧ୍ୟୟନ ବିବରଣୀ, ସମ୍ବନ୍ଧିତ ସରକାରୀ ଅଧିନିୟମ /ନୀତି , ଗବେଷଣା ପ୍ରକାଶନ ଗୁଡିକର ସମୀକ୍ଷା କରାଯାଇଥିଲା । ଏଥିସହିତ, ସମଗ୍ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପଦ୍ଧତିରେ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ ସୂଚନା ଏବଂ ପରିସଂଖ୍ୟାନ ତଥ୍ୟର ଉତ୍ସକୁ ଅନୁସରଣ କରାଯାଇଥିଲା ।

### ୨.୪.୨ କ୍ଷେତ୍ର ପରିଦର୍ଶନ, ବିଚାର ବିମର୍ଶ ଏବଂ ସୂଚନା ପ୍ରସାର

ଅଞ୍ଚଳ ସମ୍ବନ୍ଧରେ ଅବଗତ ହେବା ନିମନ୍ତେ ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାର ଗବେଷଣା ଦଳର ସଦସ୍ୟମାନେ ଅଧ୍ୟୟନ ଅଞ୍ଚଳକୁ ଅନେକ ଥର ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ଦଳ, ମୂଖ୍ୟ ହିତାଧିକାରୀ ଯଥା:- ଆଞ୍ଚଳିକ ଭୂଅର୍ଜନ ଅଧିକାରୀ, ସମ୍ପୃକ୍ତ ତହସିଲଦାର, ପି ଆର ଆଇ ସଭ୍ୟ, ବିଜ୍ଞ ଓ ପ୍ରଭାବଶାଳୀ ଗ୍ରାମବାସୀ ଇତ୍ୟାଦିଙ୍କ ସହ ଆଲୋଚନା କରିଥିଲେ । ପ୍ରଭାବିତ ହେଉଥିବା ଅଧ୍ୟୟନ ଅଞ୍ଚଳରେ ଗୋଷ୍ଠୀସ୍ତରରେ ବୈଠକ କରି କାର୍ଯ୍ୟ ଆରମ୍ଭ କରିଥିଲେ । ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ପ୍ରକଳ୍ପର ଉନ୍ନତି ସମ୍ପର୍କିତ ସୂଚନା ଏବଂ ସର୍ବେକ୍ଷଣ ପ୍ରକ୍ରିୟା ସମ୍ବନ୍ଧରେ ଗ୍ରାମଗୋଷ୍ଠୀ ସହ ଆଲୋଚନା କରିଥିଲେ । କେଉଁ ସବୁ ନଥିପତ୍ରର ଆବଶ୍ୟକତା ଅଛି ତାକୁ ଚିହ୍ନଟ କରି ସର୍ବେକ୍ଷଣ ନିମନ୍ତେ ପ୍ରସ୍ତୁତ କରି ରଖିବେ ତାହା ସେମାନଙ୍କୁ ଜଣାଇ ଦିଆ ଯାଇଥିଲା ।

### ୨.୪.୩ ଜନଗଣନା ଓ ବିସ୍ତାରିତ ପରିବାରର ଅନ୍ୱେଷଣ

ପ୍ରକୃତ ପରିବାରଗୁଡିକର ସାମାଜିକ ଅର୍ଥନୈତିକ ସର୍ବେକ୍ଷଣ କରିବା ପୂର୍ବରୁ, ଗ୍ରାମୱାରି ଖତିୟାନ ମୁତାବକ ଜମି ମାଲିକମାନଙ୍କ (ପ୍ରସ୍ତାବିତ ପ୍ରକଳ୍ପ ହେତୁ ପ୍ରଭାବିତ) ନାମ ବିମାନ ବନ୍ଦର/ସରକାରଙ୍କ ଠାରୁ ସଂଗ୍ରହ କରାଯାଇଥିଲା । ଏହାପରେ ଏରା କନସଲଟାନ୍ସୀ ପ୍ରାଇଭେଟ୍ ଲିମିଟେଡ୍ ,ଭୁବନେଶ୍ୱର ସଂସ୍ଥାର ଅଧ୍ୟୟନ ଦଳ, କେବଳ ଯେ, ପ୍ରଦାନ

କରାଯାଇଥିବା ଖତିୟାନ ମୁତାବକ ଜମିମାଲିକମାନଙ୍କ (ଆର୍ ଓ ଆର୍) ସୂଚି ଅନୁଯାୟୀ ପ୍ରଭାବିତ ପରିବାରଗୁଡିକୁ ଚିହ୍ନଟ କରିଥିଲା, ତାହାନୁହେଁ ଆହୁରିମଧ, ସେଗୁଡିକୁ ପ୍ରକୃତ ଜମିମାଲିକ, ଠିକଣା, ଆଇନ ଅନୁମୋଦିତ କାଗଜପତ୍ରର ଦଖଲ ଏବଂ ଜମି ମାଲିକାନାର ସ୍ଥିତି ସମ୍ବନ୍ଧରେ ମଧ ସମୀକ୍ଷା କରିଥିଲା । ସେ ଯାହାହେଉ, ଏସ୍ ଆଇ ଏ ଦଳ ସାମାଜିକ ଆକଳନ ଅଧ୍ୟୟନ ନିୟମ ମୁତାବକ ପ୍ରଭାବିତ ଜମିର ସମସ୍ତ ଆଇନିଗତ ଅଂଶୀଦାରମାନଙ୍କ ସର୍ବେକ୍ଷଣ କରିଥିଲା । ତଦନୁଯାୟୀ, ଅଧ୍ୟୟନ ଦଳ ପ୍ରଭାବିତ ଜମି ଉପରେ ଆଇନିଗତ ଭାବରେ ଅଧିକାର ଥିବା ସମସ୍ତ ପରିବାରକୁ ଚିହ୍ନଟ କରିଥିଲା (ସେଥିମଧ୍ୟରୁ କେତେକ ପରିବାର ଅନ୍ୟ ସ୍ଥାନରେ ବାସ କରୁଛନ୍ତି ) । ଏହି ପ୍ରକ୍ରିୟାରେ ପ୍ରକୃତ ପରିବାର ସଂଖ୍ୟା ୬ ରୁ ବୃଦ୍ଧି ପାଇ ୮ ହେଉଛି ।

### ୨.୪.୪ ତଥ୍ୟ ସଂଗ୍ରହ

ହିତାଧିକାରୀ ଓ ଗ୍ରାମଗୋଷ୍ଠୀ ସଦସ୍ୟମାନଙ୍କ ସହ ନିକଟ ଆଲୋଚନା ପରେ ପରେ ପ୍ରଭାବିତ ପରିବାର ଗୁଡିକର ସାମାଜିକ ଅର୍ଥନୈତିକ ସ୍ଥିତି ଓ ତାଙ୍କ ଜୀବନ ଉପରେ ପ୍ରସ୍ତାବିତ ପ୍ରକଳ୍ପର ପ୍ରଭାବ ଜାଣିବା ନିମନ୍ତେ ସର୍ବେକ୍ଷଣ କରିବାକୁ ଚେଷ୍ଟା କରାଯାଇଥିଲା । ପ୍ରାଥମିକ ଉତ୍ସରୁ ଗୁଣାତ୍ମକ ଓ ପରିମାଣାତ୍ମକ ସୂଚନା ସଂଗ୍ରହ ନିମନ୍ତେ ଅନେକ ଗୁଡିଏ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଓ ଗ୍ରାମଗୋଷ୍ଠୀ ସଦସ୍ୟମାନଙ୍କ ସହ କ୍ରମାନ୍ୱୟ ଆଲୋଚନା କରାଯାଇଥିଲା । ପ୍ରକଳ୍ପ ସମ୍ବନ୍ଧରେ ସେମାନଙ୍କ ଦୃଷ୍ଟିକୋଣ ଓ ସେମାନଙ୍କ ଜୀବନ ଉପରେ ପ୍ରକଳ୍ପର କଣ ପ୍ରଭାବ ପଡିବ ତାହା ଜାଣିବା ନିମନ୍ତେ ନିର୍ଦ୍ଦିଷ୍ଟ ଭାବରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକ, ପଞ୍ଚାୟତ ସଦସ୍ୟ ଏବଂ ଗ୍ରାମଗୋଷ୍ଠୀର ସଦସ୍ୟମାନଙ୍କ ସହ ପ୍ରତ୍ୟେକ ଗ୍ରାମରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନା କରାଯାଇଥିଲା । ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ପ୍ରଭାବିତ ଲୋକମାନଙ୍କର ଧାରଣା ଓ ସଚେତନତା ସମ୍ବନ୍ଧରେ ଜାଣିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ପ୍ରଭାବିତ ଗ୍ରାମରେ ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି (ପି ଆର୍ ଏ ) ଯଥା ସାମାଜିକ ମାନଚିତ୍ର ଏବଂ ସମ୍ବଳ ମାନଚିତ୍ର ଆଦି ପ୍ରସ୍ତୁତ କରାଯାଇଥିଲା । ସାମାଜିକ ଢାଞ୍ଚା, ବିଭିନ୍ନ ଅନୁଷ୍ଠାନ ଓ ପ୍ରଭାବିତ ଗ୍ରାମରେ ମିଳୁଥିବା ଅନ୍ୟାନ୍ୟ ସୁବିଧା ସୁଯୋଗ ତଥା ଗ୍ରାମରେ ବାସ କରୁଥିବା ବିଭିନ୍ନ ପରିବାର ମଧ୍ୟରେ ଥିବା ସାମାଜିକ ଓ ଆର୍ଥିକ ତାରତମ୍ୟ ସମ୍ବନ୍ଧରେ ଜାଣିବା ନିମନ୍ତେ ସାମାଜିକ ମାନଚିତ୍ର ପ୍ରସ୍ତୁତ କରାଯାଇଥିଲା । ସେହିପରି ଗ୍ରାମରେ ଓ ଗ୍ରାମର ଚାରିପାଖରେ କଣ ସବୁ ପ୍ରାକୃତିକ ସମ୍ପଦ ଅଛି, ତାହାର ବ୍ୟବହାର ଏବଂ ସେହିସବୁ ପ୍ରାକୃତିକ ସମ୍ପଦ ଉପରେ ପ୍ରକଳ୍ପ ହେତୁ କଣ ପ୍ରଭାବ ପଡିବ ସେ ସମ୍ବନ୍ଧରେ ଲୋକମାନଙ୍କର କଣ ଧାରଣା ଅଛି, ତାହା ଜାଣିବା ନିମନ୍ତେ ସମ୍ବଳ ମାନଚିତ୍ର ପ୍ରସ୍ତୁତ କରାଯାଇଥିଲା ।

***ପରୋକ୍ଷ ତଥ୍ୟ ସଂଗ୍ରହ :*** ସାମାଜିକ ଆକଳନରେ ବିଭିନ୍ନ ସରକାରୀ ବିଭାଗ ଯଥା ଜିଲ୍ଲା କୃଷି ବିଭାଗ, ଜଳସେଚନ ବିଭାଗ, ଜିଲ୍ଲା ପରିସଂଖ୍ୟାନ ବିଭାଗ, ସଂଶ୍ଲିଷ୍ଟ ତହସିଲ କାର୍ଯ୍ୟାଳୟ, ସବ୍-ରେଜିଷ୍ଟ୍ରାର ଅଫିସ୍ ଏବଂ ଆର ଆଇ ଅଫିସ ଠାରୁ ପରୋକ୍ଷ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହାଛଡା ପଞ୍ଚାୟତ ଓ ଗ୍ରାମସ୍ତରର ତଥ୍ୟ ମଧ ଗ୍ରାମ ପରିଦର୍ଶନ ସମୟରେ ସଂଗ୍ରହ କରାଯାଇଥିଲା । ଏହି ପ୍ରକ୍ରିୟାରେ ସଂଗ୍ରହ କରାଯାଇଥିବା ତଥ୍ୟଗୁଡିକ ହେଲା ଜମିର ବେଞ୍ଚ ମାର୍କମୂଲ୍ୟ, ଜମିର ଶ୍ରେଣୀବିଭାଗ ଓ ବ୍ୟବହାର, ଜଳସେଚନ କରାଯାଉଥିବା ଅଞ୍ଚଳ ସମ୍ବନ୍ଧରେ ସବିଶେଷ

ତଥ୍ୟ, ଚାଷ ପ୍ରଣାଳୀ, ସାଧାରଣ ସମ୍ପତ୍ତି, ଗ୍ରାମବାସୀମାନଙ୍କର ସାମାଜିକ- ଅର୍ଥନୈତିକ ଏବଂ ସାଂସ୍କୃତିକ ସମ୍ପର୍କ ଇତ୍ୟାଦି .

### ୨.୪.୫ ତଥ୍ୟର ବିଶ୍ଳେଷଣ ଓ ବିବରଣୀ ପ୍ରସ୍ତୁତି

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିଭିନ୍ନ ଉତ୍ସରୁ ସଂଗୃହିତ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟ ଉପରେ ନିର୍ଭର କରିଥାଏ l ପ୍ରଥମ ଚରଣରେ ପରୋକ୍ଷ ତଥ୍ୟଗୁଡିକୁ ବିଶ୍ଳେଷଣ କରାଗଲା ଏବଂ ସମଗ୍ର ଅଧ୍ୟୟନ ପ୍ରକ୍ରିୟାରେ ଆବଶ୍ୟକୀୟ ଦଲିଲ ଆକାରରେ ଅନୁଧ୍ୟାନ କରାଗଲା l ପରବର୍ତ୍ତୀ ପର୍ଯ୍ୟାୟରେ ଏକ ତାଲିମପ୍ରାପ୍ତ ତଥ୍ୟ ପରିଚାଳନା ଦଳ ମାଧ୍ୟମରେ ତଥ୍ୟଗୁଡିକର ଯାଞ୍ଚ, କୋଡିଙ୍ଗ, ଡାଟା ଏଣ୍ଟ୍ରି, ପରିଷ୍କାର ଓ ପ୍ରକ୍ରିୟାକରଣ କରାଯାଇଥିଲା l ପ୍ରାଥମିକ ତଥ୍ୟକୁ ବିଶ୍ଳେଷଣ କରିବା ନିମନ୍ତେ ବର୍ଣ୍ଣନାତ୍ମକ ପରିସଂଖ୍ୟାନ ପଦ୍ଧତି ଅବଲମ୍ବନ କରାଯାଇଥିଲା ଏବଂ ଏହାକୁ ସାରଣୀ ଏବଂ ଗ୍ରାଫ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା l ସେ ଯାହାହେଉ, ସାମାଜିକ ଆକଳନ ଅଧ୍ୟୟନ ବିବରଣୀଟି ସମସ୍ୟା ଗୁଡିକର ଏକ ମିଶ୍ରିତ ଭାବଧାରା ଉପରେ ଆଧାରିତ ଏବଂ ସୂଚନାଗୁଡିକୁ ବିଭିନ୍ନ ସୁତ୍ରରୁ ସଂଗୃହିତ ତଥ୍ୟ ସହ ଯାଞ୍ଚ କରାଯାଇଛି l .

### ୨.୪.୬ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି

ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ (RTFCTLARR Act 2013) ର ଧାରା ୪(୬) ଅନୁଯାୟୀ, ଗୋଟିଏ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍ ଆଇ ଏମ୍ ପି) ପ୍ରସ୍ତୁତି କାର୍ଯ୍ୟ, ଅଧିଗ୍ରହଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ଅଟେ, ଯାହାକି ଆକଳନ ସମୟରେ ଚିହ୍ନଟ କରାଯାଇଥିବା ବିଭିନ୍ନ ସାମାଜିକ ପ୍ରଭାବଗୁଡିକୁ ସମ୍ବୋଧିତ କରିବାକୁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପ୍ରଶମନ ଉପାୟ ଗୁଡିକୁ ଉପସ୍ଥାପନ କରିବ l ତେଣୁ, ଏରା କନସଲଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାର ଏସ୍ ଆଇ ଏ ଦଳ, ଆକଳନ ସମୟରେ ଚିହ୍ନଟ କରାଯାଇଥିବା ପ୍ରଭାବ ଆଧାରରେ ପ୍ରଭାବ ପ୍ରଶମନ ଉପଯୋଗିତା ଓ ପ୍ରବନ୍ଧନ ରଣନୀତି ସହ ସ୍ପଷ୍ଟ ଭାବରେ ବିନିଯୋଗର ପରିମାଣ, ସମୟ ଓ ଦକ୍ଷତା ଆଦି ଦର୍ଶାଇ ଗୋଟିଏ ଏସ୍ ଆଇ ଏମ୍ ପି ପ୍ରସ୍ତୁତ କରିଥିଲେ l ଏହି ଏସ୍ ଆଇ ଏମ୍ ପି କୁ ପ୍ରଭାବିତ ଅଞ୍ଚଳର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରସାରିତ କରିବା ଲାଗି ଓଡିଆ ଭାଷାରେ ମଧ୍ୟ ପ୍ରସ୍ତୁତ କରାଯାଇଥିଲା l

### ୨.୪.୭ ଜନଶୁଣାଣି

ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ର ଧାରା ୫ ଅନୁଯାୟୀ ଜମି ଅଧିଗ୍ରହଣ ସମ୍ବନ୍ଧରେ ଲୋକମାନଙ୍କ ମତାମତ ଜାଣିବା ନିମନ୍ତେ ତାରିଖ, ସମୟ ଏବଂ ସଭାସ୍ଥଳ ସମ୍ବନ୍ଧରେ ଲୋକମାନଙ୍କୁ ବ୍ୟାପକ ପ୍ରଚାର ମାଧ୍ୟମରେ ଅବଗତ କରାଯିବା ପରେ ପ୍ରଭାବିତ ଗ୍ରାମଗୁଡିକରେ ଏକ ଜନଶୁଣାଣିର ଆୟୋଜନ କରାଯାଇଥିଲା l ଜନଶୁଣାଣି ସଭାରେ ସଂଗ୍ରହ ହୋଇଥିବା ତଥ୍ୟ ଓ ମତାମତ ଗୁଡିକୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଅନ୍ତିମ ବିବରଣୀ ରେ ଉଲ୍ଲେଖ କରାଯାଇଅଛି l

ଅଧ୍ୟୟନର ମୁଖ୍ୟ କାର୍ଯ୍ୟ ପରିସର ନିମ୍ନରେ ପ୍ରଦାନ କରାଯାଇଛି

୧. ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ, ଯାଞ୍ଚ, ବିଶ୍ଳେଷଣ, ବିସ୍ତୃତ ଭାବରେ ଅଞ୍ଚଳ ପରିଦର୍ଶନ କାର୍ଯ୍ୟ ଆରମ୍ଭ ତଥା ସାମାଜିକ ମାନଚିତ୍ର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା (FGDs), ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ଏବଂ ପ୍ରସ୍ତୁତ କରାଯାଇଥିବା ସାକ୍ଷାତକାର ଅନୁସୂଚୀ ମାଧ୍ୟମରେ ପରିବାର ସ୍ତର ଏବଂ ଗୋଷ୍ଠୀ ସ୍ତରରେ ସୂଚନା ସଂଗ୍ରହ କରାଯାଇଛି ।

୨. ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ସମସ୍ତ ପ୍ରଭାବିତ ଗ୍ରାମ ପଞ୍ଚାୟତ ଓ ନଗରପାଳିକାର ଅଧିକୃତ ପଦାଧିକାରୀମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରାଯାଇଛି ।

୩. ସମସ୍ତ ପ୍ରାସଙ୍ଗିକ ଜମି ଦସ୍ତାବିଜ୍ ଓ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଏହାର ବିସ୍ତୃତ ବିଶ୍ଳେଷଣ କରାଯାଇ, ପ୍ରକଳ୍ପ ଅଞ୍ଚଳର ଯାଞ୍ଚ, ସମୀକ୍ଷା ଏବଂ ଏହି ପ୍ରକାରର ଅନ୍ୟାନ୍ୟ ପ୍ରକଳ୍ପ ସହ ତୁଳନା ଆଦି କାର୍ଯ୍ୟ କରାଯାଇଛି ।

ନିମ୍ନଲିଖିତ କାର୍ଯ୍ୟଗୁଡିକ ଆକଳନର ପରିସରଭୁକ୍ତ ହୋଇଅଛି ।

କ) ପ୍ରସ୍ତାବିତ ପ୍ରକଳ୍ପ ହେତୁ ପ୍ରଭାବିତ ହେଉଥିବା ଅଞ୍ଚଳ ଚିହ୍ନଟ, ଅଧିଗ୍ରହଣ କରାଯିବାକୁ ଥିବା ଜମି ଏବଂ ପ୍ରକଳ୍ପ ଦ୍ୱାରା ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଷୀୟ ତଥା ଅନ୍ୟାନ୍ୟ ପ୍ରଭାବ ।

- ପ୍ରସ୍ତାବିତ ପ୍ରକଳ୍ପ ହେତୁ ପ୍ରଭାବିତ ହେଉଥିବା ଅଞ୍ଚଳ ଚିହ୍ନଟ, ଅଧିଗ୍ରହଣ କରାଯିବାକୁ ଥିବା ଜମି ଏବଂ ପ୍ରକଳ୍ପ ଦ୍ୱାରା ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଷୀୟ ତଥା ଅନ୍ୟାନ୍ୟ ପ୍ରଭାବ ।
- ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ଓ ଅବସ୍ଥିତି ଏବଂ ଏହା ପ୍ରକଳ୍ପ ପାଇଁ ସର୍ବନିମ୍ନ ନିହାତି ଆବଶ୍ୟକ କି ନୁହେଁ
- ପ୍ରକଳ୍ପ ଲାଗି ଅନ୍ୟ କୌଣସି ବିକଳ୍ପ ସ୍ଥାନ ଅଛି କି ନାହିଁ ତାର ସାମ୍ଭାବ୍ୟତା ପରୀକ୍ଷା କରିବା,
- ଅଧିଗ୍ରହଣ କରାଯାଉଥିବା ଜମି ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ କି ନୁହେଁ ଏବଂ ଏହା ସ୍ପଷ୍ଟ ଭାବରେ ଶେଷ ଉପାୟ କି ନୁହେଁ,
- କିଛି ଜମି ଯଦି ପୂର୍ବରୁ କ୍ରୟ, ହସ୍ତାନ୍ତର, ପଟ୍ଟା କିମ୍ବା ଅଧିଗ୍ରହଣ କରାଯାଇଥାଏ ଏବଂ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଥିବା ପ୍ରତ୍ୟେକ ପ୍ଲଟର ଉପଯୋଗର ଉଦ୍ଦେଶ୍ୟ,
- କୌଣସି ସାର୍ବଜନୀନ, ଅବ୍ୟବହୃତ ଜମି ବ୍ୟବହାରର ସୁଯୋଗ କିମ୍ବା ଏପରି କୌଣସି ଜମି କାହା ଦଖଲରେ ଅଛି କି,
- ଜମିର ପ୍ରକାର, ବର୍ତ୍ତମାନର ବ୍ୟବହାର, ଜମିର ବର୍ଗୀକରଣ ଏବଂ ଯଦି ଜମି ଚାଷ ଜମି ହୋଇଥାଏ, ତେବେ ଏହାର ଜଳସେଚନ ବ୍ୟାପ୍ତି ଏବଂ ଏହାର ଫସଲ ଧାରଣ ପ୍ରଣାଳୀ,

- ପ୍ରଭାବିତ ପରିବାରର ଖାଦ୍ୟ ନିରାପତ୍ତା ଉପରେ ଜମିର ପ୍ରଭାବ,
- ଜମିଜୋତର ଆକାର, ଜମି ମାଲିକାନାର ଢାଞ୍ଚା, ଜମି ବଣ୍ଟନ, ବାସଗୃହର ସଂଖ୍ୟା ଏବଂ ସାର୍ବଜନୀନ ଏବଂ ବେସରକାରୀ ସୁବିଧା ସୁଯୋଗ ଓ ସମ୍ପତ୍ତି; ଏବଂ
- ଜମିର ମୂଲ୍ୟ ଏବଂ ନିକଟରେ ହୋଇଥିବା ଜମି ମାଲିକାନାରେ କୌଣସି ପରିବର୍ତ୍ତନ, ବିଗତ ତିନି ବର୍ଷ ମଧ୍ୟରେ ଜମି ହସ୍ତାନ୍ତର ଏବଂ ଜମିର ବ୍ୟବହାର,

୪. ଜମି ଆକଳନ, ଜମି ଦସ୍ତାବିଜ୍ ଆଧାରରେ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ସଠିକ ଗଣନା କରିବା ଏବଂ ସମସ୍ତ ପ୍ରଭାବିତ ପରିବାରଗୁଡିକର ଜନଗଣନା ବିଧି ଅନୁଯାୟୀ ଅନୁଧ୍ୟାନ କରି ପ୍ରଭାବିତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ସମ୍ପର୍କରେ ତଥ୍ୟ ସଂଗ୍ରହ ।

୫. ପ୍ରଭାବିତ ଅଞ୍ଚଳରୁ ସଂଗୃହୀତ ତଥ୍ୟ ଏବଂ ହିତାଧିକାରୀମାନଙ୍କ ସହ ବିଚାରବିମର୍ଷ ଆଧାରରେ, ସାମାଜିକ ପ୍ରଭାବ ଆକଳନ ଦଳ/ଅନୁଷ୍ଠାନ ଖର୍ଚ୍ଚ ଲାଭ ବିଶ୍ଳେଷଣ ପଦ୍ଧତି ଅବଲମ୍ବନକରି ପ୍ରକଳ୍ପର ସକାରାତ୍ମକ ଓ ନକରାତ୍ମକ ପ୍ରଭାବର ସ୍ୱରୂପ ,ବିସ୍ତାର ଏବଂ ପ୍ରଗାଢତା ଚିହ୍ନଟ ଓ ଆକଳନ କରିବେ ।

୬. ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଇଥିବା ବିଭିନ୍ନ ନକରାତ୍ମକ ପ୍ରଭାବକୁ ସମ୍ବୋଧିତ କରି ବିଭିନ୍ନ ସୁଧାରାତ୍ମକ ଉପାୟ ସମ୍ମିଳିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବା ।

୭. ସାମାଜିକ ମୂଲ୍ୟ ବଦଳରେ ପ୍ରକଳ୍ପରୁ ମିଳିବାକୁ ଥିବା ଲାଭ ସମ୍ବନ୍ଧରେ ତୁଳନାତ୍ମକ ବିବରଣୀ ପ୍ରସ୍ତୁତି, ବାବଦରେ ବିଶ୍ଳେଷଣ ଏବଂ ଜମି ହରାଇ ବିସ୍ଥାପିତ ହେଉଥିବାରୁ ପରିବାରର ଦାରିଦ୍ର୍ୟତାର ବିପଦର ସମ୍ଭାବନା ଏବଂ ବିସ୍ଥାପିତ ଓ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ପରିବାରର ପୁନର୍ବାସ ଓ ଥଇଥାନ ନିମନ୍ତେ ପ୍ରଶମନ ଯୋଜନା ଆଦି ପ୍ରଦାନ କରିବ ।

୮. ସାମାଜିକ ପ୍ରଭାବ ଆକଳନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର (SIMP) ଚିଠା ବିବରଣୀ ସ୍ଥାନୀୟ ଭାଷା (ଓଡିଆ) ରେ ପ୍ରସ୍ତୁତକରି ସମସ୍ତ ପ୍ରଭାବିତ ଗ୍ରାମ ଓ ଗ୍ରାମ ପଞ୍ଚାୟତ ଅଫିସରେ ଅନ୍ତତଃ ପକ୍ଷେ ଜନଶୁଣାଣିର ୬ ସପ୍ତାହ ପୂର୍ବରୁ ଦେବାକୁ ପଡିବ ।

୯. ସାମାଜିକ ପ୍ରଭାବ ଆକଳନରୁ ମିଳିଥିବା ନିଷ୍କର୍ଷକୁ ପ୍ରଭାବିତ ଅଞ୍ଚଳରେ ସ୍ଥାନୀୟ ଭାଷାରେ ପ୍ରସାରିତ କରି ନିଷ୍କର୍ଷ ଉପରେ ପ୍ରତିକ୍ରିୟା, ଅତିରିକ୍ତ ତଥ୍ୟ ଏବଂ ମତାମତ ସଂଗ୍ରହକରି ଏହାକୁ ଅନ୍ତିମ ବିବରଣୀରେ ସଂଲଗ୍ନ କରିବାକୁ ସ୍ଥାନୀୟ ପ୍ରଶାସନ ଏବଂ ଜମି ଆବଶ୍ୟକ କରୁଥିବା ସଂସ୍ଥା ଜରିଆରେ ଜନଶୁଣାଣିର ଆୟୋଜନ କରାଯିବ ।

୧୦. ଜନଶୁଣାଣିର ଭିଡିଓ ରେକର୍ଡିଙ୍ଗ ସହ ବୈଠକର ବିବରଣୀକୁ  ଲିପିବଦ୍ଧ କରାଯିବ । ଏହାକୁ ସଂଶୋଧିତ ଓ ବିଶ୍ଳେଷଣ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅନ୍ତିମ ବିବରଣୀ ସହ ଦାଖଲ କରାଯିବ ।

## ୨.୫ ବ୍ୟବହୃତ କୌଶଳ

ସର୍ବେକ୍ଷଣ କରାଯାଇଥିବା ଗ୍ରାମଗୁଡିକରେ ପ୍ରଭାବିତ ପରିବାରଗୁଡିକ ଠାରୁ ତଥ୍ୟ ସଂଗ୍ରହ କରିବା ସମୟରେ ୪ ପ୍ରକାରର କୌଶଳ ବ୍ୟବହାର କରାଯାଇଥିଲା । ଏହି କୌଶଳଗୁଡିକ ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ପରିବାରର ସାକ୍ଷାତକାର ଅନୁସୁଚୀ
- ସାଧାରଣ, ସାମାଜିକ ଏବଂ ସଂସ୍କୃତିକ ଭିତ୍ତିଭୂମି
- କେନ୍ଦ୍ରୀଭୂତ ଦଳଗତ ଆଲୋଚନା ର ନିର୍ଦ୍ଦେଶିକା
- ସାମାଜିକ ଚିତ୍ର ଓ ସମ୍ବଳ ମାନଚିତ୍ର

## ୨.୬ ଅଧ୍ୟୟନର ସୀମାବଦ୍ଧତା

ସାମାଜିକ ଆକଳନ ଅଧ୍ୟୟନଟି ବାହାଦଲପୁର ଗ୍ରାମ ମଧ୍ୟରେ ସିମିତ ଅଟେ । ସର୍ବେକ୍ଷଣ ସମୟରେ କ୍ଷେତ୍ର ସ୍ତରରୁ ମିଳିଥିବା ତଥ୍ୟ ଆଧାରରେ ଅଧ୍ୟୟନରୁ ମିଳିଥିବା ତଥ୍ୟ ବିଶ୍ଳେଷଣ କରାଯାଇଛି । ଏତଦ୍ ବ୍ୟତିତ ପରୋକ୍ଷ ଭାବରେ ସଂଗୃହିତ ତଥ୍ୟଗୁଡିକ ମଧ୍ୟରୁ ଅଧିକାଂଶ ଜିଲ୍ଲାସ୍ତରୀୟ ତଥ୍ୟ ଥିଲା । କେତେଗୁଡିଏ ପରିସଂଖ୍ୟାନ ତଥ୍ୟ ଜନସାଧାରଣ/ ହିତାଧିକାରୀମାନଙ୍କ ସହିତ ଆଲୋଚନା ଏବଂ ପ୍ରକଳ୍ପ ଅଞ୍ଚଳର ପରିମାଣାତ୍ମକ ତଥ୍ୟ ସଂଗ୍ରହ ଜରିଆରେ ସଠିକତା ସମ୍ବନ୍ଧରେ ଯାଞ୍ଚ କରି ନିଆଯାଇଥିଲା । ଏହି ଅଧ୍ୟୟନଟି ପରାମର୍ଶଦାତାମାନଙ୍କୁ ମିଳିଥିବା ସୀମିତ ସୂଚନା, ସମୟ ଅବଧି ଏବଂ ସ୍ୱଳ୍ପ ବଜେଟ ମଧ୍ୟରେ କରାଯାଇଛି ।

## ୨.୭ ଏସ୍ ଆଇ ଏ ବିବରଣୀର ରୁପରେଖ

ଅଧ୍ୟୟନ ବିବରଣୀଟି ୭ଟି ଅଧ୍ୟାୟରେ ବିଭକ୍ତ ପ୍ରଥମ ଅଧ୍ୟାୟଟି ପରିଚୟାତ୍ମକ ଯେଉଁଥିରେ କି  ମୁଖବନ୍ଧ, ଏହି ଅଧ୍ୟାୟରେ  ପ୍ରକଳ୍ପ ର ବର୍ଣ୍ଣନା, ଜମି ଅଧିଗ୍ରହଣ, ଆଇନ କାନୁନ ଓ ଢାଞ୍ଚା ଏବଂ ଅଧ୍ୟୟନ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ ଅଧ୍ୟୟନର ପୃଷ୍ଠଭୂମି, ଲକ୍ଷ୍ୟ, ଅଧ୍ୟୟନର ସୁଯୋଗ ଏବଂ ପଦ୍ଧତି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ତୃତୀୟ ଅଧ୍ୟାୟରେ ଅଧ୍ୟୟନ କରାଯାଉଥିବା ଅଞ୍ଚଳର ପାର୍ଶ୍ୱଚିତ୍ର ବର୍ଣ୍ଣନା କରାଯାଇଛି । ଚତୁର୍ଥ ଅଧ୍ୟାୟରେ ପ୍ରଭାବିତ ପରିବାର/ଲୋକମାନଙ୍କର ସାମାଜିକ–ଅର୍ଥନୈତିକ ପାର୍ଶ୍ୱଚିତ୍ର ସମ୍ପର୍କରେ ବିଶ୍ଳେଷଣ କରାଯାଇଛି । ପଞ୍ଚମ ଅଧ୍ୟାୟରେ ଅଧିଗ୍ରହଣ କରାଯାଉଥିବା ଜମି ଏବଂ ପ୍ରଭାବିତ ଜମି ସମ୍ବନ୍ଧରେ ବିଶ୍ଳେଷଣ ଓ ଆକଳନ କରୁଛି । ଷଷ୍ଠ  ଅଧ୍ୟାୟରେ ପ୍ରକଳ୍ପର ପ୍ରଭାବ ଏବଂ ପ୍ରଭାବପ୍ରଭାବିତ ଲୋକମାନଙ୍କ ନିମନ୍ତେ ସାମାଜିକ ପ୍ରଭାବ ପ୍ରଶମନ ଓ ପରିଚାଳନା ଯୋଜନା ଯାହାକି ଏସ୍ ଆଇ ଏ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ଅଟେ । ସପ୍ତମ ଅଧ୍ୟାୟରେ ପ୍ରଭାବିତ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣିର ବିବରଣୀ ଉଲ୍ଲେଖ କରାଯାଇଛି । ଅଷ୍ଟମ ଅଧ୍ୟାୟରେ ସାମାଜିକ ମୂଲ୍ୟ ପ୍ରତିବଦଳରେ ପ୍ରାପ୍ତ ହେବାକୁ ଥିବା ଲାଭ ମଧ୍ୟରେ ଏକ ତୁଳନାତ୍ମକ ବିଶ୍ଳେଷଣ ଓ ଆବଶ୍ୟକ କାର୍ଯ୍ୟକ୍ରମ ନିମନ୍ତେ  ସାମାଜିକ ଆକଳନ ଅଧ୍ୟୟନର ସୁପାରିଶ ଉଲ୍ଲେଖ କରାଯାଇଛି ।

# ଅଧ୍ୟାୟ – ୩:
# ଅଧ୍ୟୟନ ଅଞ୍ଚଳର ପାର୍ଶ୍ୱଚିତ୍ର

## ୩.୧ ଅଧ୍ୟୟନ ଜିଲ୍ଲା : ଖୋର୍ଦ୍ଧା

ଖୋର୍ଦ୍ଧା ଜିଲ୍ଲା ୧ ଅପ୍ରେଲ ୧୯୯୩ ମସିହାରେ ପୁରୀ ଜିଲ୍ଲାରୁ ଅଲଗା ହୋଇ ପ୍ରତିଷ୍ଠା ଲାଭ କଲା । ପୁରୀ ଜିଲ୍ଲା ତିନୋଟି ଜିଲ୍ଲାରେ ଭାଗ ହେଲା, ସେଗୁଡିକ ହେଲା ପୁରୀ. ନୟାଗଡ ଏବଂ ଖୋର୍ଦ୍ଧା । ୨୦୦୦ ମସିହାରେ ଖୋର୍ଧା ଜିଲ୍ଲାର ନାମ ଉଚ୍ଚାରଣ ପରିବର୍ତ୍ତନ ହୋଇ ଖୋର୍ଦ୍ଧା ଜିଲ୍ଲାରେ ପରିଣତ ହେଲା । ୧୮୦୩ ମସିହାରେ ଇଂରେଜମାନେ ଦଖଲ କରିଥିବା ଶେଷ ସ୍ୱାଧୀନ ରାଜ୍ୟ ହିସାବରେ ଖୋର୍ଦ୍ଧା ଜିଲ୍ଲା ଇତିହାସରେ ଅଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଖୋର୍ଦ୍ଧା ଜିଲ୍ଲାର ନାମ ଅନୁଯାୟୀ ଜିଲ୍ଲା ମୁଖ୍ୟାଳୟ ଜାତୀୟ ରାଜପଥ ନମ୍ବର ୫ ରେ ଅବସ୍ଥିତ । ଏହାର ସ୍ଥାନୀୟ ନାମ ଜାଜରସିଂଗ ଯାହାକି ଏକ ଛୋଟ ଗ୍ରାମ ଅଟେ । ବୋଧହୁଏ ପୂର୍ବରୁ ଏହାର ନାମ 'କୁରଦ' ଥିଲା ଯାହାର ଅର୍ଥ "ଖରାପ ଭାଷାରେ ଗାଳି ଦେଉଥିବା ବ୍ୟକ୍ତି" । ଅଞ୍ଚଳର ପୁରୁଣା ମାଇଲଖୁଣ୍ଟି ଗୁଡିକରେ "କୁରଦ" ଲେଖା ଦେଖିବାକୁ ମିଳେଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଚୁନ ଧଉଳା ଯାଇ ନୂତନ ନାମ "ଖୋର୍ଦ୍ଧା" ଲେଖା ଯାଇଛି । ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲା ପୂର୍ବରୁ ଶବର ଜାତିର ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ଥିଲା, ଯେଉଁମାନେକି ଏବେ ମଧ ଖୋର୍ଦ୍ଧା ଜିଲ୍ଲାର କିଛି କିଛି ଅଞ୍ଚଳରେ ଦୃଷ୍ଟି ଗୋଚର ହୁଅନ୍ତି । ଏହି ମର୍ମରେ ଏହା ଉଲ୍ଲେଖଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲାର ଗୋଟିଏ ଗ୍ରାମ ଏବଂ ପୂର୍ବ ଜମିଦାରୀ ଅଞ୍ଚଳର ନାମ "ସୁରଦ" ଯାହାର ଅର୍ଥ "ଭଲ ଭାଷା କହୁଥିବା ବ୍ୟକ୍ତି" ଯାହାକି "କୁରଦ"ର ଏକ ବିପରିତ ବୋଧକ ଶବ୍ଦ ।




ଚିତ୍ର ୧ - ଖୋର୍ଦ୍ଧା ଜିଲ୍ଲାର ମାନଚିତ୍ର

ଖୋର୍ଦ୍ଧା ଜିଲ୍ଲାର ଭୌଗଳିକ ଅବସ୍ଥିତି ୮୪ ଡିଗ୍ରୀ ୫୫' ୮୬" ପୂର୍ବ ଦ୍ରାଘିମା ଏବଂ ୧୯ ଡିଗ୍ରୀ ୫୫' ୨୦" ଉତ୍ତର ଅକ୍ଷାଂଶ ମଧ୍ୟରେ ଅବସ୍ଥିତ । ବଙ୍ଗୋପସାଗର ଓ ଚିଲିକା ଭଳି ବିଶାଳ ଜଳଭଣ୍ଡାର ଠାରୁ କମ ଅର୍ଦ୍ଧବ୍ୟାସିୟ ଦୂରତ୍ୱରେ ଅବସ୍ଥିତ ଥିବା ହେତୁ ଜିଲ୍ଲାର ଜଳବାୟୁ ବହୁଳ ଭାବରେ ଏହା ଦ୍ୱାରା ପ୍ରଭାବିତ ହୋଇଥାଏ । ସାଧାରଣ ଭାବରେ ଜିଲ୍ଲାରେ ୧୪୦୮ ମିମି ବର୍ଷା ଉପଲବ୍ଧ ହେବା ସହ ସର୍ବାଧିକ ୪୨.୨ ଡିଗ୍ରୀ ଓ ସର୍ବନିମ୍ନ ୧୧.୧ ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଥାଏ । ସେହିପରି

ହାରାହାରି ଆପେକ୍ଷିକ ସାନ୍ଦ୍ରତା ୪୬% ରୁ ୮୯% ମଧ୍ୟରେ ରହିଥାଏ । ଏହା ପୂର୍ବ ଏବଂ ଦକ୍ଷିଣ ପଶ୍ଚିମ ତଟବର୍ତ୍ତୀ ସମତଳ ଅଞ୍ଚଳରେ ଅବସ୍ଥିତ ଏବଂ ଏହାର କୃଷି ଜଳବାୟୁ ର ବିଭିନ୍ନ କୃଷି ପର୍ଯ୍ୟାବରଣ ପ୍ରଣାଳୀର ବିଭିନ୍ନ କ୍ଷେତ୍ର, ବାଲିଆ, ପଙ୍କୁଆ, କାଦୁଆ - ପଙ୍କୁଆ ଓ କାଦୁଆ ମୃତ୍ତିକାରେ ପରିଲକ୍ଷିତ ହୋଇଥାଏ । ଖୋର୍ଦ୍ଧା ଜିଲ୍ଲାକୁ ଦୁଇଟି ଉପଅଞ୍ଚଳରେ ଭାଗ କରାଯାଇପାରେ ସେଥିମଧ୍ୟରୁ ଗୋଟିଏ ଡେଲ୍ଟାଇକ୍ ଆଲୁଭିଅମ୍ ଅଞ୍ଚଳ ଯେଉଁଥିରେ କି ୩ ଟି ବ୍ଲକ୍ ଯଥା ବାଲିଅନ୍ତା, ବାଲିପାଟଣା ଏବଂ ଚିଲିକା ଥିବାବେଳେ ବାଣପୁର, ବେଗୁନିଆ, ଭୁବନେଶ୍ୱର, ବୋଲଗଡ, ଜଟଣି, ଖୋର୍ଦ୍ଧା ଏବଂ ଟାଙ୍ଗି ଆଦି ବ୍ଲକ ଲାଟରେଟିକ୍ ଅଞ୍ଚଳରେ ଅବସ୍ଥିତ ।

ଜିଲ୍ଲାର ଲୋକମାନଙ୍କ ଆୟର ମୁଖ୍ୟ ପନ୍ଥା କୃଷି । ଏକ ଉଷ୍ମତଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଧାନ ଏଠାକାର ଏକ ପ୍ରମୁଖ ଫସଲ ଏବଂ ଧାନ ଜିଲ୍ଲାରେ ପ୍ରଭୁତ ପରିମାଣରେ ଚାଷ କରାଯାଏ । ଧାନ ବ୍ୟତିତ ଅନ୍ୟାନ୍ୟ ଫସଲ ଯଥା, ମାଣ୍ଡିଆ, ମକା, ମୁଗ, ବିରି, ଚିନାବାଦାମ, ଶୋରିଷ, ଅଳସୀ, ଆଖୁ ଏବଂ ଆଳୁ ଚାଷ କରାଯାଏ । ଜିଲ୍ଲାର କେତେକ ସ୍ଥାନରେ ଜଳସେଚନର ସୁବିଧା ଉପଲବ୍ଧ ଅଛି, ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ୨୦୧୩-୧୪ ମସିହାରେ ଓଡିଶାରେ ୨୨୫୩୬୭୦ ହେକ୍ଟର ଜମି ଜଳସେଚିତ ହେଉଥିବାବେଳେ, ଜିଲ୍ଲାରେ ସମୁଦାୟ ଜଳସେଚିତ ଜମିର ପରିମାଣ ୫୫୯୬୦ ହେକ୍ଟର ଥିଲା । ଭୁବନେଶ୍ୱର, ଜଟଣି, ଖୋର୍ଦ୍ଧା, ବାଣପୁର ଏବଂ ଇଟାମାଟି ଭଳି ମୁଖ୍ୟ ବ୍ୟବସାୟିକ ଏବଂ ଶିକ୍ଷ କେନ୍ଦ୍ର ଜିଲ୍ଲାରେ ଅବସ୍ଥିତ ଥିବା ହେତୁ ସେବା ଓ ଉଦ୍ୟୋଗ କ୍ଷେତ୍ର ଲୋକମାନଙ୍କ ଆୟବୃଦ୍ଧି କରିବାରେ ସହାୟକ ହୋଇପାରୁଛି । ତେଣୁ, ବିଭିନ୍ନ ସୁତ୍ରରୁ ଆୟ ଜିଲ୍ଲାର ଲୋକମାନଙ୍କ ଆର୍ଥିକ ସ୍ଥିତିକୁ ବଢ଼ାଇବାରେ ସାହାଯ୍ୟ କରୁଛି

**ସାରଣୀ ୨: ଖୋର୍ଦ୍ଧା ଜିଲ୍ଲା ସମ୍ପର୍କରେ ସବିଶେଷ ତଥ୍ୟ**

| ସୂଚକ | ଖୋର୍ଦ୍ଧା ଜିଲ୍ଲା | ଓଡିଶା |
|---|---|---|
| ଭୌଗଳିକ ଅଞ୍ଚଳ (ବର୍ଗ କିମି ରେ) | ୨୮୧୩ | ୧୫୫୭୦୭ |
| ସବ୍-ଡିଭିଜନ୍ ର ସଂଖ୍ୟା | ୦୨ | ୫୮ |
| ତହସିଲ୍ ର ସଂଖ୍ୟା : | ୧୦ | ୧୭୧ |
| ବ୍ଲକ୍ ସଂଖ୍ୟା : | ୧୦ | ୩୧୪ |
| ମୁନିସିପାଲିଟି/ ଏନ୍ ଏ ସି କରପୋରେସନ୍ ସଂଖ୍ୟା : | ୦୫ | ୬୮ |
| ଗ୍ରାମ ପଞ୍ଚାୟତ ସଂଖ୍ୟା : | ୧୬୮ | ୬୨୩୪ |
| ଗ୍ରାମର ସଂଖ୍ୟା : | ୧୫୫୧ | ୫୧୩୪୯ |
| ସମୁଦାୟ ଘରସଂଖ୍ୟା | ୪,୮୯,୬୩୬ | ୯୬୩୭୮୨୦ |
| ସମୁଦାୟ ଲୋକସଂଖ୍ୟା | ୨୨,୫୧,୬୭୩ | ୪୧୯୭୪୨୧୮ |
| ପ୍ରତି ବର୍ଗ କିମି ରେ ଲୋକସଂଖ୍ୟାର ଘନତ୍ୱ | ୮୦୦ | ୨୬୯ |
| ଅନୁସୂଚିତ ଜାତିର ଲୋକସଂଖ୍ୟା ଶତକଡାରେ: | ୧୩.୨୧ | ୧୬.୫୩ |

| | | |
|---|---|---|
| ଅନୁସୂଚିତ ଜନଜାତିର ଲୋକସଂଖ୍ୟା ଶତକଡାରେ: | ୦୫.୧୧ | ୨୨.୧୩ |
| ଲିଙ୍ଗ ଅନୁପାତ (୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା) | ୯୨୯ | ୯୭୮ |
| ସାକ୍ଷରତା ହାର (ଶତକଡାରେ) | ୮୯.୯ | ୭୩.୪୫ |

***ଉତ୍ସ - ଜନଗଣନା ୨୦୧୧***

**ଭୁବନେଶ୍ୱର:** ପ୍ରକଳ୍ପ ଅଞ୍ଚଳଟି ଭୁବନେଶ୍ୱର ସହରର ଅତି ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଯାହାକି ଓଡିଶାର ରାଜଧାନୀ ସହର ଏବଂ ରାଜ୍ୟର ସବୁଠାରୁ ବୃହତ୍ତମ ସହର । ଏହା ଏହି ଅଞ୍ଚଳର ଅର୍ଥନୈତିକ ଓ ଧାର୍ମିକ କେନ୍ଦ୍ରର ପ୍ରାଧାନ୍ୟତା ପାଇ ଆସିଛି । ଅନେକଗୁଡିଏ ସୁନ୍ଦର ମନ୍ଦିର ଏବଂ କଳାସ୍ଥାପତ୍ୟର ଉପସ୍ଥିତି ହେତୁ ଭୁବନେଶ୍ୱରକୁ ଭାରତର ମନ୍ଦିରମାଳିନୀ ନଗରୀ କୁହାଯାଏ । ଭୁବନେଶ୍ୱର ମୁନିସିପାଲିଟି କର୍ପୋରେସନ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ କାମ କରିଛି ଏବଂ ଭୁବନେଶ୍ୱରର ବାସିନ୍ଦାମାନଙ୍କୁ ଉତ୍ତମମାନର ଜିବନଧାରଣର ମାନ ଯୋଗାଇଦେବା ପାଇଁ ନିମ୍ନରେ ବର୍ଣ୍ଣିତ ସେବା ଗୁଡିକୁ ପ୍ରମୁଖ ସେବାପ୍ରଦାନକାରୀ ହିସାବରେ ନିଜର ଭୂମିକା ତୁଲାଇ ଆସିଛି ।

**ସାରଣୀ ୩ : ଭୁବନେଶ୍ୱର ସମ୍ବନ୍ଧରେ ମୂଖ୍ୟ ସୂଚନା**

| | | | |
|---|---|---|---|
| ରାଜ୍ୟ | ଓଡିଶା | ବସ୍ତି ଅଞ୍ଚଳ | ୪୩୬ |
| ଜିଲ୍ଲା | ଖୋର୍ଦ୍ଧା | ବସ୍ତି ଲୋକସଂଖ୍ୟା | ୩,୦୧,୬୧୧ |
| ସମୁଦାୟ ଅଞ୍ଚଳ | ୧୮୬ ବର୍ଗ କିମି | ବସ୍ତିରେ ଥିବା ଗୃହ ସଂଖ୍ୟା | ୮୦,୬୬୫ |
| ଲୋକସଂଖ୍ୟା (୨୦୧୧ ଜନଗଣନା ଅନୁଯାୟୀ ) | ୮,୪୩,୪୦୨ ଲକ୍ଷ | ଏଲୋପାଥିକ ଡାକ୍ତରଖାନା ସଂଖ୍ୟା | ୭ |
| ଅନୁସୂଚିତଜନଜାତି ଲୋକସଂଖ୍ୟା | ୬୯,୫୨୧ | ହୋମିଓପାଥିକ ଡାକ୍ତରଖାନା ସଂଖ୍ୟା | ୧୧ |
| ଅନୁସୂଚିତ ଜାତି ଲୋକସଂଖ୍ୟା | ୪୨, ୩୭୪ | ସମୁଦାୟ ରାସ୍ତାର ଲମ୍ବ | ୯୧୫,.୧୨ କିମି |
| ୱାର୍ଡ ସଂଖ୍ୟା | ୬୭ | ଜଳ ଯୋଗାଣ ପମ୍ପ ହାଉସ୍ | ୧୦ |
| ମୋଟ ରାଜସ୍ୱ ଗ୍ରାମର ସଂଖ୍ୟା | ୪୬ | ବିମାନ ବନ୍ଦର ସଂଖ୍ୟା | ୧ |

ଭୁବନେଶ୍ୱର ସହର ୬୭ ଗୋଟି ପ୍ରଶାସନିକ ୱାର୍ଡ ଏବଂ ୪୬ ଟି ରାଜସ୍ୱ ଗ୍ରାମରେ ବିଭକ୍ତ । ଷ୍ଟାଣ୍ଡିଂ କମିଟି ମାଧ୍ୟମରେ ମୁନିସିପାଲିଟି କର୍ପୋରେସନ ସହରାଞ୍ଚଳ ଯୋଜନା ଏବଂ ରାସ୍ତାଘାଟର ରକ୍ଷଣାବେକ୍ଷଣ, ସରକାରୀ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ ପରିଚାଳନା,ଡାକ୍ତରଖାନା ଏବଂ ମୁନିସିପାଲିଟି ମାର୍କେଟ ପରିଚାଳନା କାର୍ଯ୍ୟ କରୁଛନ୍ତି । କର୍ପୋରେସନ, ଭୁବନେଶ୍ୱରର ଶୀର୍ଷକ ସଂସ୍ଥା ହିସାବରେ, ମେୟର ପରିଷଦ ଯାହାକି, ଜଣେ ମେୟର, ଜଣେ ଡେପୁଟି ମେୟର ଏବଂ ବି ଏମ୍ ସି ର ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଗଠିତ, ତାହାରି ମାଧ୍ୟମରେ କାର୍ଯ୍ୟ ନିର୍ବାହ କରିଥାଏ । ବି ଏମ୍ ସି ର କାର୍ଯ୍ୟକ୍ରମ ମଧ୍ୟରେ, ଜଳ ଯୋଗାଣ, ନର୍ଦ୍ଦମାଜଳ ନିଷ୍କାସନ ଓ ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା, କଠିନ ବର୍ଜ୍ୟବସ୍ତୁର ପରିଚାଳନା, ରାସ୍ତା ଆଲୋକିକରଣ ଏବଂ ଆଇନ ପ୍ରଣୟନ ଆଦି ଅନ୍ତର୍ଭୁକ୍ତ ।

ଭୁବନେଶ୍ୱର ଭାରତର ଚାରୋଟି ମହାନଗର ଯଥା ନୂଆଦିଲ୍ଲୀ, କଲିକତା, ମୁମ୍ବାଇ, ଏବଂ ଚେନ୍ନାଇ ସହ ଉତ୍ତମ ଭାବରେ ଆକାଶ ପଥରେ ସଂଯୁକ୍ତ । ଭୁବନେଶ୍ୱର ରେଳ ଓ ସଡକ ପଥରେ ଭାରତର ସମସ୍ତ ସହର ସହ ସଂଯୁକ୍ତ । ଭୁବନେଶ୍ୱରର ସହର କିଛି ମୂଖ୍ୟ ସୂଚନା ସାରଣୀ ୩ ରେ ପ୍ରଦାନ କରାଯାଇଛି ।

## ୩.୨ ପ୍ରକଳ୍ପ ଗ୍ରାମ: ବାହାଦଲପୁର

ପ୍ରକଳ୍ପ ଗ୍ରାମ ବାହାଦଲପୁର, ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ୱାର୍ଡ ନମ୍ବର ୫୦ରେ ଅବସ୍ଥିତ । ଗ୍ରାମଟି କୋଚିଲାପୁର, ଯଦୁପୁର, ରଣସିଂହପୁର, ଏବଂ ହାତିସାହି ଆଦି ଗ୍ରାମ ଦ୍ୱାରା ପରିବେଷ୍ଟିତ । ୨୦୧୧ ଜନଗଣନା ଅନୁଯାୟୀ ପ୍ରକଳ୍ପ ଅଞ୍ଚଳର ସମୁଦାୟ ଲୋକସଂଖ୍ୟା ୯୦୪ ସେଥି ମଧ୍ୟରୁ ପୁରୁଷମାନଙ୍କ ସଂଖ୍ୟା ୪୬୦ (୫୦.୯%) ଏବଂ ମହିଳାମାନଙ୍କ ସଂଖ୍ୟା ୪୪୪ (୪୯.୧%) । ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୮୭% ସାଧାରଣ ବର୍ଗର ଏବଂ ଅନୁସୂଚିତ ଜାତିର ୧୩% ଅଟନ୍ତି । ପ୍ରକଳ୍ପ ଅଞ୍ଚଳର ମୋଟ ପରିବାର ସଂଖ୍ୟା ୧୯୫ ଏବଂ ପ୍ରତି ପରିବାରରେ ୫ ଜଣ ବ୍ୟକ୍ତି ବାସ କରନ୍ତି । ପ୍ରକଳ୍ପ ଅଞ୍ଚଳରେ ସାକ୍ଷରତା ହାର ୭୬% ଅଟେ, ଯାହାକି ଜିଲ୍ଲାର ସାକ୍ଷରତା ହାର ଠାରୁ କମ୍ ଅଟେ । ଗ୍ରାମର ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୪୦% ଶ୍ରମିକ ଏବଂ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଧ୍ୟରୁ ୭୬.୧% ପୁରୁଷ ଏବଂ ୨୩.୯% ମହିଳା । ସମୁଦାୟ ଶ୍ରମିକମାନଙ୍କ ମଧ୍ୟରୁ ୫ ଜଣ ଚାଷୀ ଓ ୧୮ ଜଣ କୃଷି ଶ୍ରମିକ ଅଟନ୍ତି । ବାହାଦଲପୁର ଗ୍ରାମର ଜନସାଂଖ୍ୟିକ ଚିତ୍ର ସାରଣୀ ୪ରେ ପ୍ରଦାନ କରାଯାଇଛି ।

**ସାରଣୀ ୩: ବାହାଦଲପୁର ଗ୍ରାମର ଜନସାଂଖ୍ୟିକ ଚିତ୍ର**

| ସମୁଦାୟ ପରିବାର ସଂଖ୍ୟା | ସମୁଦାୟ ଜନସଂଖ୍ୟା | | | ଅନୁସୂଚିତ ଜାତି ଲୋକସଂଖ୍ୟା | | | ଅନ୍ୟାନ୍ୟ ଜାତିର ଲୋକସଂଖ୍ୟା | | | ସମୁଦାୟ ଶ୍ରମିକମାନଙ୍କ ସଂଖ୍ୟା | | |
|---|---|---|---|---|---|---|---|---|---|---|---|---|
| | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ |
| ୧୯୫ | ୪୬୦ | ୪୪୪ | ୯୦୪ | ୧୧୬ | ୧୨୩ | ୨୩୯ | ୩୪୫ | ୩୨୦ | ୬୬୫ | ୨୭୮ | ୮୭ | ୩୬୫ |

*ଉତ୍ସ - ଜନଗଣନା ୨୦୧୧*

ବାହାଦଲପୁର ଗ୍ରାମରେ ସାମାଜିକ କ୍ଷେତ୍ରରେ ଅନେକ ବିଶିଷ୍ଟତା ଦେଖିବାକୁ ମିଳେ; ଜନସଂଖ୍ୟାର ଏକ ବୃହତ ଭାଗ ହିନ୍ଦୁ ଅଟନ୍ତି । ଅନ୍ୟ ଧର୍ମର ଲୋକ ଯଥା ମୁସଲିମ, ଖ୍ରୀଷ୍ଟିୟାନ, ଶିଖ ଏବଂ ବୌଦ୍ଧଧର୍ମାବଲମ୍ବୀ ପ୍ରାୟ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ବସୋପଯୋଗୀ ଅଞ୍ଚଳ ଓ ବର୍ଦ୍ଧିତ ସହରାଞ୍ଚଳ ହେତୁ, ସମଗ୍ର ଅଞ୍ଚଳର ଗ୍ରାମଭିତର ଓ ଉନ୍ନତ କରାଯାଇଥିବା ଅଞ୍ଚଳ ଉଭୟ ସ୍ଥାନୀୟ ଲୋକ ଏବଂ ବାହାର ଅଞ୍ଚଳରୁ ଆସିଥିବା ଲୋକମାନଙ୍କ ଦ୍ୱାରା ସମାନଭାବରେ ବାଣ୍ଟିହୋଇ ରହିଛି । ଗ୍ରାମାଞ୍ଚଳରେ ମଧ ଭୁବନେଶ୍ୱର ସହର ଭଳି ଭିତ୍ତିଭୂମି ଦୃଷ୍ଟିଗୋଚର ହୋଇଥାଏ, ଯାହାକି ଘରର ଡାଞ୍ଚା ଏବଂ ଜିବନ ଶୈଳୀକୁ ଦେଖିଲେ ବୁଝି ହୁଏ ।

## ୩.୩ ପ୍ରଭାବିତ ପରିବାରର ଗଣନା

ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ ୨୦୧୬ ର ଅଧିନିୟମ ୯ ର ଉପନିୟମ ୨ ଅନୁଯାୟୀ ଜମି ଓ ଅନ୍ୟାନ୍ୟ ଅଚଳନ୍ତି ସମ୍ପତ୍ତି ଅଧିଗ୍ରହଣ କରାଯାଉଥିବା ପରିବାର ଆଧାରରେ ଗଣନା କରାଯିବ । ଏହି ପରିବାର ଗୁଡିକ ହେଲା;

କ) ପରିବାର ଯାହାର ଜମି ଓ ଅଚଳନ୍ତି ସମ୍ପତ୍ତି ଅଧିଗ୍ରହଣ କରାଯିବ ।

ଖ) ଠିକାଚାଷି ଦଖଲରେ ଥିବା ଜମି ।

ଗ) ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଯେଉଁମାନେ କି ଜଙ୍ଗଲ ଉପରେ ତାଙ୍କ ଅଧିକାର ହରାଇ ପାରନ୍ତି ।

ଘ) କୃଷି ଶ୍ରମିକ, ଭାଗ ଚାଷୀ କିମ୍ବା ଜମି ଅଧିଗ୍ରହଣ ୩ ବର୍ଷ ପୂର୍ବରୁ ପ୍ରଭାବିତ ଅଞ୍ଚଳରେ କାମ କରୁଥିବା କାରିଗରମାନଙ୍କର ପରିବାର ।

ଙ) ସରକାରଙ୍କ କୌଣସି ଉନୟନମୂଳକ ଯୋଜନା ରେ ଘରଡିହ ପାଇଥିବା ଯେ କୌଣସି ପରିବାର,

ଚ ) ପ୍ରକଳ୍ପ ଦ୍ୱାରା ପରୋକ୍ଷ ଭାବରେ ପ୍ରଭାବିତ ହେଉଥିବା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, କେଉଟ, ନୌକା ଚାଳକ ଇତ୍ୟାଦି । ଉତ୍ପାଦନକ୍ଷମ ସମ୍ପତ୍ତି ଏବଂ ପ୍ରକଳ୍ପ ହେତୁ ପ୍ରଭାବିତ ହେଉଥିବା ମହତ୍ତ୍ୱପୂର୍ଣ୍ଣ ସମ୍ପତ୍ତିର ତାଲିକା ପ୍ରସ୍ତୁତି କରାଯାଇଥିଲା ।

ଏହି ପରିପ୍ରେକ୍ଷିରେ, ସର୍ବେକ୍ଷଣ ସମୟରେ ସାମାଜିକ ଆକଳନ ଅଧ୍ୟୟନ ଦଳ ପ୍ରଭାବିତ ପରିବାରର ଗଣନା କରିଥିଲା ଏବଂ କେବଳ ଗୋଟିଏ ପ୍ରକାରର ପରିବାର ଚିହ୍ନଟ କରିଥିଲା ଯାହାର କି ଜମି ଓ ଅଚଳନ୍ତି ସମ୍ପତ୍ତି ଅଧିଗ୍ରହଣ କରାଯିବ ।

ସେ ଯାହାହେଉ, ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ଜମି ମାଲିକାନା ଦଲିଲ (ROR) ଅଧାରରେ ମୌଳିକ ରୂପରେ ୬ ଟି ପରିବାରକୁ ଗଣତି କରାଯାଇଥିଲା କିନ୍ତୁ ସାମାଜିକ ଆକଳନ ଅଧ୍ୟୟନ ଦଳ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ୮ଟି ପରିବାରକୁ (ବିସ୍ତାରିତ ପରିବାର ସମେତ) ଚିହ୍ନଟ କରିଥିଲେ । ଜମି ମାଲିକାନା ଦଲିଲ (ROR)ରେ ତାଲିକାଭୁକ୍ତ ପରିବାରଗୁଡିକ ସହ କେତେଗୁଡିଏ ବିସ୍ତାରିତ ପରିବାରକୁ ତାଲିକାଭୁକ୍ତ କରିବା ଏବଂ ଅନ୍ୟ କେତେକ ପରିବାରକୁ ତାଲିକାରୁ ବାଦ୍ ଦେବା କାରଣରୁ, ପ୍ରାରମ୍ଭିକ ଗଣତି ଓ କାର୍ଯ୍ୟକ୍ଷେତ୍ରରେ କରାଯାଇଥିବା ସର୍ବେକ୍ଷଣ ସମୟରେ କରାଯାଇଥିବା ଗଣନାରେ ପାର୍ଥକ୍ୟ ହୋଇଥିଲା । ସେ ଯାହାହେଉ, ଗଣନା ମୁତାବକ ଉପର ବର୍ଣ୍ଣିତ ଶ୍ରେଣୀ ମଧ୍ୟରୁ ***"ପରିବାର ଯାହାର ଜମି ଓ ଅଚଳନ୍ତି ସମ୍ପତ୍ତି ଅଧିଗ୍ରହଣ କରାଯିବ"*** ବର୍ଗ କୁ ବାଦଦେଲେ ଅନ୍ୟ କୌଣସି ବର୍ଗର ପରିବାର ନାହାନ୍ତି ଯାହାର ଜମି କିମ୍ବା ଅଚଳନ୍ତି ସମ୍ପତ୍ତି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯିବ ।

## ୩.୪ ସାମାଜିକ ସାଂସ୍କୃତିକ ଏବଂ ସର୍ବସାଧାରଣ ସମ୍ପତ୍ତିର ସ୍ଥିତି

ସାମାଜିକ ଆକଳନ ଅଧ୍ୟୟନର ଏକ ଅଂଶ ହିସାବରେ, ପ୍ରକଳ୍ପ ଅଞ୍ଚଳର ସାମାଜିକ ସାଂସ୍କୃତିକ ଏବଂ ସର୍ବସାଧାରଣ ସମ୍ପତ୍ତିର ସ୍ଥିତି ସମ୍ବନ୍ଧରେ ସୂଚନା ସଂଗ୍ରହ କରାଯାଇଥିଲା ଏବଂ ବିଶ୍ଳେଷଣ କରାଯାଇଥିଲା I

ବାହାଦଲପୁର ଭିତରେ ଓ ଚାରି ପାଖରେ ଥିବା ଭିତ୍ତିଭୂମି ମିଶ୍ରିତ ପ୍ରକାରର, କେଉଁଠାରେ ସମ୍ପୂର୍ଣ୍ଣ ଭାବରେ ପୁରୁଣା ଗ୍ରାମ୍ୟ ଢାଞ୍ଚା ଦେଖାଯାଉଥିବାବେଳେ ଅନ୍ୟପଟେ ଗ୍ରାମ ଚାରିପାଖରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ଗୃହ, ଦୋକାନଘର ସମୂହ/ସପିଙ୍ଗ କମ୍ପଲେକ୍ସ ଆଦି ଦୃଷ୍ଟିଗୋଚର ହୁଏ । ଔଷଧ, ଡାଲି ଚାଉଳ, ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦୀ ସମେତ ଅନ୍ୟାନ୍ୟ ଆବଶ୍ୟକୀୟ ମୌଳିକ ଦ୍ରବ୍ୟ ପ୍ରକଳ୍ପ ଅଞ୍ଚଳରେ ମିଳିଥାଏ । ଆମର କ୍ଷେତ୍ର ସର୍ବେକ୍ଷଣ ଅନୁଯାୟୀ, ଅଞ୍ଚଳରେ ଦୃଷ୍ଟିଗୋଚର ହେଉଥିବା ଭିତ୍ତିଭୂମିର ବିବରଣୀ ନିମ୍ନରେ ସାରଣୀ-୫ ପ୍ରଦାନ କରାଯାଇଛି ।

**ସାରଣୀ ୪: ବାହାଦଲପୁର ଗ୍ରାମରେ ଭିତ୍ତିଭୂମି ଓ ସେବା ପ୍ରଦାନକାରୀ ମାନଙ୍କ ବିବରଣୀ**

| ଭିତ୍ତିଭୂମିର ପ୍ରକାର | ସଖ୍ୟା | ଭିତ୍ତିଭୂମିର ପ୍ରକାର | ସଖ୍ୟା |
|---|---|---|---|
| ପ୍ରାଥମିକ ବିଦ୍ୟାଳୟ | ୧ | ନଳକୂପ ସଂଖ୍ୟା | ୮ |
| ମାଧ୍ୟମିକ ବିଦ୍ୟାଳୟ | ୧ | ଡାଲି ଚାଉଳ ଦୋକାନ | ୫ |
| ଅଙ୍ଗନ ୱାଡି | ୧ | ଭାଗବତ ଟୁଙ୍ଗି | ୧ |
| ସୂଲଭ ମୂଲ୍ୟ ଦୋକାନ | ୧ | ମନ୍ଦିର | ୫ |
| ପୋଖରୀ | ୧ | ଗ୍ୟାରେଜ୍ | ୧ |
| ଯାତ୍ରା ସ୍ଥଳୀ | ୧ | ଧୋବା | ୨ |
| ଭଜନ ମଣ୍ଡଳ | ୧ | ବାରିକ | ୨ |
| ଏସ ଏଚ୍ ଜି | ୮ | ବଢେଇ | ୪ |
| ଗୋଷ୍ଠୀ ଗୃହ | ୧ | ଇଲେକଟ୍ରିକ ମିସ୍ତ୍ରୀ | ୩ |
| ଗ୍ରାମ ପଞ୍ଚାୟତ | ୧ | ରାଜମିସ୍ତ୍ରୀ | ୧୦ |

***ଉତ୍ସ – ପ୍ରାଥମିକ ତଥ୍ୟ***

ସେ ଯାହାହେଉ, ସାଧାରଣ ଭାବରେ ପ୍ରକଳ୍ପ ଅଞ୍ଚଳରେ ବାସଗୃହଗୁଡିକ ଅପେକ୍ଷାକୃତ ଭାବରେ ନୁଆ, ଯେତେବେଳେ କି ଅଧିକାଂଶ ଘର ଗତ ଦଶନ୍ଧି ମଧ୍ୟରେ ନିର୍ମାଣ କରାଯାଇଛି I ଯେଉଁଠାରେ ନୂତନ ଉନ୍ନୟନ କାର୍ଯ୍ୟ ଚାଲିଛି ସେଠାରେ, ରାସ୍ତା, ନର୍ଦ୍ଦମାଜଳ ନିଷ୍କାସନ ବ୍ୟବସ୍ଥା, ଅଳିଆ ଆବର୍ଜନା ସଂଗ୍ରହ, ଜଳ ନିଷ୍କାସନ, ଜଳ ଯୋଗାଣ ଇତ୍ୟାଦି ଭଳି ମୌଳିକ ଭିତ୍ତିଭୂମିଗୁଡିକର ନୂତନ ବିକାଶ ଦୃଷ୍ଟିଗୋଚର ହେଉଅଛି I ମୋଟାମୋଟି ଭାବରେ, ସମ୍ପୁର୍ଣ୍ଣ ସହରର ଗୃହ ନିର୍ମାଣର ଢାଞ୍ଚା ଆଧାରରେ ଏହି ଅଞ୍ଚଳକୁ ଗୃହ ଅବସ୍ଥା ଦୃଷ୍ଟିରୁ ମଧ୍ୟମ ଧରଣର କୁହାଯାଇପାରେ I ଏଠାରେ ଉଲ୍ଲେଖନୀୟ ଯେ, ଗାଁ ଭିତରେ କିଛିମାତ୍ର ନଡା ଛପର ଘର ଦୃଷ୍ଟିଗୋଚର ହୁଏ ଏବଂ

ଅଧିକାଂଶ ଘର ସିମେଣ୍ଟ ମୁଳଦୁଆ ସହ ଇଟା ମାଙ୍କଡା ପଥର କାନ୍ଥ  ଦୃଷ୍ଟିଗୋଚର ହୁଏ । ସେ ଯାହାହେଉ, ଗ୍ରାମ ମଧ୍ୟରେ ରାସ୍ତାର ସଂଜାଲ ଅଣଓସାରିଆ ଏବଂ ଗହଳି କିନ୍ତୁ ମୂଖ୍ୟ ରାସ୍ତା ଚଉଡା ଓ ପ୍ରଶସ୍ତ ।

ଉପରେ ବର୍ଣ୍ଣନା କରା ଯାଇଥିବା ଭିତ୍ତିଭୂମି  ଓ ସେବା ପ୍ରଦାନକାରୀମାନେ ଗ୍ରାମରେ ଉପଲବ୍ଧ ହୁଅନ୍ତି । ପ୍ରକଳ୍ପ ଗ୍ରାମ ବାହାଦଲପୁର ନିକଟରେ ଥିବା ରେଳ ଷ୍ଟେସନର ଦୂରତା ୨ କିଲୋମିଟର ଏବଂ ବସ୍ ଷ୍ଟପର ଦୂରତା ୧.୫ କିଲୋମିଟର ।

ଯେହେତୁ ଗ୍ରାମରେ ମାତ୍ର ୮ ଟି ନଳକୂପ ଅଛି ତେଣୁ ବାହାଦଲପୁର ଗ୍ରାମର ଲୋକମାନେ ବର୍ଷ ସାରା ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଯାହାକି ଗ୍ରାମବାସୀମାନଙ୍କ ନିମନ୍ତେ ଆବଶ୍ୟକତା ଅନୁଯାୟୀ ମିଳେ ନାହିଁ । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଗ୍ରାମବାସୀମାନେ ଗ୍ରାମରେ ନିରାପଦ ପାନୀୟ ଜଳ ସୁବିଧା ନିମନ୍ତେ ଦାବି ଜଣାଇଥିଲେ, ଯାହାକି ପାନୀୟ ଜଳ ଅଭାବ କୁ ଦୂର କରିବ । ପ୍ରକଳ୍ପ ଅଞ୍ଚଳର ଲୋକମାନେ ମୁଖ୍ୟତଃ ସରକାରୀ ସୁବିଧା ସୁଯୋଗ ଉପରେ ନିର୍ଭର କରନ୍ତି । ପ୍ରାଥମିକ ସ୍ୱାସ୍ଥ୍ୟସେବା ନିମନ୍ତେ, ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ଗ୍ରାମ ଭିତରେ ଅବସ୍ଥିତ ଅଛି । ଏହି ସୁବିଧା ବ୍ୟତିତ ଲୋକମାନେ ବୃହତ ଭୁବନେଶ୍ୱର ଅଞ୍ଚଳରେ ଅବସ୍ଥିତ ଥିବା ରାଜଧାନୀ ଡାକ୍ତରଖାନା ଓ ଏମ୍ସ ଭୁବନେଶ୍ୱର ଓ ଅନ୍ୟାନ୍ୟ ବେସରକାରୀ ଡାକ୍ତରଖାନ ଉପରେ ନିର୍ଭର କରନ୍ତି ।

ଅଧ୍ୟାୟ-୪:

# ପ୍ରଭାବିତ ପରିବାରଗୁଡିକର ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ର

ଜମି ଅଧିଗ୍ରହଣ ଆବଶ୍ୟକ କରୁଥିବା ଯେ କୌଣସି ଭିତ୍ତିଭୂମି ଜନିତ ଉନ୍ନୟନ କାର୍ଯ୍ୟକ୍ରମ, ସେହି ଅଞ୍ଚଳର ବାସିନ୍ଦାମାନଙ୍କର ସାମାଜିକ ଓ ଅର୍ଥନୈତିକ ପରିସ୍ଥିତି ଉପରେ ପ୍ରଭାବ ପକାଇଥାଏ । ତେଣୁ, ଏହି ପ୍ରକାରର ପ୍ରକଳ୍ପ ହାତକୁ ନେବା ପୂର୍ବରୁ ଅଞ୍ଚଳରେ ବସବାସ କରୁଥିବା ପରିବାରର ସାମାଜିକ ଓ ଅର୍ଥନୈତିକ ପରିସ୍ଥିତି ଉପରେ ବିଶ୍ଳେଷଣ କରିବାରେ ଆବଶ୍ୟକତା ଅଛି, ଯଦ୍ୱାରା କି ଜମି ଅଧିଗ୍ରହଣ ହେତୁ ପ୍ରକଳ୍ପ ପ୍ରଭାବିତ ପରିବାର ଉପରେ ପଡିବାକୁ ଥିବା ପ୍ରତିକୂଳ ପ୍ରଭାବ ହ୍ରାସ କରିବାକୁ ଏହା ପ୍ରକଳ୍ପ ଅଧିକାରୀ, ଯୋଜନାକାରୀ ତଥା ନୀତି ପ୍ରଣୟନକାରୀମାନଙ୍କୁ ପୁନର୍ବାସ ଓ ଥଇଥାନ ଉପାୟ ପ୍ରସ୍ତୁତ ତଥା କ୍ଷତିପୂରଣ ଢାଞ୍ଚା ତିଆରି କରିବାରେ ସାହାଯ୍ୟ କରିବ । ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟର ବର୍ତ୍ତମାନର ଏହି ସାମାଜିକ ଆକଳନ ଅଧ୍ୟୟନ କରାଯାଇଛି । ଏହି ଅଧ୍ୟାୟରେ ଜମି ମାଲିକାନା ଦଲିଲ (RoR) ଅନୁଯାୟୀ ଜମି ମାଲିକ ଏବଂ ସେମାନଙ୍କ ବିସ୍ତାରିତ ପରିବାରର ସାମାଜିକ ଓ ଅର୍ଥନୈତିକ ପରିସ୍ଥିତି ସମ୍ବନ୍ଧରେ ସଂଗୃହିତ ତଥ୍ୟର ବିଶ୍ଳେଷଣ ସ୍ୱଷ୍ଟ ରୁପରେ ପ୍ରଦାନ କରାଯାଇଛି । ଆହୁରି ମଧ୍ୟ, ପ୍ରକଳ୍ପ ପ୍ରଭାବିତ ପରିବାରର ବର୍ତ୍ତମାନର ପରିସ୍ଥିତି ସମ୍ବନ୍ଧରେ ବୁଝି ଏକ ତୁଳନାତ୍ମକ ବିଶ୍ଳେଷଣ କରିବା ନିମନ୍ତେ ଜନସାଂଖ୍ୟିକ ଚିତ୍ର, ସାମାଜିକ ଅନୁଷ୍ଠାନ, ଜୀବିକା ଅଭ୍ୟାସ ଏବଂ ଏବଂ ଅର୍ଥନୈତିକ ଅବସ୍ଥା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଛି ।

## ୪.୧ ପ୍ରକଳ୍ପ ପ୍ରଭାବିତ ପରିବାର

ଭୁବନେଶ୍ୱର ଠାରେ ବାହାଦଲପୁର ଗ୍ରାମ ଠାରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ସମୁଦାୟ ୦.୦୮୦ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ । ରାଜ୍ୟ ଏସ ଆଇ ଏ ୟୁନିଟ୍ ଦ୍ୱାରା ପ୍ରଦାନ କରାଯାଇଥିବା ଆର ଓ ଆର ମୁତାବକ, ପ୍ରକୃତପକ୍ଷେ ୬ଟି ପରିବାର ଏହି ୦.୦୮୦ଏକର ଜମିର ମାଲିକ ଆକଳନ କରାଯାଇଛି । ସେ ଯାହାହେଉ ସର୍ବେକ୍ଷଣ ସମୟରେ ୮ ଟି ପରିବାରର ସର୍ବେକ୍ଷଣ କରାଯାଇଥିଲା ଏବଂ ଏହି ତାରତମ୍ୟର ମୂଖ୍ୟ କାରଣ ହେଲା ସମୟକ୍ରମେ ପ୍ରକୃତ ପରିବାରର ସଦସ୍ୟଙ୍କ ସଂଖ୍ୟାରେ ବୃଦ୍ଧି । କ୍ଷେତ୍ର ପରିଦର୍ଶନ ସମୟରେ ଜନଗଣନା ପଦ୍ଧତିରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ସମସ୍ତ ପରିବାର ସୂଚନା ସଂଗ୍ରହ କରାଯାଇଥିଲା ଏବଂ ପ୍ରକଳ୍ପର ପ୍ରଭାବ ଜାଣିବା ଉଦ୍ଦେଶ୍ୟରେ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ମଧ୍ୟରୁ କେତେକ ପରିବାରର ମଧ୍ୟ ସର୍ବେକ୍ଷଣ କରାଯାଇଥିଲା । ସେମାନଙ୍କ ସାମାଜିକ ଅର୍ଥନୈତିକ ପୃଷ୍ଠଭୂମି ଏବଂ ସେମାନଙ୍କ ଜୀବନ ଉପରେ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା ।

## ୪.୨ ଲିଙ୍ଗଭିତ୍ତିରେ ପରିବାର ଓ ଉତ୍ତରଦାତାମାନଙ୍କର ଶ୍ରେଣୀ ବିଭାଜନ

କୌଣସି ସମାଜରେ ଲିଙ୍ଗ ଅନୁପାତ ବିକାଶ ପ୍ରକ୍ରିୟାରେ ଥିବା ଅନ୍ତରକୁ ପ୍ରଦର୍ଶିତ କରିବାସହ ମାନବ ବିକାଶ ସୁଚକାଂକ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥାଏ । ମତଦାତାମାନଙ୍କ ବିଭାଜନ ଶୈଳିରୁ ଦୃଷ୍ଟିଗୋଚର ହେଉଛି ଯେ, ୮ ଜଣ ଉତ୍ତରଦାତାଙ୍କ ମଧ୍ୟରୁ ୭ ଜଣ ପୁରୁଷ ଅଟନ୍ତି, ଯେତେବେଳେ କି, ମାତ୍ର ୧ ଜଣ ମତଦାତା ମହିଳା ଅଟନ୍ତି, ଯାହା ସୂଚିତ କରୁଛି ଯେ ସାଧାରଣତଃ, ପୁରୁଷ ଲୋକମାନେ, ନିଷ୍ପତ୍ତି ଗ୍ରହଣ କରନ୍ତି । ଆହୁରି ମଧ ସର୍ବେକ୍ଷଣ କରା ଯାଇଥିବା ପରିବାରର ଲିଙ୍ଗ ଭିତ୍ତିରେ ବିଭାଜନ ସୂଚିତ କରୁଛି ଯେ, ସମୁଦାୟ ୪୭ ଜଣ ଲୋକକ ମଧ୍ୟରୁ ୨୪ (୫୧.୦୬ %) ପୁରୁଷ ଏବଂ ୨୩ (୪୮.୯୪%) ମହିଳା ଅଟନ୍ତି । ଚିତ୍ର -୩ ଆହୁରିମଧ ପରିବାର ମୂଖ୍ୟମାନଙ୍କ ମଧ୍ୟରେ ଲିଙ୍ଗ ଭିତ୍ତିରେ ବିଭାଜନକୁ ପ୍ରଦର୍ଶିତ କରୁଛି ।




**ଚିତ୍ର ୩: ଲିଙ୍ଗଭିତ୍ତିରେ ପ୍ରଭାବିତ ଲୋକମାନଙ୍କର ବଣ୍ଟନ**

## ୪.୩ ବୟସ ଭିତ୍ତିରେ ପ୍ରଭାବିତ ଲୋକମାନଙ୍କର ବିଭାଜନ

ପ୍ରଭାବିତ ଲୋକମାନଙ୍କ ବୟସ ଭିତ୍ତିରେ ବିଭାଜନ ବିଭିନ୍ନ ଆର୍ଥିକ ଓ ସାମାଜିକ ଗତିବିଧିରେ ଯୋଗଦାନ କିମ୍ବା ନିର୍ଭରଶିଳତାକୁ ସୁଚାଇବ ସହିତ ଉତ୍ପାଦନକ୍ଷମ ଜନସଂଖ୍ୟା ସମ୍ବନ୍ଧରେ ଧାରଣା ପ୍ରଦାନ କରିଥାଏ । ସାଧାରଣତଃ ୧୮-୪୫ ବର୍ଷ ବୟସର ଲୋକମାନଙ୍କୁ ସମାଜ ତଥା ପରିବାର ନିମନ୍ତେ ଅତ୍ୟନ୍ତ କାର୍ଯ୍ୟକ୍ଷମ ବୋଲି ବିଚାର କରାଯାଏ । ଏହି ପରିପ୍ରେକ୍ଷିରେ ପ୍ରଭାବିତ ଲୋକମାନଙ୍କର ବୟସଭିତ୍ତିରେ ବିଭାଜନ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇ ସାରଣୀ -୬ ରେ ପ୍ରଦାନ କରାଯାଇଛି । ଏହା ସୂଚିତ କରୁଛି ଯେ, ଜନସଂଖ୍ୟାର ସର୍ବାଧିକ ୪୬.୮୧% ସଂଖ୍ୟକ ଲୋକ କାର୍ଯ୍ୟକ୍ଷମ ବର୍ଗର ଅଟନ୍ତି ଯେତେବେଳେ କି, ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ୨୧.୨୮ % ବ୍ୟକ୍ତି ୧୮ ବର୍ଷରୁ କମ ବର୍ଷର ବୟସ ବର୍ଗରେ ଆସୁଛନ୍ତି । ଏତଦ୍ ବ୍ୟତିତ ୧୪.୮୯% ଲୋକ ୪୫-୬୦ ବର୍ଷ ବୟସ ମଧ୍ୟରେ ଅଛନ୍ତି, ଯେଉଁମାନଙ୍କୁ ମଧ ଅର୍ଥନୈତିକ ଦୃଷ୍ଟିକୋଣରୁ ସକ୍ରିୟ ବ୍ୟକ୍ତି ହିସାବରେ ପରିଗଣିତ କରାଯାଇପାରେ । ତେଣୁ ଏହା ସୂଚିତ କରୁଛି ଯେ, ସର୍ବେକ୍ଷଣ କରାଯାଇଥିବା ଅଞ୍ଚଳର ୬୫%ରୁ ଅଧିକ ଲୋକ ତାଙ୍କ ପରିବାରକୁ ଆର୍ଥିକ ସହଯୋଗ କରନ୍ତି । ଆହୁରି ମଧ ୧୭.୦୨% ବ୍ୟକ୍ତି ୬୦ ବର୍ଷ ବୟସରୁ ଅଧିକ ବର୍ଗରେ ଅଛନ୍ତି, ଯେଉଁମାନେ କି ତାଙ୍କ ପରିବାରର ରୋଜଗାରକ୍ଷମ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରନ୍ତି ।

**ସାରଣୀ ୫: ପ୍ରଭାବିତ ଲୋକମାନଙ୍କର ବୟସ ଆନୁଯାୟୀ ବିତରଣ**

| ବୟସ | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ୧୮ ବର୍ଷରୁ କମ | ୪ | ୧୬.୬୭ | ୬ | ୨୬.୦୯ | **୧୦** | **୨୧.୨୮** |
| ୧୮ ରୁ ୪୫ ବର୍ଷ | ୧୧ | ୪୫.୮୩ | ୧୧ | ୪୭.୮୩ | **୨୨** | **୪୬.୮୧** |
| ୪୫ ରୁ ୬୦ ବର୍ଷ | ୪ | ୧୬.୬୭ | ୩ | ୧୩.୦୪ | **୭** | **୧୪.୮୯** |
| ୬୦ ବର୍ଷରୁ ଅଧିକ | ୫ | ୨୦.୮୩ | ୩ | ୧୩.୦୪ | ୮ | **୧୭.୦୨** |
| ମୋଟ | **୨୪** | **୧୦୦.୦୦** | **୨୩** | **୧୦୦.୦୦** | **୪୭** | **୧୦୦.୦୦** |

*ଉତ୍ସ : କ୍ଷେତ୍ର ସର୍ବେକ୍ଷଣ*

## ୪.୪ ଜାତିଭିତ୍ତିରେ ସଂରଚନା ଓ ଦୁସ୍ଥ ଅବସ୍ଥା

କୌଣସି ବ୍ୟକ୍ତିର ଜାତି ଓ ଶିକ୍ଷା କେବଳ ଯେ ତାର ସାମାଜିକ ସ୍ଥିତି ସମ୍ବନ୍ଧରେ ପ୍ରତିଫଳିତ କରେ ତାହାନୁହେଁ ତାହା ତାର ଅର୍ଥନୈତିକ ପରସ୍ଥିତି ସମ୍ବନ୍ଧରେ ମଧ୍ୟ ତଥ୍ୟ ଉପସ୍ଥାପନ କରିଥାଏ । ଏ ସମ୍ବନ୍ଧିତ ତଥ୍ୟ ସୂଚିତ କରୁଛି ଯେ, ସମସ୍ତ ପ୍ରଭାବିତ ପରିବାର ଅନ୍ୟାନ୍ୟ ପଛୁଆ ବର୍ଗ ର ଅଟନ୍ତି । ଅଧ୍ୟୟନ ସମୟରେ, ସାମାଜିକ ବିଭାଜନ ଅନୁଯାୟୀ ଯଥା:- ଅନୁସୂଚିତ ଜାତି /ଜନଜାତି ପରିବାର, ମହିଳାମୂଖ୍ୟ ପରିବାର, ଭିନ୍ନକ୍ଷମ ନିର୍ଭରଶୀଳ ଥିବା ପରିବାର ହିସାବରେ ସମସ୍ତ ପରିବାରର ଦୁସ୍ଥ ଅବସ୍ଥାର ମଧ୍ୟ ଆକଳନ କରାଯାଇଥିଲା । ଅଧ୍ୟୟନରୁ ପ୍ରାପ୍ତ ତଥ୍ୟରୁ ପରିଲକ୍ଷିତ ହେଉଛି ଯେ ମାତ୍ର ଗୋଟିଏ ପରିବାର ଦୁସ୍ଥ ପରିବାର ବର୍ଗ ଅନ୍ତର୍ଗତ ଅଟେ, ଯେକି ଏକାଧିକ ପ୍ରକାରର ଦୁସ୍ଥତାରେ ଅନ୍ତର୍ଭୁକ୍ତ, ତାହାହେଲା ବିପିଏଲ୍ ଓ ମହିଳାମୂଖ୍ୟ ପରିବାର ।

## ୪.୫ ପ୍ରଭାବିତ ଲୋକମାନଙ୍କର ଶିକ୍ଷା ଅବସ୍ଥା

ରାଷ୍ଟ୍ରୀୟ ମାନବ ସଂଶାଧାନ ବିକାଶ ନିମନ୍ତେ ଶିକ୍ଷା ଏକ ମୂଖ୍ୟ ସୁଚକ ଅଟେ । ଏହା ଆଧୁନିକ ସମାଜ ରେ ଏକ ମୁଳଭୁତ ଆବଶ୍ୟକତା ହୋଇଯାଇଛି ଯାହାକି କୌଣସି ବ୍ୟକ୍ତିକୁ ଆର୍ଥିକ ବିକାଶ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ସକ୍ଷମ କରିଥାଏ । ଏହି ସନ୍ଦର୍ଭରେ ଅଧ୍ୟୟନରେ ପ୍ରଭାବିତ ଲୋକମାନଙ୍କ ଶିକ୍ଷାର ସ୍ତର ସମ୍ବନ୍ଧରେ ବିଶ୍ଳେଷଣ କରାଯାଇଛି ଯାହା ପ୍ରଦର୍ଶିତ କରୁଛି ଯେ, ୯୧.୫ ସାକ୍ଷର ଅଟନ୍ତି ଏବଂ ଅବଶିଷ୍ଟ ନିରକ୍ଷର ଅଟନ୍ତି । ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ବିଭିନ୍ନ ଶିକ୍ଷା ସ୍ତରର ଲୋକ ଦୃଷ୍ଟିଗୋଚର ହୁଅନ୍ତି ଯାହାର ସୂଚନା ସାରଣୀ – ୭ ରେ ପ୍ରଦାନ କରାଯାଇଛି ।

**ସାରଣୀ ୬: ପ୍ରଭାବିତ ଲୋକମାନଙ୍କର ଶିକ୍ଷା ଅବସ୍ଥା**

| ଶିକ୍ଷା ର ସ୍ତର | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ନାମମାତ୍ର ସାକ୍ଷର | ୧ | ୪.୭୬ | ୧ | ୪.୫୫ | **୨** | **୪.୬୫** |
| ପ୍ରାଥମିକ | ୪ | ୧୯.୦୫ | ୯ | ୪୦.୯୧ | **୧୩** | **୩୦.୨୩** |
| ଉଚ୍ଚ ବିଦ୍ୟାଳୟ | ୧ | ୪.୭୬ | ୩ | ୧୩.୬୪ | **୪** | **୯.୩୦** |

| ଶିକ୍ଷା ର ସ୍ତର | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ମାଟ୍ରିକ | ୪ | ୧୯.୦୫ | ୦ | ୦.୦୦ | ୪ | ୯.୩୦ |
| ଇଣ୍ଟରମିଡିଏଟ୍ | ୩ | ୧୪.୨୯ | ୪ | ୧୮.୧୮ | ୭ | ୧୬.୨୮ |
| ସ୍ନାତକ | ୩ | ୧୪.୨୯ | ୩ | ୧୩.୬୪ | ୬ | ୧୩.୯୫ |
| ସ୍ନାତକୋତ୍ତର | ୦ | ୦.୦୦ | ୧ | ୪.୫୫ | ୧ | ୨.୩୩ |
| ବୈଷୟିକ ଡିଗ୍ରୀ | ୩ | ୧୪.୨୯ | ୦ | ୦.୦୦ | ୩ | ୬.୯୮ |
| ବୈଷୟିକ ଡିପ୍ଲୋମା | ୧ | ୪.୭୬ | ୦ | ୦.୦୦ | ୧ | ୨.୩୩ |
| ଆଇ ଟି ଆଇ/ ସିଟି | ୧ | ୪.୭୬ | ୦ | ୦.୦୦ | ୧ | ୨.୩୩ |
| ବୈଷୟିକ ଡିଗ୍ରୀ | ୦ | ୦.୦୦ | ୧ | ୪.୫୫ | ୧ | ୨.୩୩ |
| ମୋଟ | **୨୧** | **୧୦୦.୦୦** | **୨୨** | **୧୦୦.୦୦** | **୪୩** | **୧୦୦.୦୦** |

ସାରଣୀ ପ୍ରଦର୍ଶିତ କରୁଛି ଯେ, ସର୍ବାଧିକ ୩୦.୨୩% ଲୋକ ପ୍ରାଥମିକ ସ୍ତରର ଶିକ୍ଷା ଗ୍ରହଣ କରିଛନ୍ତି; ୧୬.୨୮% ଲୋକ ଇଣ୍ଟରମିଡିଏଟ୍ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ୧୩.୯୫% ଲୋକ ସ୍ନାତକ ଉପାଧି ହାସଲ କରିଛନ୍ତି । ଅନ୍ୟାନ୍ୟ ଶିକ୍ଷାଗତ ଯୋଗ୍ୟତା ମଧ୍ୟରେ ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ମଧ୍ୟରୁ ୯.୩% ଏବଂ ସମାନ ପ୍ରତିଶତ ଲୋକ ମାଟ୍ରିକ ପାସ କରିଛନ୍ତି । ଯେତେଦୂର ବୈଷୟିକ ଶିକ୍ଷା ସମ୍ବନ୍ଧରେ ସମ୍ପୃକ୍ତ ୫ ଜଣ ଲୋକ ବିଭିନ୍ନ ବିଷୟରେ ବୈଷୟିକ ଶିକ୍ଷା ପାଇଛନ୍ତି । ସେ ଯାହାହେଉ ଏହା ସୂଚିତ କରୁଛି ଯେ, ୫୦% ରୁ ଅଧିକ ପ୍ରକଳ୍ପ ପ୍ରଭାବିତ ଲୋକଙ୍କର ମାଟ୍ରିକ ସ୍ତର ପର୍ଯ୍ୟନ୍ତ ଶିକ୍ଷାର ଉପଲବ୍ଧତା ଅଛି । ଲିଙ୍ଗଭିତ୍ତିରେ ଦେଖିଲେ ଏହା ଜଣା ପଡିଲା ଯେ, ଅଧିକାଂଶ ସ୍ତରରେ ମହିଳାମାନଙ୍କ ସଂଖ୍ୟା ପୁରୁଷମାନଙ୍କ ସଂଖ୍ୟା ଠାରୁ ଅଧିକ ।

## ୪.୬ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କର ପେଷା




**ଚିତ୍ର ୩ : ପ୍ରଭାବିତ ପରିବାରର ପେଷାର ପ୍ରକାର**

ଗୋଟିଏ ପରିବାରର ଅର୍ଥନୈତିକ ଅବସ୍ଥା ଏହାର ସଦସ୍ୟମାନଙ୍କ ପେଷା, ନିଯୁକ୍ତି ଏବଂ ପରିବାରରେ ଆୟ କରୁଥିବା ଲୋକମାନଙ୍କ ସଂଖ୍ୟା ଉପରେ ନିର୍ଭର କରିଥାଏ । ପ୍ରକଳ୍ପ ପ୍ରଭାବିତ ପରିବାର ମୁଖ୍ୟଙ୍କର ପେଷା ଏହାର ଅନ୍ୟାନ୍ୟ ସଦସ୍ୟମାନଙ୍କ ଉପରେ ପ୍ରଭାବ ପକାଇଥାଏ । ଜନଗଣନା ତଥ୍ୟ ୨୦୧୧ ସୂଚିତ କରୁଛି ଯେ, ଭୁବନେଶ୍ୱର ମୁନିସିପାଲିଟି କୁ ବାଦଦେଇ ଭୁବନେଶ୍ୱର ତହସିଲର ସମୁଦାୟ ଲୋକସଂଖ୍ୟାର ୩୪.୯୭% ଶ୍ରମଜୀବୀ ଅଟନ୍ତି ଏବଂ ଅବଶିଷ୍ଟ ଲୋକମାନେ ଅଣ- ଶ୍ରମଜୀବୀ ଅଟନ୍ତି । ତହସିଲର ମୁଖ୍ୟ ଶ୍ରମିକ ସମୁଦାୟ ଶ୍ରମଜୀବୀଙ୍କର ୭୯.୯% ଅଟନ୍ତି ।

ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଏହି ଅଧ୍ୟୟନ, ପ୍ରଭାବିତ ଗ୍ରାମରେ ଲୋକମାନଙ୍କ ଏହି ଜୀବିକା ପ୍ରଣାଳୀ ଜାଣିବାକୁ ପ୍ରୟାସ କରିଛି । ଏଥିରୁ ଅବଗତ ହେଲୁ ଯେ, ସମୁଦାୟ ୪୩ ଜଣ ଲୋକଙ୍କ ମଧ୍ୟରୁ ମାତ୍ର ୧୨ ଜଣ(୨୭.୯୧%) ତାଙ୍କ ପରିବାର ଚଳଣି ନିମନ୍ତେ ବିଭିନ୍ନ ଆର୍ଥିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ପରିବାରର ଅବଶିଷ୍ଟ ସଦସ୍ୟ ମାନେ ସେମାନଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । ଆହୁରିମଧ୍ୟ ରୋଜଗାର କରୁଥିବା ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ଅଧିକ ୫୮.୩୩% ପ୍ରତିଶତ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ଦରମା ପ୍ରଦାନ କରାଯାଉଥିବା ଚାକିରିରେ ନିଯୁକ୍ତ ଅଛନ୍ତି ଏବଂ ୪ (୩୩.୩%) ଜଣ ଚାଷୀ ଅଟନ୍ତି । ଏତଦ୍ ବ୍ୟତିତ ୮.୩% ବ୍ୟବସାୟିକ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ଏହିପରି ତଥ୍ୟରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ, ପ୍ରକଳ୍ପ ଅଞ୍ଚଳରେ ପ୍ରଭାବିତ ପରିବାର ମୁଖ୍ୟତଃ ଚାକିରୀ ଉପରେ ନିର୍ଭରଶୀଳ ଅଟନ୍ତି । ଏହା ଅନୁମାନ କରାଯାଇପାରେ ଯେ, ସହରିକରଣର ପ୍ରଭାବ ଓ ଭୁବନେଶ୍ୱର ସହର ନିକଟରେ ଅବସ୍ଥିତ ହୋଇଥିବା ହେତୁ ଅଧିକାଂଶ ଲୋକ ନିଜକୁ ଦରମାଭିତ୍ତିକ କାର୍ଯ୍ୟରେ ନିଯୁକ୍ତ କରିଛନ୍ତି । ଚିତ୍ର ୩ ପ୍ରଭାବିତ ଲୋକମାନକ ନିଯୁକ୍ତି ପ୍ରଣାଳୀ ପ୍ରଦର୍ଶିତ କରୁଛି ।

## ୪.୭ ପ୍ରଭାବିତ ପରିବାରର ଆୟ ବ୍ୟୟର ସ୍ଥିତି ଏବଂ ଋଣଗ୍ରସ୍ତତା

ଗୋଟିଏ ପରିବାରର ସାମାଜିକ ଅର୍ଥନୈତିକ ସ୍ଥିତି ଆକଳନ କରିବାକୁ ଆୟ ଏକ ମୁଖ୍ୟ ସୁଚକ ଅଟେ ଯାହାକି ପରିବାର ବ୍ୟୟ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ତେଣୁ ସର୍ବେକ୍ଷଣ ଗ୍ରାମରେ ପ୍ରଭାବିତ ପରିବାର ଆୟର ସ୍ଥିତି ଉପରେ ଅଧିକ ଧ୍ୟାନ ଦିଆଯାଇଛି । ଚିତ୍ର-୪ ପ୍ରଭାବିତ ପରିବାରକୁ ବିଭିନ୍ନ ଆୟକାରୀ ଗୋଷ୍ଠୀ ମଧ୍ୟରେ ପ୍ରତିଶତ ବିତରଣକୁ ପ୍ରଦର୍ଶିତ କରୁଛି ।

ସର୍ବେକ୍ଷଣ କରାଯାଇଥିବା ୮ ଟି ପରିବାରର ପ୍ରଦାନ କରାଯାଇଥିବା ସଂଖ୍ୟା ସୂଚିତ କରୁଛି ଯେ, ସର୍ବାଧିକ ୪ (୫୦%) ଟି ପରିବାରର ବାର୍ଷିକ ଆୟ ଟଙ୍କା ୩,୦୦,୦୦୦ । ଅନ୍ୟାନ୍ୟ ଆୟ ବର୍ଗ ମଧ୍ୟରେ ଅଛନ୍ତି ଟଙ୍କା ୮୦,୦୦୦ ରୁ ଟଙ୍କା ୧,୦୦,୦୦୦ ମଧ୍ୟରେ ୨ ଟି ପରିବାର, ଟଙ୍କା ୬୦,୦୦୦ ରୁ ଟଙ୍କା ୮୦.୦୦୦ ମଧ୍ୟରେ ପ୍ରତ୍ୟେକ ଗୋଟିଏ ପରିବାର । ସେ ଯାହାହେଉ ବର୍ଷକୁ ଟଙ୍କା ୬୦୦୦୦ରୁ କମ ଆୟ କରୁଥିବା କୌଣସି ପରିବାର ଉପଲବ୍ଧ ହେଲେ ନାହିଁ । ଏହା ସୂଚିତ କରୁଛି ଯେ, ସହରୀକରଣର ପ୍ରଭାବ ଅଧିକ ଆୟ କରିବାର ସୁଯୋଗ ପ୍ରଦାନ କରୁଛି ।




**ଚିତ୍ର-୪ ବିଭିନ୍ନ ଆୟକାରୀ ଗୋଷ୍ଠୀ ମଧ୍ୟରେ ପ୍ରଭାବିତ ପରିବାରର**

ଆୟ ଓ ବ୍ୟୟ ମଧ୍ୟରେ ପାରସ୍ପରିକ ସମ୍ପର୍କ ଜାଣିବା ନିମନ୍ତେ ସର୍ବେକ୍ଷଣ କରାଯାଇଥିବା ପରିବାରର ପୂର୍ବ ବର୍ଷର ଖାଦ୍ୟ ଓ ଅଣଖାଦ୍ୟ ପଦାର୍ଥରେ ମାସିକ ଖର୍ଚ୍ଚ ଉପଯୋଗର ଢାଞ୍ଚାକୁ ବିଶ୍ଳେଷଣ କରାଯାଇଥିଲା । ସର୍ବେକ୍ଷଣ କରାଯାଇଥିବା ପରିବାରର ତଥ୍ୟ ସୂଚିତ କରୁଛି ଯେ, ସର୍ବାଧିକ ସଂଖ୍ୟକ (୬୨୫.%) ପରିବାର ମାସକୁ ସମୁଦାୟ ଟଙ୍କା ୬,୦୦୦ ରୁ କମ ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ କରନ୍ତି ଓ ସେହିପରି ଅଣଖାଦ୍ୟ ସାମଗ୍ରୀରେ ୫୦% ପରିବାର ମାସକୁ ଟଙ୍କା ୬,୦୦୦ ରୁ କମ ଖର୍ଚ୍ଚ କରନ୍ତି ଏବଂ ଅନ୍ୟ ୫୦% ପରିବାର ଟଙ୍କା ୧୦୦୦୦ ରୁ ଅଧିକ ଖର୍ଚ୍ଚ କରନ୍ତି ଓ ଏହି ବିଶ୍ଳେଷଣ ଦର୍ଶାଉଛି ଯେ, ପ୍ରଭାବିତ ପରିବାରର ଆୟ ତୁଳନାରେ ସେମାନଙ୍କ ବ୍ୟୟର ପରିମାଣ କମ ଅଟେ ।




**ଚିତ୍ର ୫: ପରିବାରର ବାର୍ଷିକ ଆୟର ବିଭିନ୍ନ ଶ୍ରେଣୀ**

**ସାରଣୀ ୮ : ପ୍ରଭାବିତ ପରିବାରର ମାସିକ ବ୍ୟୟ**

| **ଶିକ୍ଷା** | **ଖାଦ୍ୟ** | **ପ୍ରତିଶତ** | **ଅଣଖାଦ୍ୟ** | **ପ୍ରତିଶତ** |
|---|---|---|---|---|
| ୬୦୦୦ରୁ କମ୍ | ୫ | ୬୨.୫୦ | ୪ | ୫୦.୦୦ |
| ୬୦୦୦-୮୦୦୦ | ୨ | ୨୫.୦୦ | ୦ | ୦.୦୦ |
| ୮୦୦୦୦-୧୦୦୦୦୦ | ୧ | ୧୨.୫୦ | ୦ | ୦.୦୦ |
| ୧୦୦୦୦ ରୁ ଅଧିକ | ୦ | ୦.୦୦ | ୪ | ୫୦.୦୦ |
| **ମୋଟ** | ୮ | ୧୦୦.୦୦ | ୮ | ୧୦୦.୦୦ |

***ଉତ୍ସ – କ୍ଷେତ୍ର ସର୍ବେକ୍ଷଣ***

## ଋଣଗ୍ରସ୍ତତା

ଲୋକମାନଙ୍କ ସାମାଜିକ ଅର୍ଥନୈତିକ ଆବଶ୍ୟକତା କୁ ପୂରଣ କରିବାକୁ  କୃଷି କାର୍ଯ୍ୟ, ବ୍ୟବସାୟ ଏବଂ ଅନ୍ୟାନ୍ୟ ଆୟକାରୀ କାର୍ଯ୍ୟକଳାପ ନିମନ୍ତେ ଋଣ ଏକ ମହତ୍ତ୍ୱପୂର୍ଣ୍ଣ କାରକ ଅଟେ । ଏହାକୁ ଦୃଷ୍ଟି ରେ ରଖି ପ୍ରଭାବିତ ପରିବାର ନିକଟରୁ ଋଣଗ୍ରସ୍ତତା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା ଏବଂ ଏଥିରୁ ଜଣାପଡିଲା ଯେ ବାହାଦଲପୁର ଗ୍ରାମରୁ ୪ ଟି ପରିବାର ସେମାନଙ୍କ ପରିବାରର ଜରୁରୀ ଆବଶ୍ୟକତା ନିମନ୍ତେ ସାଂଗଠନିକ ଋଣ ନେଇଛନ୍ତି ।  କମ୍ ସୁଧ ହାର ହେତୁ ଲୋକମାନେ ବ୍ୟାଙ୍କ ଋଣ ନେଇଛନ୍ତି  ଏବଂ ପ୍ରାୟତଃ ଏହା ବିନା ବନ୍ଧକରେ ଉପଲବ୍ଧ ହୋଇଥାଏ ।

## ୪.୮ ଘରର ଅବସ୍ଥା ଓ ମୌଳିକ ସୁବିଧା ସୁଯୋଗ

ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ କରିବାକୁ ହେଲେ ଘରର ଢାଞ୍ଚା ଏବଂ ମୌଳିକ ସୁବିଧା ସୁଯୋଗ ସମ୍ବନ୍ଧିୟ ଆକଳନ ନିତାନ୍ତ ଆବଶ୍ୟକ ଅଟେ । ତେଣୁ, ପ୍ରଭାବିତ ପରିବାରର ଘରର ଢାଞ୍ଚା, ଏହାର ବ୍ୟବହାର, ଘରର ଅବସ୍ଥାର ବିଭିନ୍ନ ଦିଗ ଓ ମୌଳିକ ସୁବିଧା ସୁଯୋଗ ପ୍ରାପ୍ତି ଇତ୍ୟାଦିକୁ ବ୍ୟକ୍ତିଗତ ଭାବରେ ଦୃଷ୍ଟି ଦିଆଯାଇଥିଲା ଏବଂ ସର୍ବେକ୍ଷଣ ସମୟରେ କ୍ଷେତ୍ର ଅନୁସନ୍ଧାନକାରୀ ମାନଙ୍କ ଦ୍ୱାରା ଯାଞ୍ଚ ମଧ୍ୟ କରାଯାଇଥିଲା ଏବଂ ସେଥିରୁ ଏହି ତଥ୍ୟ ମିଳିଥିଲା ଯେ, ପ୍ରଭାବିତ ୮ ଟି ପରିବାର ସମସ୍ତେ ଇଟା ସିମେଣ୍ଟରେ ତିଆରି ନିଜ ନିଜ ଗୃହରେ ବସବାସ କରୁଛନ୍ତି । ଏହାମଧ୍ୟ ପରିଲକ୍ଷିତ ହୋଇଥିଲା ଯେ, ୩ ଟି ଘରର ଚଟାଣ ଟାଇଲରେ ତିଆରି ହୋଇଥିବା ବେଳେ ୫ ଟି ଘରର ଚଟାଣ ସିମେଣ୍ଟରେ ତିଆରି ଏବଂ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର କୌଣସି କଚ୍ଚା ଘର ନାହିଁ ।

ମୌଳିକ ସୁବିଧାସୁଯୋଗ ସମ୍ବନ୍ଧରେ ବିଶ୍ଳେଷଣ ଏହା ପରିଲକ୍ଷିତ ହେଲା ଯେ, ପ୍ରତ୍ୟେକ ଗୃହରେ ନାଗରିକ ସୁବିଧା ଯଥା, ଗାଧୁଆ ଘର, ଶୌଚାଳୟ ଏବଂ ଧୁଆଧୁଇ ହେବା ନିମନ୍ତେ ଘର ଭିତରେ ସ୍ଥାନ, ବିଦ୍ୟୁତ ବ୍ୟବସ୍ଥା ଇତ୍ୟାଦି ମିଳିପାରୁଛି । ଗୃହପାଳିତ ପଶୁ ରଖିବା ନିମନ୍ତେ ଅଲଗା ସ୍ଥାନ ଦୁଇଟି ଘରେ ଦେଖାଗଲା, ଗାଧୁଆ ଘର ଏବଂ ଧୁଆଧୁଇ ହେବା ନିମନ୍ତେ ଘର ଭିତରେ ସ୍ଥାନ ପ୍ରତ୍ୟେକ ୫ ଟି ଘରେ ଦେଖାଗଲା । ଏହା ମଧ୍ୟ ପରିଲକ୍ଷିତ ହେଲା ଯେ, ପ୍ରଭାବିତ ପରିବାର ସମସ୍ତ ପ୍ରକାରର ନାଗରିକ ସୁବିଧା ଥିବା ଉତ୍ତମ ଭାବରେ ନିର୍ମିତ ଗୃହରେ ବାସ କରୁଛନ୍ତି ।

ସର୍ବେକ୍ଷଣ କରାଯାଇଥିବା ୮ ଟି ଘରର ପାନୀୟ ଜଳର ଉତ୍ସ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା । ତଥ୍ୟରୁ ପରିଲକ୍ଷିତ ହେଉଛି ୭ ଟି ପରିବାର ଗ୍ରାମରେ ଥିବା ନଳକୂପ ଉପରେ ନିର୍ଭର କରୁଥିବା ବେଳେ ମାତ୍ର ଗୋଟିଏ ପରିବାର ବର୍ଷ ସାରା ଖୋଲା କୁଅରୁ ପାଣି ଆଣି ଚଳୁଛନ୍ତି । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଏହା ପରିଲକ୍ଷିତ ହେଲା ଯେ, ଗ୍ରାମବାସୀମାନେ ବର୍ଷସାରା ପାନୀୟ ଜଳ ଅଭାବର ସମ୍ମୁଖିନ ହୁଅନ୍ତି ଏବଂ ଆବଶ୍ୟକତା କୁ ମେଣ୍ଟାଇବା ନିମନ୍ତେ ଜଳ ଯୋଗାଇଦେବା ନିମନ୍ତେ ଦାବି ଜଣାଇଲେ ।

## ୪.୯ ଗୃହ ଉପକରଣ ଏବଂ ସାର୍ବଜନୀନ ସୁବିଧା ସୁଯୋଗ

ଚଳଣିର ସ୍ତର ଜାଣିବାରେ ସାହାଯ୍ୟ କରୁଥିବା ହେତୁ ଏବଂ ସାମାଜିକ ଓ ଅର୍ଥନୈତିକ ସ୍ତର ସମ୍ବନ୍ଧରେ ଜାଣିବା ପାଇଁ ଅଧ୍ୟୟନ ସମୟରେ ଗୃହର ଉପକରଣ ସମ୍ପର୍କିତ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଥିଲା । ଏହା ପରିଲକ୍ଷିତ ହେଉଛି ଯେ, ଅଧିକାଂଶ ପରିବାରରେ ବିଭିନ୍ନ ପ୍ରକାରର ଗୃହ ଉପକରଣ ଅଛି ଯାହାର ତାଲିକା ସାରଣୀ – ୯ ରେ ପ୍ରଦାନ କରାଯାଇଛି ।

**ସାରଣୀ ୯: ପ୍ରଭାବିତ ପରିବାରରେ ଥିବା ଚଳନ୍ତି ସମ୍ପତ୍ତିର ତାଲିକା**

| **ସମ୍ପତ୍ତି** | **ସଂଖ୍ୟା** | **%** | **ସମ୍ପତ୍ତି** | **ସଂଖ୍ୟା** | **%** |
|---|---|---|---|---|---|
| ଟେଲିଭିଜନ | ୮ | ୧୦୦.୦୦ | ଚାରି ଚକିଆ | ୧ | ୧୨.୫୦ |
| ରେଫ୍ରିଜରେଟର | ୬ | ୭୫.୦୦ | ଜାଳେଣୀ ଗ୍ୟାସ | ୮ | ୧୦୦.୦୦ |

| | | | | | |
|---|---|---|---|---|---|
| ଟେଲିଫୋନ | ୮ | ୧୦୦.୦୦ | ବାସନ କୁସନ | ୮ | ୧୦୦.୦୦ |
| ସାଇକେଲ | ୫ | ୮୮.୮୯ | ଗହଣା | ୭ | ୮୭.୫୦ |
| ଦୁଇ ଚକିଆ ଯାନ | ୬ | ୭୫.୦୦ | ଅନ୍ୟାନ୍ୟ | ୪ | ୫୦.୦୦ |

*ଉତ୍ସ – ପ୍ରାଥମିକ ତଥ୍ୟ*

ସାରଣୀରୁ ଏହା ପରିଲକ୍ଷିତ ହେଲା ଟେଲିଭିଜନ, ରେଫ୍ରିଜରେଟର, ଫୋନ, ଜାଳେଣୀ ଗ୍ୟାସ ଏବଂ ବାସନ କୁସନ ଆଦି ସାଧାରଣ ଜିନିଷ ଯାହାକି ଅଧିକାଂଶ ପ୍ରଭାବିତ ଗୃହରେ ପ୍ରାୟତଃ ଦୃଷ୍ଟିଗୋଚର ହୋଇଥାଏ । ଟେଲିଭିଜନ, ରେଫ୍ରିଜରେଟର ପ୍ରତ୍ୟେକ ୬ ଟି ପରିବାରରେ ଦୃଷ୍ଟିଗୋଚର ହୋଇଥିଲା । ଏତଦ୍ ବ୍ୟତିତ ଗୋଟିଏ ଉଚ୍ଚ ଆୟକାରୀ ଗୋଷ୍ଠୀ ନିକଟରେ ଚାରି ଚକିଆ ଯାନ ଥିବାର ମଧ୍ୟ ପରିଲକ୍ଷିତ ହୋଇଥିଲା ।

## ୪.୧୦ ପରିବାରର ସ୍ୱାସ୍ଥ୍ୟ ସମ୍ପର୍କିତ ବ୍ୟବହାର

ପ୍ରଭାବିତ ପରିବାରଗୁଡିକୁ ଯେତେବେଳେ ସ୍ୱାସ୍ଥ୍ୟ ସମ୍ପର୍କିତ ବ୍ୟବହାର ସମ୍ପର୍କରେ ପଚରାଗଲା ଅର୍ଥାତ ନିକଟସ୍ଥ ସ୍ୱାସ୍ଥ୍ୟ ସୁବିଧାର ଉପଲବ୍ଧତା, ସୁବିଧାର ପ୍ରକାର, ଗତ ବର୍ଷକ ମଧ୍ୟରେ ସାଧାରଣ ରୋଗର ଚିକିତ୍ସା ନିମନ୍ତେ ହୋଇଥିବା ଖର୍ଚ୍ଚ, ଏହା ଉପଲବ୍ଧ ହେଲା ଯେ, ସର୍ବେକ୍ଷଣ କରାଯାଇଥିବା ସମୁଦାୟ ପରିବାର ମଧ୍ୟରୁ ସର୍ବେକ୍ଷଣ ହେବାର ବିଗତ ବର୍ଷକ ମଧ୍ୟରେ ୭ ଜଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ । ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ନିମନ୍ତେ ଏହା ପରିଲକ୍ଷିତ ହେଲା ଯେ, ସର୍ବେକ୍ଷଣ କରାଯାଇଥିବା ପ୍ରାୟ ସମସ୍ତ ପରିବାର ଏଲୋପାଥିକ ଚିକିତ୍ସା ନିମନ୍ତେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଯାଇଛନ୍ତି ।

ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା ଏବଂ ବ୍ୟବହାର ସମ୍ପର୍କିତ ପ୍ରଶ୍ନରେ ଏହା ଅବଗତ ହେଲା ଯେ, ସମୁଦାୟ ସର୍ବେକ୍ଷଣ କରାଯାଇଥିବା ପରିବାର ମଧ୍ୟରୁ ୪ (୫୦%) ପରିବାର କ୍ୟାପିଟାଲ ହସ୍ପିଟାଲ୍, ଭୁବନେଶ୍ୱର କୁ ଯାଇଥିବା ବେଳେ, ୩ (୨୬.୦୯%) ପରିବାର ବେସରକାରୀ ଡାକ୍ତରଖାନାକୁ ଯାଇଛନ୍ତି ଏବଂ କେବଳ ଗୋଟିଏ ପରିବାର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଯାଇଛି । ତଥ୍ୟ ରୁ ଜଣ ପଡୁଛି ଅଧିକ ସଂଖ୍ୟକ ପରିବାର ସରକାରୀ ସୁବିଧା ଉପଲବ୍ଧ କରିପାରୁଛନ୍ତି ।

ପୁରୁଣା ବେମାର ଯାହାର ନିୟମିତ ଚିକିତ୍ସା ଆବଶ୍ୟକ ସେ ସମ୍ବନ୍ଧରେ ପରିବାର ଧାରଣା ସମ୍ବନ୍ଧିତ ପ୍ରଶ୍ନରେ ଜାଣିବାକୁ ମିଳିଲା ଯେ, ଏହି ଗ୍ରାମରେ . ଡାଇବେଟିସ୍ ଓ ହାର୍ଟ ଓ ଲିଭର ସମ୍ପର୍କିତ ପୁରୁଣା ରୋଗ ଅଛି ଏବଂ ଏହିପରି ରୋଗର ଚିକିତ୍ସା ନିମନ୍ତେ ପ୍ରତି ମାସରେ ପ୍ରାୟ ଟଙ୍କା ୩୦୦୦/- ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି ।

## ୪.୧୧ ନିଷ୍ପତ୍ତି ଗ୍ରହଣ ଓ ପରିବାର ସ୍ତରରେ ଭାଗିଦାରିତା

ପ୍ରଭାବିତ ଗ୍ରାମଗୁଡିକରେ ମହିଳା ମାନଙ୍କର ସଶକ୍ତିକରଣର ସ୍ତରକୁ ଜାଣିବା ନିମନ୍ତେ ଲିଙ୍ଗ ଆଧାରରେ ନିଷ୍ପତ୍ତି ଗ୍ରହଣ ଏବଂ ପରିବାରର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗିଦାରିତାର ଆକଳନ କରାଯାଇଥିଲା । ଏହି ସମ୍ବନ୍ଧରେ ଉତ୍ତରଦାତାମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପୁରୁଷ ଓ ମହିଳା ସଦସ୍ୟଙ୍କ ଭୂମିକା ଏବଂ ବିଭିନ୍ନ ଘରୋଇ

କାର୍ଯ୍ୟକ୍ରମରେ ଭାଗିଦାରିତା ସମ୍ପର୍କରେ ପଚାର ଯାଇଥିଲା ଏବଂ ସେମାନଙ୍କ ମତାମତ ସାରଣୀ ୧୦ରେ ଉଲ୍ଲେଖ କରାଯାଇଛି ।

**ସାରଣୀ – ୭: ପ୍ରଭାବିତ ପରିବାରଗୁଡିକର ଲିଙ୍ଗ ଆଧାରରେ ନିଷ୍ପତ୍ତି ଗ୍ରହଣ**

| ନିଷ୍ପତ୍ତି ଗ୍ରହଣ | ପୁରୁଷ | | ମହିଳା | | ଉଭୟ | |
|---|---|---|---|---|---|---|
| | ସଂ | % | ସଂ | % | ସଂ | % |
| ଆର୍ଥିକ ସମ୍ବନ୍ଧିତ | ୭ | ୮୭.୫୦ | ୦ | ୦.୦୦ | ୧ | ୧୨.୫୦ |
| ପିଲାଙ୍କ ପାଠପଢା | ୦ | ୦.୦୦ | ୦ | ୦.୦୦ | ୮ | ୧୦୦.୦୦ |
| ପିଲାଙ୍କ ସ୍ୱାସ୍ଥ୍ୟର ଯତ୍ନ | ୦ | ୦.୦୦ | ୦ | ୦.୦୦ | ୮ | ୧୦୦.୦୦ |
| ସମ୍ପତ୍ତି କ୍ରୟ | ୪ | ୫୦.୦୦ | ୦ | ୦.୦୦ | ୪ | ୫୦.୦୦ |
| ଦୈନନ୍ଦିନର ଗୃହକାର୍ଯ୍ୟ | ୦ | ୦.୦୦ | ୩ | ୩୭.୫୦ | ୫ | ୬୨.୫୦ |
| ସାମାଜିକ ଉତ୍ସବ ଓ ବିବାହ କାର୍ଯ୍ୟ | ୦ | ୦.୦୦ | ୦ | ୦.୦୦ | ୮ | ୧୦୦.୦୦ |
| ପରିବାର ନିମନ୍ତେ ମହିଳା ମାନଙ୍କ ଆୟ | ୦ | ୦.୦୦ | ୧ | ୧୨.୫୦ | ୭ | ୮୭.୫୦ |
| ଜମିବାଡି ଓ ସମ୍ପତ୍ତି | ୭ | ୮୭.୫୦ | ୦ | ୦.୦୦ | ୧ | ୧୨.୫୦ |
| ଅନ୍ୟାନ୍ୟ | ୦ | ୦.୦୦ | ୦ | ୦.୦୦ | ୮ | ୧୦୦.୦୦ |

***ଉତ୍ସ – ପ୍ରାଥମିକ ତଥ୍ୟ***

ପରିବାର ସ୍ତରିୟ ତଥ୍ୟରୁ ଆମେ ଅବଗତ ହେଉଛୁ ଯେ, ଅଧିକାଂଶ କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ଏକାଠି ନିଷ୍ପତ୍ତି ନିଆଯାଏ ଅଳ୍ପ କେତେକ କ୍ଷେତ୍ର ଯଥା; ଆର୍ଥିକ ସମ୍ବନ୍ଧିତ ଜମିବାଡି ଓ ସମ୍ପତ୍ତି ଆଦି କ୍ଷେତ୍ରରେ ପୁରୁଷ ମାନେ ମୂଖ୍ୟ ଭୂମିକା ଗ୍ରହଣ କରନ୍ତି । ଏହା ପ୍ରଦର୍ଶିତ କରୁଛି ଯେ, ପ୍ରଭାବିତ ପରିବାରରେ ମହିଳାମାନେ ଗୃହ କାର୍ଯ୍ୟ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରିବାରେ ସମାନ ଭୂମିକା ଗ୍ରହଣ କରନ୍ତି । ଆହୁରିମଧ୍ୟ ୬ ଟି ପରିବାରରେ ମହିଳାମାନେ ଗୋଷ୍ଠିସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଭାଗନିଅନ୍ତି ଏବଂ ୫ ଟି ପରିବାରରେ ମହିଳାମାନେ ଏସ ଏଚ୍ ଜି ର ସଭ୍ୟ ଅଟନ୍ତି । ଯଦିଓ ପରିବାରସ୍ତରରେ ମହିଳାମାନେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭୂମିକା ଅଛି, କିନ୍ତୁ ଗୋଷ୍ଠିସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ଭାଗିଦାରିତା ପ୍ରକଳ୍ପ ଗ୍ରାମଗୁଡିକରେ କମ୍ ଦୃଷ୍ଟିଗୋଚର ହୋଇଥାଏ ।

## ୪.୧୨ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଧାରଣା

ଉନ୍ନୟନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଦ୍ୱାରା ବାସ କରୁଥିବା ଲୋକମାନଙ୍କ ବସତି ଉପରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ପଡିଥାଏ । ତେଣୁ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ପ୍ରକଳ୍ପର ସାମାଜିକ ଆକଳନ ଅଧ୍ୟୟନ ସମୟରେ ଅଞ୍ଚଳ ଲୋକମାନଙ୍କର ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ କଣ ଧାରଣା ଅଛି ଜାଣିବା ନିମନ୍ତେ ବାହାଦଲପୁର ଗ୍ରାମର ପରୋକ୍ଷ ଭାବରେ ପ୍ରଭାବିତ ପରିବାର ନିକଟରୁ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହା ପରିଲକ୍ଷିତ ହେଲା ଯେ, ୧୦ ଟି ପରିବାରରେ ୪୧ ଜଣ ଲୋକ ବସବାସ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ

୨୩ ଜଣ ପୁରୁଷ ଓ ୧୮ ଜଣ ମହିଳା ଅଟନ୍ତି । ସର୍ବେକ୍ଷଣ କରାଯାଇଥିବା ସମସ୍ତ ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ଅଟନ୍ତି । ସେହି ପରିବାରଗୁଡିକର ଶିକ୍ଷାଗତ ଯୋଗ୍ୟତାର ପାର୍ଶ୍ୱଚିତ୍ର ସୂଚିତ କରୁଛି ଯେ ସମସ୍ତେ ଶିକ୍ଷିତ ଏବଂ ପ୍ରାୟତଃ କ୍ଷୁଦ୍ର ବ୍ୟବସାୟ ଓ ଚାଷ କାର୍ଯ୍ୟ କରନ୍ତି ।

ସର୍ବେକ୍ଷଣରୁ ଏହା ଜଣା ପଡିଲା ଯେ, ପରୋକ୍ଷ ଭାବରେ ପ୍ରଭାବିତ ହେଉଥିବା ୧୦ ଟି ପରିବାର ଅଞ୍ଚଳରେ ଆରମ୍ଭ ହେବାକୁ ଯାଉଥିବା ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଅଛନ୍ତି । ଯେତେବେଳେ ସୂଚନାଦାତାମାନଂକୁ ପ୍ରକଳ୍ପର ଲାଭ ସମ୍ବନ୍ଧରେ ପ୍ରଶ୍ନ ପଚାରଗଲା ସେତେବେଳେ ସର୍ବେକ୍ଷଣ କରାଯାଇଥିବା ସମସ୍ତ ପରିବାର ମତ ଦେଇଥିଲେ ଯେ, ନିରାପଦ ଓ ଠିକ ସମୟରେ ଯାତାୟତ ସୁବିଧା ଯୋଗାଇ ଦେଇ ପ୍ରକଳ୍ପ ସମସ୍ତ ପରିବାର ତଥା ସମଗ୍ର ଗ୍ରାମ ନିମନ୍ତେ ଲାଭଦାୟକ ହେବ । ଅଧ୍ୟୟନ କରାଯାଇଥିବା ପରିବାରର ଇଚ୍ଛା ସମ୍ବନ୍ଧିୟ ତଥ୍ୟରୁ ଜଣାପଡିଲା ଯେ, ପାନୀୟ ଜଳର ଅଭାବ ଗ୍ରାମରେ ଏକ ମୁଖ୍ୟ ସମସ୍ୟା ଅଟେ ଏବଂ ସେମାନେ ବର୍ଷସାରା ପାନୀୟ ଜଳର ସୁବିଧାଜନକ ଉତ୍ସ ଯୋଗାଇଦେବା ନିମନ୍ତେ ଦାବି କରିଥିଲେ ।

ସେ ଯାହାହେଉ, ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ହେଲେ ବର୍ଷା ଜଳ ବୋହି ନଯାଇ ତାଙ୍କ ଜମିରେ ଜଳଭର୍ତ୍ତି (water logging) ହୋଇ ରହିବ ବୋଲି ପରୋକ୍ଷ ଭାବରେ ପ୍ରଭାବିତ ପରିବାର ବୋଲି ଆଶଙ୍କା ପ୍ରକାଶ କରିଥିଲେ । ପ୍ରକଳ୍ପର କିଛି ନକାରାତ୍ମକ ପ୍ରଭାବ ଓ ଅସୁବିଧାକୁ ବାଦ ଦେଲେ ମୋଟାମୋଟି ଭାବରେ ସମସ୍ତ ଲୋକ ପ୍ରକଳ୍ପର ସକାରାତ୍ମକ ପ୍ରଭାବ ସମ୍ବନ୍ଧରେ ବହୁତ ଆଶାବାଦୀ ।

# ଅଧ୍ୟାୟ -୫:
# ପ୍ରକଳ୍ପ ଜମିର ଆକଳନ

କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଜମିର ଏକ ବହୁତ ବଡ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଛି । ଗ୍ରାମରେ ଜମି ବିତରଣ ପ୍ରଣାଳୀ, ଜୀବିକାର ବିକଳ୍ପ ନିରୁପଣ କରିବା ସଙ୍ଗେ ସଙ୍ଗେ ଗୋଷ୍ଠୀ ମଧ୍ୟରେ ଆର୍ଥିକ ସୁଯୋଗ ପ୍ରଦାନ କରିବାରେ ମୂଖ୍ୟ କାରଣ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର  ଷ୍ଟେସନ ମଧ୍ୟରେରେତଙ୍ଗ-ଏକ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ବିଭିନ୍ନ ପ୍ରକାର ଜମି ଅଧିଗ୍ରହଣ କରାଯିବ । ପୂର୍ବରୁ ଯେପରି ଆଲୋଚନା କରାଯାଇଛି ବାହାଦଲପୁର ଗ୍ରାମରେ ସମୁଦାୟ ୦.୫୬୬ଏକର ବେସରକାରୀ ଜମି ପ୍ରଭାବିତ ହେବ ଏବଂ ସେଥିମଧ୍ୟରୁ ବାହାଦଲପୁର ଗ୍ରାମ ଠାରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ୦.୦୮୦ ଏକର ଜମି ଅଧିଗ୍ରହଣ କରାଯିବ । ସର୍ବେକ୍ଷଣ ସମୟରେ ସାମାଜିକ ଆକଳନ ଅଧ୍ୟୟନ ଦଳ ବାହାଦଲପୁର ଗ୍ରାମର ୮ ଟି ପରିବାରର ଅଧିଗ୍ରହଣ କରାଯାଇଥିବା ସମୁଦାୟ ୦.୦୮୦ ଏକର ଜମିର ତଥ୍ୟ ସଂଗ୍ରହ କରିଥିଲା । ସେ ଯାହାହେଉ, ଏହି ଅଧ୍ୟାୟରେ ଭୂମିଧାରଣ ପରିମାଣ, ପ୍ରଭାବିତ ଏବଂ ଅଧିଗ୍ରହଣ ହେବାକୁ ଥିବା ଜମି, ଜମିର ପ୍ରକାର ଏବଂ ବ୍ୟବହାର ଏବଂ ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ପ୍ରଭାବିତ ହେବାକୁ ଥିବା ଜମିର ମାଲିକାନାସ୍ୱତ୍ତ୍ୱ ସମ୍ବନ୍ଧରେ ବିସ୍ତୃତ ଭାବରେ ବିଶ୍ଳେଷଣ କରାଯାଇଛି ।

## ୫.୧  ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବିତ ଜମିର ପରିମାଣ ଓ ଅବସ୍ଥିତ

ରାଜ୍ୟ ଏସ ଆଇ ଏ ଙ୍କ ଦ୍ୱାରା ପ୍ରଦତ୍ତ ଆର୍ ଓ ଆର୍ ଅନୁଯାୟୀ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ପ୍ରକଳ୍ପ ନିମନ୍ତେ ସମୁଦାୟ ୦.୦୮୦ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ । ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରଭାବିତ ଜମିର ଆର୍ ଓ ଆର୍ ସାରଣୀ-୧୧ରେ ପ୍ରଦାନ କରାଯାଇଛି ।

**ସାରଣୀ-୧୧: ପ୍ରଭାବିତ ଏବଂ ଅଧିଗ୍ରହଣ କରାଯାଉଥିବା ଜମିର ଆର୍ ଓ ଆର୍**

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ୍ ନମ୍ବର୍ | ପ୍ରଭାବିତ ହେଉଥିବା ଜମି | ଅଧିଗ୍ରହଣ କରାଯାଉଥିବା ଜମି | କିସମ | ଉଲ୍ଲିଖିତ ଥିବା ପ୍ରଜାର ନାମ |
|---|---|---|---|---|---|---|
| ୧ | ୧୬୩ | ୨୩୧/୯୩୨ | ୦.୦୪ | ୦.୦୦୬ | ରାସ୍ତା | ବାଳକୃଷ୍ଣ ରାଉତରାୟ. ପିତା – କେଶବ ଚରଣ ରାଉତରାୟ, ବାହାଦଲପୁର |
| ୨ | ୧୬୩ | ୨୩୧ | ୦.୦୪୫ | ୦.୦୦୩ | ସାରଦ | ବାଳକୃଷ୍ଣ ରାଉତରାୟ. ପିତା – କେଶବ ଚରଣ ରାଉତରାୟ, ବାହାଦଲପୁର |
| ୩ | ୨୨୧ | ୨୩୨/୯୩୪ | ୦.୦୦୪ | ୦.୦୦୪ | ସାରଦ | ରତ୍ନାକର ମୁଖୀ, ବେଣୁଧର ମୁଖୀ, ସୁରେନ୍ଦ୍ର ମୁଖୀ ପିତା ଯୋଗୀ ମୁଖୀ, ବାହାଦଲପୁର |
| ୪ | ୧୬୩ | ୨୩୦/୮୩୯ | ୦.୧ | ୦.୦୩୨ | ସାରଦ ଦୋଫସଲି | ବାଳକୃଷ୍ଣ ରାଉତରାୟ. ପିତା – କେଶବ ଚରଣ ରାଉତରାୟ, ବାହାଦଲପୁର |

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ୍ ନମ୍ବର୍ | ପ୍ରଭାବିତ ହେଉଥିବା ଜମି | ଅଧିଗ୍ରହଣ କରାଯାଉଥିବା ଜମି | କିସମ | ଉଲ୍ଲିଖିତ ଥିବା ପ୍ରଜାର ନାମ |
|---|---|---|---|---|---|---|
| ୫ | ୧୧୦ | ୨୨୯ | ୦.୦୨୨ | ୦.୦୧୮ | ସାରଦ | ଧ୍ରୁବ ଚରଣ ରାଉତରାୟ ପିତା – ଇନ୍ଦ୍ରମଣି ରାଉତରାୟ, ବାହାଦଲପୁର |
| ୬ | ୨୧୦ | ୨୨୬ | ୦.୨୪ | ୦.୦୦୧ | ସାରଦ ଦୋଫସଲି | ମାୟାଧର ମୁଖୀ, ପିତା- କୁଞ୍ଜ ମୁଖୀ, ବାହାଦଲପୁର |
| ୭ | ୧୬୩ | ୨୨୮ | ୦.୦୧୫ | ୦.୦୧୩ | ସାରଦ | ବାଳକୃଷ୍ଣ ରାଉତରାୟ. ପିତା – କେଶବ ଚରଣ ରାଉତରାୟ, ବାହାଦଲପୁର |
| ୮ | ୧୬୩ | ୨୩୦ | ୦.୧ | ୦.୦୦୩ | ସାରଦ ଦୋଫସଲି | ବାଳକୃଷ୍ଣ ରାଉତରାୟ. ପିତା – କେଶବ ଚରଣ ରାଉତରାୟ, ବାହାଦଲପୁର |

*ଉତ୍ସ : ରାଜ୍ୟ ଏସ୍ ଆଇ ଏ ୟୁନିଟ୍, ଏନ୍ ସି ଡି ଏସ୍, ଭୁବନେଶ୍ୱର*

ପ୍ରଦାନ କରାଯାଇଥିବା ଆର ଓ ଆର ଅନୁଯାୟୀ ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ କରାଯାଇଥିବା ଜମି ସାଧାରଣ ଭାବରେ ସାରଦ, ସାରଦ-୨ ଏବଂ ରାସ୍ତା କିସମ ଭାବରେ ବର୍ଗୀକରଣ କରାଯାଇଛି । ସମୁଦାୟ ଅଧିଗ୍ରହଣ ପ୍ରକ୍ରିୟାରେ ଅନ୍ୟ କୌଣସି ପ୍ରକାରର ଜମି ସଂଶ୍ଲିଷ୍ଟ ନାହିଁ । ପ୍ରକଳ୍ପ ପ୍ରଭାବିତ ଜମି ବ୍ୟତିତ ପ୍ରକଳ୍ପ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଅନ୍ୟାନ୍ୟ ଜମିର ବ୍ୟବହାର ପ୍ରଣାଳୀ ପ୍ରାୟତଃ ସାରଦ, ଜଳାଶୟ, ଘରବାରୀ ଏବଂ ଅନାବାଦୀ ସରକାରୀ ଜମି ଇତ୍ୟାଦି ଅଟେ ।

## ୫.୨ ପ୍ରଭାବିତ ପରିବାରର ଜମି ଧାରଣ ଏବଂ ଏହାର ବ୍ୟବହାର

ପ୍ରାଥମିକ ତଥ୍ୟ ଅନୁଯାୟୀ, ପ୍ରଭାବିତ ୮ ଟି ପରିବାର ନିକଟରେ ସମୁଦାୟ ୧୦.୮୭ ଏକର ଜମି ଉପଲବ୍ଧ ଅଛି ଏହା ମଧ୍ୟ ବ୍ୟକ୍ତିଗତ ପରିବାର ଅନ୍ତର୍ଗତ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ଅଟେ । ପ୍ରାଥମିକ ତଥ୍ୟରୁ ଏହା ଜଣା ପଡୁଛି ଯେ, ସମୁଦାୟ ଜମି ମଧ୍ୟରୁ ୨.୭୦୦ ଏକର (୨୪.୮୪%) ଜମି ଜଳସେଚିତ ଜମି ଅଟେ ଅବଶିଷ୍ଟ (୭୬.୧୬%) ଜମି ଅଣ-ଜଳସେଚିତ ଜମି ଅଟେ (ସାରଣୀ -୧୨) । ଏହାର ଅର୍ଥ ପରିବାରର ଅଧିକାରରେ ଥିବା ଅଧିକାଂଶ ଜମି ଅଣ-ଜଳସେଚିତ ଜମି ଅଟେ ।

**ସାରଣୀ – ୧୨ ପ୍ରଭାବିତ ପରିବାର ଜମି ଧାରଣ (ଏକରରେ)**

| ସମୁଦାୟ ଜମି | ଜମିର ପ୍ରକାର | | ଜମିର ବ୍ୟବହାର | | |
|---|---|---|---|---|---|
| | ଜଳସେଚିତ | ଅଣ-ଜଳସେଚିତ | ଚାଷ କାର୍ଯ୍ୟ | ବାସସ୍ଥାନ | ପତିତ |
| ୧୦.୮୭ | ୨.୭୦୦ (୨୪.୮୪%) | ୮.୬୦୦ (୭୫.୧୬%) | ୭.୨୭ (୬୬.୮୮%) | ୩.୩୮ (୩୧.୦୯%) | ୦.୨୨ (୨.୦୨%) |

***ଉତ୍ସ – ପ୍ରାଥମିକ ତଥ୍ୟ***

ସାରଣୀରେ ପ୍ରଦାନ କରାଯାଇଥିବା ମୁତାବକ, ସର୍ବେକ୍ଷଣ ଗ୍ରାମର ଜମି ବ୍ୟବହାରରୁ ଜଣା ପଡୁଛି ଯେ, ସମୁଦାୟ ୧୦.୮୭ ଏକର ଜମି ମଧ୍ୟରୁ, ୭.୨୭ (୬୬.୮୮%)ଏକର ଚାଷ କାର୍ଯ୍ୟରେ ବ୍ୟବହୃତ ହୁଏ ଏବଂ ୩.୩୮ ଏକର (୩୧.୦୯%) ବାସସ୍ଥାନ ଭାବରେ ବ୍ୟବହୃତ ହୁଏ । ଏତଦବ୍ୟତିତ ଏହା ପରିଲକ୍ଷିତ ହେଲା ଯେ, ପ୍ରଭାବିତ ଗ୍ରାମରେ ୦.୨୨ ଏକର ଜମି ପତିତ ଅଞ୍ଚଳ ଅଟେ ଯାହାକି ଖାଲି ସ୍ଥାନ ଆକାରରେ ଅଛି ଏବଂ ଲୋକମାନେ ଏହାକୁ

କୌଣସି କାର୍ଯ୍ୟରେ ବ୍ୟବହାର କରୁନାହାନ୍ତି । ଏହିପରି ଭାବରେ ଏଥିରୁ ଜଣାପଡୁଛି ଯେ, ଲୋକମାନେ ତାଙ୍କ ଜମିର ବୃହତ ଅଂଶ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ।

## ୫.୩ ପ୍ରଭାବିତ ଜମି ଓ ଅଧିଗ୍ରହଣ କରାଯାଉଥିବା ଜମି

ସମୁଦାୟ ପ୍ରଭାବିତ ପରିବାର ନିକଟରେ ୧୦.୮୭ ଏକର ଜମି ଅଛି । ଭୁ-ଅର୍ଜନ ଜୋନାଲ କାର୍ଯ୍ୟାଳୟ, ଖୋର୍ଦ୍ଧାରୁ ଉପଲବ୍ଧ ପରୋକ୍ଷ ତଥ୍ୟରୁ ଏହା ଜଣା ପଡୁଛି ଯେ, ସମୁଦାୟ ଜମି ମଧ୍ୟରୁ ୦.୫୬୬ ଏକର ଜମି ପ୍ରଭାବିତ ହେବ ଯାହାକି ପରିବାର ର ଥିବା ସମୁଦାୟ ଜମିର ମାତ୍ର ୫.୨୧% । ସେହିପରି ପ୍ରଭାବିତ ଗ୍ରାମରେ ୦.୦୮୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ ଯାହାକି ପରିବାର ର ଥିବା ସମୁଦାୟ ଜମିର ମାତ୍ର ୦.୭୪% । ସାରଣୀ ୧୩ ପ୍ରଭାବିତ ଜମିର ପ୍ରତିଶତ ଏବଂ ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ କରାଯାଇଥିବା ଜମି ପ୍ରଦର୍ଶିତ କରୁଛି ।

**ସାରଣୀ-୧୩: ପ୍ରଭାବିତ ଜମିର ଶତକଡା ଏବଂ ଅଧିଗ୍ରହଣ କରା ଯାଉଥିବା ଜମି**

| ପ୍ରଭାବିତ ପରିବାରର ମାଲିକାନାରେ ଥିବା ସମୁଦାୟ ଜମିର ପରିମାଣ (ଏକରରେ) | ପ୍ରଭାବିତ ହେଉଥିବା ଜମି (ଏକରରେ) | ଅଧିଗ୍ରହଣ କରାଯାଉଥିବା ଜମି (ଏକରରେ) | ପ୍ରଭାବିତ ହେଉଥିବା ଜମି ସମୁଦାୟ ଜମିର କେତେ ପ୍ରତିଶତ | ଅଧିଗ୍ରହଣ କରା ଯାଉଥିବା ଜମି ସମୁଦାୟ ଜମିର କେତେ ପ୍ରତିଶତ |
|---|---|---|---|---|
| ୧୦.୮୭ | ୦.୫୬୬ | ୦.୦୮୦ | ୫.୨୧ | ୦.୭୪ |

ପ୍ରଭାବିତ ଗ୍ରାମର ପ୍ରଭାବିତ ଜମିରେ କୌଣସି କୃଷି ଶ୍ରମିକ ବା ଭାଗଚାଷୀ ପ୍ରଭାବିତ ଜମି ଉପରେ ନିର୍ଭର କରୁଛନ୍ତି କି ନାହିଁ ତାହା ଜାଣିବାକୁ ପ୍ରୟାସ କରାଯାଇଥିଲା । ଏହା ଜାଣିବାର ଆବଶ୍ୟକତା ଅଛି, କାରଣ ଏହି ଜମି ଉପରେ ଯଦି ଅତ୍ୟଧିକ ନିର୍ଭରଶୀଳତା ରହିଥାଏ ତେବେ ଏହାର ଅଧିଗ୍ରହଣ ଗ୍ରାମର ଉପେକ୍ଷିତ ବର୍ଗର ଲୋକମାନଙ୍କ ସ୍ଥିତି ଖରାପ କରିପାରେ । ଏହି ପରିପ୍ରେକ୍ଷୀରେ ଗ୍ରାମରେ ଆୟୋଜିତ କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ, ଏହା ପରିଲକ୍ଷିତ ହେଲା ଯେ, କୌଣସି କୃଷି ଶ୍ରମିକ ଏବଂ ଭାଗଚାଷୀ ପ୍ରଭାବିତ ଜମି ଉପରେ ନିର୍ଭର କରୁନାହାନ୍ତି ।

## ୫.୪ ସମ୍ପତ୍ତିରେ କ୍ଷତି

ପ୍ରସ୍ତାବିତ ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ପ୍ରକାର ଜମି ଅଧିଗ୍ରହଣ କରାଯାଉଛି । ତଥ୍ୟ ସଂଗ୍ରହ ସମୟରେ ଏହା ପରିଲକ୍ଷିତ ହେଲା ବ୍ୟକ୍ତିଗତ ସମ୍ପତ୍ତି ବ୍ୟତିତ ପ୍ରକଳ୍ପ ଗ୍ରାମରେ ପ୍ରଭାବିତ ପରିବାରର ଅନ୍ୟ କୌଣସି କ୍ଷତି ହେଉନାହିଁ ଯେ

## ୫.୫ ପ୍ରଭାବିତ ଗ୍ରାମରେ ଜମିର ମୂଲ୍ୟ

ପ୍ରକଳ୍ପର ଉନ୍ନତି ନିମନ୍ତେ ଜମି ଅଧିଗ୍ରହଣ ଏକ ପ୍ରାଥମିକ ଆବଶ୍ୟକତା ଏବଂ ଜମିର ମୂଲ୍ୟ ଆକାରରେ ଆର୍ଥିକ କ୍ଷତିପୂରଣ ପ୍ରଦାନ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ମହତ୍ତ୍ୱପୂର୍ଣ୍ଣ ଭାଗ ଅଟେ । ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ଅନୁଯାୟୀ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯିବ । ସେ ଯାହାହେଉ, ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବେଞ୍ଚମାର୍କ ମୂଲ୍ୟାୟନ ଯାହାକି ଜମିର ମୂଲ୍ୟ ହିସାବରେ ଗ୍ରହଣ କରାଯାଏ ବା ଜମିର ରେଜିଷ୍ଟ୍ରେସନ୍ କରାଯାଇଥିବା ମୂଲ୍ୟ ଏହି ଅଞ୍ଚଳରେ ପ୍ରକୃତ ଜମି ମୂଲ୍ୟକୁ କ୍ୱଚିତ ପ୍ରତିଫଳିତ କରିଥାଏ । ଜମିର ଉତ୍ପାଦନତା,

ଜମିର ଅବସ୍ଥିତି ଏବଂ ଜମିର ପ୍ରକାରକୁ ଦୃଷ୍ଟିରେ ରଖି ଜମିର ପ୍ରକୃତ ବଜାର ମୂଲ୍ୟରେ ତାରତମ୍ୟ ଦେଖାଯାଏ । ଏତଦବ୍ୟତିତ, ରାସ୍ତାକଡ ଜମି, ଜନବସତି ବା ଗ୍ରାମର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଜମି, ଘରବାରି ଜମି, ନଦୀ ବା କେନାଲ କୂଳିଆ ଜମି ମଧ୍ୟ ଏକ ଫସଲୀ, ଅଣ ଜଳସେଚିତ, ପତିତ କିମ୍ବା ବଗାୟତ ଇତ୍ୟାଦି ଜମି ଠାରୁ ଅଧିକ ମୂଲ୍ୟବାନ ଅଟେ । ଆହୁରିମଧ୍ୟ ପ୍ରଭାବିତ ପରିବାର ଠାରୁ ଏହା ଉପଲବ୍ଧ ହେଲା ଯେ, ସେମାନେ ସାଧାରଣତଃ ଷ୍ଟାମ୍ପଡ୍ୟୁଟି କମ କରିବାକୁ  ଜମିର ବିକ୍ରୟ ମୂଲ୍ୟକୁ କମ କରି ଜମି ରେଜିଷ୍ଟ୍ରେସନ୍ କରିଥାନ୍ତି । ଫଳସ୍ୱରୁପ ଅଧିକାଂଶ କ୍ଷେତ୍ରରେ ପ୍ରକୃତ ବଜାର ମୂଲ୍ୟ ଓ ରେଜିଷ୍ଟ୍ରେସନ୍ ମୂଲ୍ୟ ମଧ୍ୟରେ ୫୦ ରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ତାରତମ୍ୟ ଦେଖାଯାଏ । ଏହି ପରିପ୍ରେକ୍ଷୀରେ ସବ୍-ରେଜିଷ୍ଟ୍ରାର ଅଫିସ୍ ଖଣ୍ଡଗିରି ଠାରୁ ପ୍ରଭାବିତ ଜମିର ବେଞ୍ଚମାର୍କ ମୂଲ୍ୟ ସଂଗ୍ରହ କରାଯାଇଛି, ଯାହାକି ସାରଣୀ-୧୪ ରେ ପ୍ରଦାନ କରାଯାଇଛି ।

**ସାରଣୀ-୧୪: ପ୍ରକଳ୍ପ ଅଞ୍ଚଳରେ ଥିବା ଜମିର ବେଞ୍ଚମାର୍କ ମୂଲ୍ୟ**

| କ୍ରମିକ ସଂଖ୍ୟା | ଜମିର ପ୍ରକାର | ବାହାଦଲପୁର ଗ୍ରାମରେ ବେଞ୍ଚମାର୍କ ମୂଲ୍ୟ (ଏକର ପ୍ରତି ମୂଲ୍ୟ ଟଙ୍କାରେ) |
|---|---|---|
| ୧ | ଘରବାରୀ | ୨,୧୦,୦୦,୦୦୦/- |
| ୨ | ବାସଗୃହ ହେବାପାଇଁ ଉପଯୁକ୍ତ | ୧,୪୦,୦୦,୦୦୦/- |
| ୩ | କୃଷି ଜମି | ୧,୧୦,୦୦,୦୦୦/- |
| ୪ | ଅନ୍ୟାନ୍ୟ ଜମି | ୯୫,୦୦,୦୦୦/- |

*ଉତ୍ସ - ସବ୍-ରେଜିଷ୍ଟ୍ରାର ଅଫିସ୍ ଖଣ୍ଡଗିରି, ଭୁବନେଶ୍ୱର*

ପ୍ରଦତ୍ତ କରାଯାଇଥିବା ଆର୍ ଓ ଆର୍ ଅନୁଯାୟୀ ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ହେତୁ ପ୍ଲଟ୍ ନମ୍ବର ୨୨୬, ୨୨୮, ୨୨୯, ୨୩୦, ୨୩୧/୯୩୨, ୨୩୨/୯୩୪ ଏବଂ ୨୩୦/୮୩୯ ପ୍ରଭାବିତ ହେବ ଯାହାକି ***"ବାସଗୃହ ହେବାପାଇଁ ଉପଯୁକ୍ତ"*** ବର୍ଗରେ ଆସୁଛି । ସବ୍-ରେଜିଷ୍ଟ୍ରାର ଅଫିସ୍ ଖଣ୍ଡଗିରି ଠାରୁ ସଂଗ୍ରହ କରାଯାଇଥିବା ବେଞ୍ଚମାର୍କ ମୂଲ୍ୟ ଅନୁଯାୟୀ ଏହି ପ୍ରକାରର ଜମିର ବେଞ୍ଚମାର୍କ ମୂଲ୍ୟ ଏକର ପ୍ରତି ଟଙ୍କା ୧,୪୦,୦୦,୦୦୦/- ଅଟେ । କିନ୍ତୁ ଏହି ବେଞ୍ଚମାର୍କ ମୂଲ୍ୟ ସ୍ଥାନୀୟ ଭାବରେ ଜମିର ମୂଲ୍ୟ ଠାରୁ ପ୍ରାୟ ୭୫ ପ୍ରତିଶତ କମ୍ ଅଟେ । ଲୋକମାନଙ୍କ ଅନୁସନ୍ଧାନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଭାବରେ ଯାଞ୍ଚ ପ୍ରକ୍ରିୟାରୁ ଜଣା ପଡିଲା ବାହାଦଲପୁର  ଅଞ୍ଚଳରେ ରାସ୍ତାକଡ ଏବଂ ବଜାର ନିକଟବର୍ତ୍ତୀ ଅଞ୍ଚଳରେ ଗୁଣ୍ଠ (ଭୁବନେଶ୍ୱର ମାପ ଅନୁସାରେ) ପ୍ରତି ଜମିର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ଏହାକୁ ଏକରକୁ ପରିବର୍ତ୍ତନ କଲେ ମୂଲ୍ୟ ୫.୫୦ କୋଟି ଟଙ୍କା ହେବ । ବେଞ୍ଚମାର୍କ ମୂଲ୍ୟ ଠାରୁ ଏହି ମୂଲ୍ୟ ବହୁତ ଅଧିକ । ସେ ଯାହାହେଉ ଏ ସମ୍ବନ୍ଧରେ କଥିତ ଅଞ୍ଚଳ ନିମନ୍ତେ ଉପରୋକ୍ତ ବଜାର ମୂଲ୍ୟ ସମ୍ବନ୍ଧରେ କୌଣସି ପ୍ରମାଣ ସଂଗ୍ରହ କରାଯାଇ ନାହିଁ । ଅଧିକାଂଶ କ୍ଷେତ୍ରରେ ପ୍ରଭାବିତ ପରିବାର ଅନ୍ତତଃ ପକ୍ଷେ ବଜାର ମୂଲ୍ୟର ୪ ଗୁଣା ମୂଲ୍ୟ ପ୍ରଦାନ କରିବାକୁ ଦାବି କରିଛନ୍ତି । ତଥାପି ବି, କ୍ଷତିପୂରଣ ନିର୍ଦ୍ଧାରଣ ସମୟରେ ରାଜସ୍ୱ ବିଭାଗ ଦ୍ୱାରା ସ୍ଥିର କରାଯାଇଥିବା ବେଞ୍ଚମାର୍କ ମୂଲ୍ୟ ଗୋଟିଏ ମୂଖ୍ୟ ନିର୍ଦ୍ଧାରକ ରୁପେ ଗଣନା କରାଯିବ ।

# ଅଧ୍ୟାୟ – ୬:

# ପ୍ରକଳ୍ପର ପ୍ରଭାବ, ପରିବାରର ପ୍ରତ୍ୟାଶା ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

## ୬.୧ ପ୍ରକଳ୍ପର ପ୍ରଭାବ

ପ୍ରଭାବିତ ଲୋକମାନଙ୍କ ଉପରେ ପ୍ରକଳ୍ପର କିପରି ପ୍ରଭାବ ପଡିବ ତାହା ଚିହ୍ନଟ କରିବା ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି କରାଯାଇଛି । ଏହି ସନ୍ଦର୍ଭରେ ପ୍ରସ୍ତାବିତ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ପ୍ରଭାବ ଚିହ୍ନଟ କରାଯାଇଛି । ପ୍ରଭାବିତ ପରିବାର ଠାରୁ ପ୍ରତିକ୍ରିୟା ସଂଗ୍ରହ କରିବାକୁ ବିଭିନ୍ନ ଉପାୟ ଯଥା ପରିବାର ସହ ସାକ୍ଷତକାର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା, ପି ଆର୍ ଏ ର ବିଭିନ୍ନ କୌଶଳ ଆଦି ବ୍ୟବହାର କରାଯାଇଥିଲା ଏବଂ ପ୍ରକଳ୍ପର ପ୍ରଭାବ ଜାଣିବା ପାଇଁ ସଂଗ୍ରହ କରାଯାଇଥିବା ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା । ପ୍ରକଳ୍ପର ପ୍ରଭାବ ଜାଣିବା ନିମନ୍ତେ ବ୍ୟକ୍ତିଗତ ହିତାଧିକାରୀମାନଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରିବା ସମୟରେ ଗ୍ରାମସ୍ତରୀୟ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଥିଲା । ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର କିପରି ପ୍ରଭାବ ପଡୁଛି ଜାଣିବା ପାଇଁ ପ୍ରତ୍ୟେକ ଗ୍ରାମରୁ କେତେଜଣ ଜମି ହରାଉନଥିବା ପରିବାରର ମଧ୍ୟ ସାକ୍ଷାତକାର ନିଆଯାଇଥିଲା । ଏହି ଅଧ୍ୟାୟରେ ପ୍ରଭାବିତ ପରିବାର ଉପରେ ପଡୁଥିବା ପ୍ରକଳ୍ପର ବିଭିନ୍ନ ପ୍ରକାର ପ୍ରଭାବ ସମ୍ପର୍କରେ ବିଶ୍ଳେଷଣ କରିବା ସହିତ କ୍ଷତିକୁ ହ୍ରାସ କରିବା ନିମନ୍ତେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି କରାଯାଇଛି ।

### ୬.୧.୧ ଜମି କ୍ଷତି ଉପରେ ପ୍ରଭାବ

ପ୍ରଭାବିତ ପରିବାରର ଜମି କ୍ଷତି ପ୍ରକଳ୍ପର ଗୋଟିଏ ମୁଖ୍ୟ ପ୍ରଭାବ । ପୁର୍ବରୁ ଆଲୋଚନା କରାଯାଇଛି, ପ୍ରଭାବିତ ପରିବାରର ମାଲିକାନାରେ ଥିବା ବ୍ୟକ୍ତିଗତ ଜମି ମଧ୍ୟରୁ ପ୍ରକଳ୍ପ ଦ୍ୱାରା ୦.୫୬୬ ଏକର ଜମି ପ୍ରଭାବିତ ହେଉଛି ଏବଂ ପ୍ରଭାବିତ ଜମି ମଧ୍ୟରୁ ୦.୦୮୦ ଏକର ଜମି ଅଧିଗ୍ରହଣ କରାଯାଉଛି ଯାହାକି ପ୍ରଭାବିତ ବ୍ୟକ୍ତିମାନଙ୍କ ମାଲିକାନାରେ ଥିବା ସମୁଦାୟ ଜମିର ମାତ୍ର ୦.୭୪% ଅଟେ । ଜମିର ଏହି କ୍ଷତି ଜମି ହରାଉଥିବା ପରିବାରର ଆୟ ଏବଂ ଜୀବିକାକୁ ପ୍ରଭାବିତ କରିବ । ଏହି ସମସ୍ୟାକୁ ପ୍ରଶମିତ କରିବା ନିମନ୍ତେ ସେମାନଙ୍କର କୃଷି ଜୀବିକାକୁ ପୁନଃ ସ୍ଥାପିତ କରିବାକୁ ପ୍ରକଳ୍ପ ଅଧିକାରୀ କିଛି ଅତିରିକ୍ତ ଜମି କ୍ରୟ କରି ପ୍ରଦାନ କରିବା ଉଚିତ । ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନେ କ୍ଷତିପୂରଣ ଅର୍ଥକୁ କିପରି ଖର୍ଚ୍ଚ କରିବେ ତାହା ଉପରେ ପ୍ରକଳ୍ପର ପ୍ରଭାବ ନିର୍ଦ୍ଧାରଣ କରେ । କ୍ଷତିପୂରଣ ଅର୍ଥ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇପାରେ ଯଥା ଚାଷ କାର୍ଯ୍ୟ ନିମନ୍ତେ ଜମି କ୍ରୟ, ଗୃହ ନିର୍ମାଣ, ପରିବାରର ଆବଶ୍ୟକତା ନିମନ୍ତେ ଖର୍ଚ୍ଚ ଜୀବିକାର ଉତ୍ସରେ ବିବିଧତା ଆଣିବା ନିମନ୍ତେ ବ୍ୟବସାୟରେ ବିନିଯୋଗ । ଯଦି ଗ୍ରହଣ କରାଯାଇଥିବା କ୍ଷତିପୂରଣ ଖରାପ ରାସ୍ତାରେ ଖର୍ଚ୍ଚ ହୁଏ ତେବେ ଏହି ପରିବାରର ଚଳଣିର ସ୍ତରରେ ଅବନତି ଦେଖାଯିବ ।

### ୬.୧.୨ ସର୍ବସାଧାରଣ ସମ୍ପତ୍ତି ଉପରେ ପ୍ରଭାବ

ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ମଧ୍ୟରେ-ଗୋଟିଏ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ବାହାଦଲପୁର ଗ୍ରାମରେ ୦.୫୬୬ ଏକର ବ୍ୟକ୍ତିଗତ ଜମି ପ୍ରଭାବିତ ହେବ । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଜଣା ପଡିଲା, ଗୋଟିଏ ସର୍ବସାଧାରଣ ପୋଖରୀକୁ ଛାଡିଦେଲେ ଗ୍ରାମରେ ଅନ୍ୟ କୌଣସି ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେଉନାହିଁ । ତେଣୁ ଲୋକମାନେ ଏହି ପୋଖରୀର କ୍ଷତି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ଦାବି କଲେ ।

### ୬.୧.୩ କୃଷି ଉପରେ ପ୍ରଭାବ : ଜଳ ଜମି ରହିବା ସମସ୍ୟା

ଜଳ ଜମି ରହୁଥିବାରୁ ପୂର୍ବରୁ ସେଠାରେ ଥିବା ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ କୌଣସି କାର୍ଯ୍ୟରେ ଲାଗୁନାହିଁ । ଏହି ଏଲ୍ ଏଚ୍ ଏସ ରେ ରାସ୍ତା ନିର୍ମାଣ କରିବାକୁ ଜମି ରହିଥିବା ଜଳକୁ ବର୍ତ୍ତମାନ ନିଷ୍କାସନ କରିବାକୁ ପଡିବ । କିନ୍ତୁ ପ୍ରଭାବିତ ଲୋକମାନେ ସନ୍ଦେହ କରୁଛନ୍ତି ଯେ, ଏହା ଅନ୍ୟ ଏକ ସ୍ଥାନରେ ଜଳ ବନ୍ଦୀ ସମସ୍ୟା ସୃଷ୍ଟି କରିପାରେ ଯାହା କି ଚାଷ ଜମି କୁ ପ୍ରଭାବିତ କରିବ । ତେଣୁ ଏଲ୍ ଏଚ୍ ଏସ ରେ ରାସ୍ତା ନିର୍ମାଣ କରାଯିବା ସମୟରେ ଜଳ ନିଷ୍କାସନ ନିମନ୍ତେ ଉପଯୁକ୍ତ ନାଳ ନିର୍ମାଣ କରାଯିବା ଆବଶ୍ୟକ ।

### ୬.୧.୪ କେତେକ ନିର୍ଦ୍ଦିଷ୍ଟ ସୂଚକ ଉପରେ ପ୍ରକଳ୍ପର ପ୍ରଭାବ

ପରିବାରଗୁଡିକ ସହ ସାକ୍ଷାତକାର ପ୍ରକ୍ରିୟାରେ, ପ୍ରତ୍ୟେକ ସୂଚନାଦାତାଙ୍କୁ ସେମାନେ ନିମ୍ନଲିଖିତ ପ୍ରଭାବ ଉପରେ ସେମାନଙ୍କ ମନୋଭାବ ସମ୍ପର୍କରେ ପ୍ରଶ୍ନ ପଚରା ଯାଇଥିଲା ଏବଂ ସେମାନଙ୍କ ପ୍ରତିକ୍ରିୟାର ମାତ୍ରାକୁ ***ଦୃଢ ଭାବରେ ସହମତ, ସହମତ, କୌଣସି ମତାମତ ନାହିଁ ଏବଂ ଅସହମତ*** ଏହିପରି ଲିପିବଦ୍ଧ କରାଯାଇଥିଲା । ସାରଣୀ -୧୫ ରେ ବିଭିନ୍ନ ସଙ୍କେତ ଉପରେ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ପରିବାରର ସୂଚନାଦାତାମାନଙ୍କ ମତାମତ ସହମତ ରୁପରେ ସୂଚିତ କରୁଛି ।

**ସାରଣୀ -୧୫: ପରିବାରର ସକାରାତ୍ମକ ମନୋଭାବ**

| ପ୍ରଭାବ | ଦୃଢ ଭାବରେ ସହମତ | % | ସହମତ | % | କୌଣସି ମତାମତ ନାହିଁ | % | ଅସହମତ | % |
|---|---|---|---|---|---|---|---|---|
| ସଂଖ୍ୟାଧିକ ବ୍ୟବସାୟ ସୁଯୋଗ | ୦ | ୦.୦୦ | ୪ | ୫୦.୦୦ | ୨ | ୨୫.୦୦ | ୨ | ୨୫.୦୦ |
| ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ଉତ୍ତମ | ୨ | ୨୫.୦୦ | ୬ | ୭୫.୦୦ | ୦ | ୦.୦୦ | ୦ | ୦.୦୦ |
| ପରିବହନ ବ୍ୟବସ୍ଥା ରେ ଉନ୍ନତି | ୬ | ୭୫.୦୦ | ୨ | ୨୫.୦୦ | ୦ | ୦.୦୦ | ୦ | ୦.୦୦ |
| ଏହା ଦୂରତ୍ୱ ହ୍ରାସ କରିବ | ୫ | ୬୨.୫୦ | ୩ | ୩୭.୫୦ | ୦ | ୦.୦୦ | ୦ | ୦.୦୦ |
| ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ | ୧ | ୧୨.୫୦ | ୭ | ୮୭.୫୦ | ୦ | ୦.୦୦ | ୦ | ୦.୦୦ |
| ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ | ୦ | ୦.୦୦ | ୬ | ୭୫.୦୦ | ୦ | ୦.୦୦ | ୨ | ୨୫.୦୦ |

| | | | | | | | | |
|---|---|---|---|---|---|---|---|---|
| ସମ୍ପତ୍ତିର ମୂଲ୍ୟ ବୃଦ୍ଧି | ୦ | ୦.୦୦ | ୮ | ୧୦୦.୦୦ | ୦ | ୦.୦୦ | ୦ | ୦.୦୦ |
| ସ୍ଥାନୀୟ ବ୍ୟବସାୟ ଉପରେ ସ୍ୱଳ୍ପ ଅବଧିର ପ୍ରଭାବ | ୧ | ୧୨.୫୦ | ୨ | ୨୫.୦୦ | ୫ | ୬୨.୫୦ | ୦ | ୦.୦୦ |

ଉପରୋକ୍ତ ପ୍ରଭାବର ସଂକେତ ଉପରେ ଏହା ଦୃଷ୍ଟି ଗୋଚର ହେଲା ଯେ, ଉପରୋକ୍ତ ସମସ୍ତ ପ୍ରଭାବ ଉପରେ ୭୫% ସୂଚନା ଦାତା "ସହମତ" ଏବଂ "ଦୃଢ ଭାବରେ ସହମତ" ମାପକ ରେ ସେମାନଙ୍କ ମତାମତ ଉପସ୍ଥାପନ କଲେ ।

**ସାରଣୀ -୧୬ ପରିବାରର ନକାରାତ୍ମକ ମନୋଭାବ**

| ପ୍ରଭାବ | ଦୃଢ ଭାବରେ ସହମତ | % | ସହମତ | % | କୌଣସି ମତାମତ ନାହିଁ | % | ଅସହମତ | % |
|---|---|---|---|---|---|---|---|---|
| ଅବିରତ ଜୀବିକାକୁ ନଷ୍ଟ କରିବ | ୦ | ୦.୦୦ | ୦ | ୦.୦୦ | ୩ | ୩୭.୫୦ | ୫ | ୬୨.୫୦ |
| ଅପରାଧ ବୃଦ୍ଧି ପାଇବ | ୨ | ୨୫.୦୦ | ୩ | ୩୭.୫୦ | ୨ | ୨୫.୦୦ | ୧ | ୧୨.୫୦ |
| ସର୍ବସାଧାରଣ ସମ୍ପତ୍ତି ନଷ୍ଟ | ୧ | ୧୨.୫୦ | ୨ | ୨୫.୦୦ | ୧ | ୧୨.୫୦ | ୪ | ୫୦.୦୦ |
| ସ୍ଥାନୀୟ ଅଞ୍ଚଳର ବ୍ୟବସାୟ ଉପରେ ଅଧିକ ସମୟ ପାଇଁ ପ୍ରଭାବ | ୦ | ୦.୦୦ | ୩ | ୩୭.୫୦ | ୫ | ୬୨.୫୦ | ୦ | ୦.୦୦ |
| ଗୃହପାଳିତ ପଶୁମାନଙ୍କ ଦୁର୍ଘଟଣା ବୃଦ୍ଧି ପାଇବ | ୨ | ୨୫.୦୦ | ୧ | ୧୨.୫୦ | ୦ | ୦.୦୦ | ୪ | ୫୦.୦୦ |
| ବନ୍ୟଜନ୍ତୁ ମାନଙ୍କ ଦୁର୍ଘଟଣା ବୃଦ୍ଧି ପାଇବ | ୦ | ୦.୦୦ | ୦ | ୦.୦୦ | ୪ | ୫୦.୦୦ | ୪ | ୫୦.୦୦ |
| ଲୋକମାନଙ୍କ ଦୁର୍ଘଟଣା ବୃଦ୍ଧି ପାଇବ | ୧ | ୧୨.୫୦ | ୦ | ୦.୦୦ | ୪ | ୫୦.୦୦ | ୩ | ୩୭.୫୦ |
| ଚାଲୁଥିବା ବ୍ୟବସାୟ ନିମନ୍ତେ ସୁଯୋଗ ସୃଷ୍ଟି କରିବ | ୨ | ୨୫.୦୦ | ୧ | ୧୨.୫୦ | ୦ | ୦.୦୦ | ୫ | ୬୨.୫୦ |

ନକାରାତ୍ମକ ପ୍ରଭାବର ସଂକେତ ଉପରେ ସୂଚନା ଦାତାମାନଙ୍କ ମତାମତ ସମ୍ପର୍କରେ ସାରଣୀ-୧୫ରେ ଏହା ପରିଲକ୍ଷିତ ହେଲା ଯେ, ଅଧିକାଂଶ ସୂଚନା ଦାତା ଉପରୋକ୍ତ ସମସ୍ତ ପ୍ରଭାବ ଉପରେ "ଅସହମତ" ବା "କୌଣସି ମତାମତ ନାହିଁ" ମାପକ ରେ ସେମାନଙ୍କ ମତାମତ ଉପସ୍ଥାପନ କଲେ । ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ଅଳ୍ପ ପରିମାଣର ଜମି ଅଧିଗ୍ରହଣ କରାଯିବ । ଲୋକମାନଙ୍କ ମନୋଭାବରୁ ଜଣା ପଡିଲା ଯେ, ଏହିପରି ଏଥିରେ କୌଣସି ନକାରାତ୍ମକ ପ୍ରଭାବ ରହିବ ନାହିଁ ବରଂ ସ୍ଥାନୀୟ ଲୋକ ନିରାପଦ ଯାତାୟତ ପଥ ପାଇ ଉପକୃତ ହେବେ ।

ପ୍ରକଳ୍ପ ଗ୍ରାମର ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର ପ୍ରଭାବ ଜାଣିବା ନିମନ୍ତେ ବାହାଦଲପୁର ଗ୍ରାମରେ ଉଭୟ ପ୍ରଭାବିତ ଓ ଅଣ ପ୍ରଭାବିତ ପରିବାରକୁ ନେଇ ଗୋଟିଏ କେନ୍ଦ୍ରୀଭୂତ ଦଳଗତ ଆଲୋଚନା କରାଯାଇଥିଲା । କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ପ୍ରାପ୍ତ ହୋଇଥିବା ସମସ୍ତ ତଥ୍ୟ ନିମ୍ନଲିଖିତ ସାରଣୀରେ ଉଲ୍ଲେଖ କରାଯାଇଛି ।

**କେନ୍ଦ୍ରୀଭୂତ ଦଳଗତ ଆଲୋଚନାରୁ ମିଳିଥିବା ତଥ୍ୟ (ଏଫ୍ ଜି ଡି ):**
**ସଭା ସ୍ଥଳ – ବାହାଦଲପୁର ଗ୍ରାମ**

ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ-ଉଦ୍ଦେଶ୍ୟରେ ହେଉଥିବା ଜମି ଅଧିଗ୍ରହଣ ନିମନ୍ତେ ବାହାଦଲପୁର ଗ୍ରାମ ଠାରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ଆୟୋଜନ କରାଯାଇଥିଲା । ଏହି କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ବାହାଦଲପୁର ଗ୍ରାମର ଉଭୟ ପ୍ରଭାବିତ ଓ ଅଣ ପ୍ରଭାବିତ ପରିବାରର ୧୨ ଜଣ ସଦସ୍ୟ ଭାଗ ନେଇଥିଲେ । ପ୍ରଥମରେ ଭାଗନେଇଥିବା ଲୋକମାନନଙ୍କୁ ସେମାନଙ୍କ ନିଜ ଗ୍ରାମ ସମ୍ବନ୍ଧରେ ପଚରା ଯାଇଥିଲା ପ୍ରାରମ୍ଭିକ ଆଲୋଚନା ପରେ ତାଙ୍କ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ସେମାନଙ୍କୁ ପଚରା ଯାଇଥିଲା ଏବଂ ଏହା ପରିଲକ୍ଷିତ ହୋଇଥିଲା ଯେ, ଗ୍ରାମରେ ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସାଧାରଣ ବର୍ଗର ୨୦୦ ଟି ପରିବାର ବାସ କରୁଛନ୍ତି । କୃଷି, ଛୋଟ ବ୍ୟବସାୟ ଏବଂ ଶ୍ରମକାର୍ଯ୍ୟ ଗ୍ରାମବାସୀମାନଙ୍କର ମୁଖ୍ୟ ପେଷା ଅଟେ ।

ପ୍ରାଥମିକ ଆଲୋଚନା ପରେ ସେମାନଙ୍କୁ ସେମାନଙ୍କ ଅଞ୍ଚଳରେ ନିର୍ମାଣ କରାଯିବାକୁ ଥିବା ପ୍ରକଳ୍ପ ସମ୍ବନ୍ଧରେ ପଚରା ଯାଇଥିଲା । ଏହା ପରିଲକ୍ଷିତ ହେଲା ଯେ, ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ସମ୍ବନ୍ଧରେ ଭଲ ଭାବରେ ଅବଗତ ଅଛନ୍ତି ଏବଂ ଜମି କ୍ଷତି ବଦଳରେ ସେମାନେ ଉପଯୁକ୍ତ କ୍ଷତିପୂରଣ ନିମନ୍ତେ ଦାବି କରୁଛନ୍ତି ।

ଭାଗ ନେଇଥିବା ବ୍ୟକ୍ତିମାନଙ୍କ କହିବା ମୁତାବକ, ରେଳବାଇ ଦ୍ୱାରା ପୁର୍ବରୁ ନିର୍ମାଣ କରାଯାଇଥିବା ଭୂମିଗତ ସୁଡଙ୍ଗ ପଥ ଗୁଡିକରେ ବର୍ତ୍ତମାନ କୌଣସି ପ୍ରକାରର ବ୍ୟବହାର ହୋଇପାରୁନାହିଁ କାରଣ ଅଧିକାଂଶ ସମୟରେ ଭୁତଳ ରାସ୍ତା ଗୁଡିକରେ ପାଣି ଜମି ରହୁଛି । ଏହିପରି ଜମି ରହିଥିବା ଜଳକୁ ପରିଷ୍କାର କରିବାକୁ ସେମାନେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନିର୍ମାଣ କରିବାକୁ ଦାବି ଜଣାଇଥିଲେ । ସେମାନେ ଆହୁରିମଧ କହିଥିଲେ ଯେ, ଜମି ଅଧିଗ୍ରହଣ ହେତୁ ସ୍ଥାନୀୟ ଅଞ୍ଚଳରେ ଗୋଟିଏ ସାର୍ବଜନିନ ପୋଖରୀ ପ୍ରଭାବିତ ହେବ । ଏସବୁ ବ୍ୟତିତ ଉତ୍ତରଦାତାମାନେ ମତାମତ ଦେଲେ ଯେ, ପାନୀୟ ଜଳର ଅଭାବ ଗ୍ରାମରେ ଗୋଟିଏ ମୁଖ୍ୟ ସମସ୍ୟା ଅଟେ ଏବଂ ପ୍ରକଳ୍ପ ଅଧିକାରୀମାନେ ଗ୍ରାମରେ ବର୍ଷସାରା ନିରାପଦ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଦାବି ଜଣାଇଲେ ।

ପରିଶେଷରେ ଭାଗନେଇଥିବା ବ୍ୟକ୍ତିମାନେ ପ୍ରସ୍ତାବ ଦେଇଥିଲେ ଯେ, ପ୍ରକଳ୍ପ ଅଧିକାରୀମାନେ ଜମି ହରାଉଥିବା ବ୍ୟକ୍ତିମାନଙ୍କୁ ଜମି ଓ ଅନ୍ୟାନ୍ୟ ସମ୍ପତ୍ତି ନିମନ୍ତେ ସଠିକ ଭାବରେ କ୍ଷତିପୂରଣ ପ୍ରଦାନ କରିବେ । ସେ ଯାହାହେଉ ଭାଗ ନେଇଥିବା ସମସ୍ତ ବ୍ୟକ୍ତି ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଅଛନ୍ତି ଏବଂ ଉପଯୁକ୍ତ କ୍ଷତିପୂରଣ ସହିତ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ଜମି ପ୍ରଦାନ କରିବାକୁ ରାଜି ଅଛନ୍ତି ।

## *୬.୨* ପରିବାରମାନଙ୍କର ଧାରଣା

ପ୍ରଭାବିତ ଅଞ୍ଚଳରେ ଜମି ଅଧିଗ୍ରହଣ ଓ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ କାର୍ଯ୍ୟ ପୁର୍ବରୁ, ପ୍ରଭାବିତ ଓ ଅଣ-ପ୍ରଭାବିତ ଲୋକମାନଙ୍କର ପ୍ରକଳ୍ପ ସମ୍ବନ୍ଧରେ ଧାରଣା ଓ ଏହାର ପରିଣାମ ସମ୍ପର୍କରେ ଆକଳନ କରିବା ଆବଶ୍ୟକ ଅଟେ । ଏ ସମ୍ବନ୍ଧରେ ପ୍ରଭାବିତ ଜମିର ରେକର୍ଡ଼ଧାରୀ ଜମି ମାଲିକମାନଙ୍କ ଧାରଣା ସମ୍ପର୍କରେ ଲିପିବଦ୍ଧ ହୋଇଥିଲା ଏବଂ ଆକଳନ ହୋଇଥିଲା ଯାହାକି ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି ।

### ୬.୨.୧ ପ୍ରକଳ୍ପ ସମ୍ବନ୍ଧରେ ସଚେତନତା

ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ସମ୍ବନ୍ଧରେ ସଚେତନତା ସମ୍ପର୍କିତ ଧାରଣା ବିଷୟରେ ଜାଣିବାକୁ ମିଳିଲା ଯେ, ବାହାଦଲପୁର ଗ୍ରାମର ଶତ ପ୍ରତିଶତ ପ୍ରଭାବିତ ପରିବାର ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଥିଲେ । ସେ ଯାହାହେଉ ପ୍ରକଳ୍ପର ଲାଭ ସମ୍ବନ୍ଧରେ, ଉତ୍ତରଦାତାମାନେ ମତାମତ ଦେଲେ ଯେ, ପ୍ରକଳ୍ପ ହେତୁ ସେମାନେ ଉଭୟ ସାମାଜିକ ଓ ଆର୍ଥିକ ଲାଭ ପାଇପାରିବେ । ଏହି ପରିପ୍ରେକ୍ଷିରେ ଅଧିକାଂଶ ଉତ୍ତରଦାତା ମତାମତ ଦେଲେ ଯେ, ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ପ୍ରକଳ୍ପ ସହଜ ଏବଂ ନିରାପଦ ଗମନାଗମନ ସୁବିଧା ସୃଷ୍ଟି କରିବ ।

### ୬.୨.୨ କ୍ଷତିପୂରଣ ନିମନ୍ତେ ପ୍ରଭାବିତ ପରିବାରର ଆଶା ଓ ପ୍ରାଥମିକତା

ସର୍ବେକ୍ଷଣରୁ ଆଶା କରାଯାଉଥିବା ମୁଖ୍ୟ ନିର୍ଯାସ ଗୁଡିକ ହେଲା, ଅଧିନିୟମରେ ଉଲ୍ଲିଖିତ ଏହାର ବିଭିନ୍ନ ଅଧିକାର ସମ୍ବନ୍ଧରେ ପ୍ରଭାବିତ ପରିବାରର ଆଶା ଓ ପ୍ରାଥମିକତା । ତଦନୁଯାୟୀ ସର୍ବେକ୍ଷଣ ସମୟରେ କ୍ଷତିପୂରଣ ବାବଦରେ ପ୍ରଭାବିତ ପରିବାରର ଆଶା ବିଷୟରେ ଜାଣିବା ନିମନ୍ତେ ଗୋଟିଏ ପ୍ରୟାସ କରାଯାଇଥିଲା । ସେମାନଙ୍କ ମତାମତ ରୁ ଏହା ପରିଲକ୍ଷିତ ହେଲା ଯେ, ପ୍ରାୟ ସମସ୍ତ ପରିବାର ତାଙ୍କର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ପାଇଁ ନଗଦ ଅର୍ଥ ନେବାକୁ ସମ୍ମତ ଅଛନ୍ତି । ଏସବୁ ବ୍ୟତିତ ସର୍ବେକ୍ଷଣ ସମୟରେ ଏହା ପରିଲକ୍ଷିତ ହେଲା ଯେ, ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣରେ ସର୍ବସାଧାରଣଙ୍କର ଗୋଟିଏ ପୋଖରୀ ପ୍ରଭାବିତ ହେବ । ତେଣୁ ସର୍ବସାଧାରଣଙ୍କର ପୋଖରୀ ନଷ୍ଟ ପାଇଁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କଲେ ।

## ୬.୩ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)

ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ର ଧାରା ୪ ର ଉପଧାରା ୫ ଅନୁଯାୟୀ ସୁଧାରାତ୍ମକ ଉପାୟଗୁଡିକର ସୂଚୀ  ପ୍ରସ୍ତୁତ କରି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯାହା କି ପ୍ରକଳ୍ପର ପ୍ରତିକୂଳ ପ୍ରଭାବଗୁଡିକୁ ପ୍ରତିହତ କରିବାରେ ସହାୟକ ହେବ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଏସ୍ ଆଇ ଏ ର ଗୋଟିଏ ମୁଖ୍ୟ ଉପାଦାନ ଅଟେ, ଯାହାକି ସଂସ୍ଥାଗତ ବ୍ୟବସ୍ଥା ସହିତ ଉଚିତ ସୁଧାରାତ୍ମକ ଉପାୟ ଏବଂ ଆବଶ୍ୟକୀୟ ଅର୍ଥବ୍ୟବସ୍ଥା ମାଧ୍ୟମରେ ବିଭିନ୍ନ ଏହି ସୁଧାରାତ୍ମକ ଉପାୟକୁ କାର୍ଯ୍ୟାନ୍ୱିତ କରି ଏକ ସମୟବଦ୍ଧ ପ୍ରଣାଳୀ ମାଧ୍ୟମରେ ପ୍ରକଳ୍ପର ନକରାତ୍ମକ ପ୍ରଭାବକୁ ଦୂର କରିବାକୁ ପ୍ରୟାସ କରିଥାଏ । ଏହି ଅଧ୍ୟୟନରୁ ମିଳିଥିବା ତଥ୍ୟକୁ ଯତ୍ନର ସହ ବିଶ୍ଳେଷଣ କଲେ ଅନେକ ଗୁଡିଏ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ପ୍ରତିଫଳିତ ହେଉଛି । ତେଣୁ ପ୍ରକଳ୍ପର ନକରାତ୍ମକ ପ୍ରଭାବକୁ ପରିଚାଳନା ଓ ଯାଞ୍ଚ କରିବା ଲାଗି, ସାମାଜିକ ପ୍ରଭାବ ପରିଚାଳନା ଯୋଜନାଟି ଏପରି ପ୍ରସ୍ତୁତ ହେବା ଆବଶ୍ୟକ ଯେପରିକି ପ୍ରକଳ୍ପ ପ୍ରଭାବିତ ପରିବାର, ଗ୍ରାମଗୋଷ୍ଠୀ ଓ ସମାଜ ନିମନ୍ତେ ଲାଭ ବୃଦ୍ଧିପାଇ ପ୍ରତିକୂଳ ପ୍ରଭାବ ହ୍ରାସ ପାଇବ । ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲର ବାହାଦଲପୁର ଗ୍ରାମରେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱରରେତଙ୍ଗ ଷ୍ଟେସନ ମଧ୍ୟରେ- ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଉଥିବା ଜମି ନିମନ୍ତେ କରାଯାଇଥିବା

ସାମାଜିକ ଆକଳନ ଅଧ୍ୟୟନ ପାଇଁ ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ଏବଂ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ, ୨୦୧୬ ଅନୁଯାୟୀ, ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଉଛି ।

ନିମ୍ନଲିଖିତ ଗତିବିଧି  ପ୍ରଭାବ ଓ ପ୍ରଶମନ ନିମନ୍ତେ ପ୍ରସ୍ତାବିତ ଉପାୟ ର ବିଶ୍ଳେଷଣ କରାଯାଇଛି

## ପ୍ରକଳ୍ପ କାର୍ଯ୍ୟକ୍ରମ -୧ : ଭୂମି ଅଧିଗ୍ରହଣ

ପ୍ରଭାବ- ଜମି ରୁ ଆୟରେ କ୍ଷତି

*ପ୍ରସ୍ତାବିତ ପ୍ରଶମନ ଉପାୟ*

- ଜମି ଅଧିଗ୍ରହଣ ନିମନ୍ତେ ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ
- ଉପଯୁକ୍ତ ଯାଞ୍ଚ ପରେ ତୁରନ୍ତ କ୍ଷତିପୂରଣ ପ୍ରଦାନ
- ଅଧିଗ୍ରହଣ କରାଯାଇଥିବା ଜମିର ବଳକା ଅଂଶରୁ ମାଟି ଗୋଡି ଓ ଆବର୍ଜନ କୁ କାଢି ଚାଷ ଉପଯୋଗୀ କରିବା
- ଆୟ ବୃଦ୍ଧି କରିବା ପାଇଁ ଚାଷୀମାନଙ୍କୁ ଉତ୍ପାଦନ ବୃଦ୍ଧି ଏବଂ ମୂଲ୍ୟବାନ ଫସଲ ଚାଷ କରିବାକୁ  ତାଲିମ ପ୍ରଦାନ କରିବା

ଦାୟିତ୍ୱ- ରାସ୍ତା ପ୍ରକଳ୍ପର ପ୍ରକଳ୍ପ ପରିଚାଳନା ଦଳ

## ପ୍ରକଳ୍ପ କାର୍ଯ୍ୟକ୍ରମ -୨ : ନିର୍ମାଣ କାର୍ଯ୍ୟ

ପ୍ରଭାବ- ନିଯୁକ୍ତି ସୁଯୋଗ

*ପ୍ରସ୍ତାବିତ ପ୍ରଶମନ ଉପାୟ*

- ସ୍ଥାନୀୟ ଭାବରେ ଉପଲବ୍ଧ ସାମଗ୍ରୀ ର ଯୋଜନା ପ୍ରସ୍ତୁତି  ଓ କାର୍ଯ୍ୟ ସମ୍ପାଦନ । ଏହାର ଏକ ଅଂଶ ସ୍ୱରୁପ ସ୍ଥାନୀୟ ନିଯୁକ୍ତି ଓ ପ୍ରାପ୍ତି ପରିଚାଳନା ଯୋଜନାର ପ୍ରସ୍ତୁତି । ଯୋଜନା ପ୍ରସ୍ତୁତିରେ ସରକାରୀ ଅଧିକାରୀ ଙ୍କ ସମେତ ସମସ୍ତ ପ୍ରାସଙ୍ଗିକ ହିତାଧିକାରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କୁ ସାମିଲ । ବିକାଶ କରାଯାଇଥିବା ରୋଜଗାର ରଣନୀତି ରେ  ସ୍ଥାନୀୟ ରୋଜଗାରର ସ୍ତର କୁ ଯଥା ସମ୍ଭବ ଅଧିକ କରିବାକୁ ସୁନିଶ୍ଚିତ କରିବାକୁ ପଡିବ ।
- ସ୍ଥାନୀୟ ଗ୍ରାମବାସୀ ମାନଙ୍କୁ ନିଯୁକ୍ତି ସୁଯୋଗ ସମ୍ବନ୍ଧରେ ସମୟାନୁଯାୟୀ ସୁଚିତ କରିବାକୁ ପଡିବ । ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଠିକାଦାରୀ ସୁଯୋଗ ସମ୍ବନ୍ଧରେ ସମୟାନୁଯାୟୀ ସୁଚିତ କରିବାକୁ ପଡିବ ।

ଦାୟିତ୍ୱ- ପ୍ରକଳ୍ପ ପରିଚାଳନା ଦଳ ଏବଂ ଭଡାରେ ନିଆଯାଇଥିବା ଅଂଶୀଦାର

ପ୍ରସ୍ତାବିତ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ଚାଷ ଜମି ଏବଂ ଗୋଟିଏ ସର୍ବସାଧାରଣ ପୋଖରୀକୁ ପ୍ରଭାବିତ କରିବ । ଏହି କ୍ଷତି ଗୁଡିକୁ ଉପଯୁକ୍ତ ଭାବରେ ବିଚାରକୁ ନେଇ ପ୍ରଭାବିତ ଲୋକମାନଙ୍କୁ କ୍ଷତିପୁରନ ପ୍ରଦାନ କରାଯିବ ଉଚିତ ଯଦ୍ୱାରାକି ନାକାରାତ୍ମକ ପ୍ରଭାବ ଗୁଡିକ ପ୍ରଶମିତ ହୋଇପାରିବ ।

**ସର୍ବସାଧାରଣ ପୋଖରୀ କ୍ଷତି :**

ପ୍ରଭାବିତ ଜମିରେ ଗୋଟିଏ ସର୍ବସାଧାରଣ ପୋଖରୀ ଅଛି ଯାହାକି ଲୋକମାନଙ୍କ ଦ୍ବାରା ବ୍ୟବହାର କରାଯାଏ । ପ୍ରସ୍ତାବିତ ପ୍ରକଳ୍ପ ହେତୁ ଏହି ପୋଖରୀ ଟି ଆଂଶିକ ଭାବରେ ପ୍ରଭାବିତ ହେବ ଏବଂ ଏହି ପ୍ରସ୍ତାବ ଦିଆ ଯାଉଛି କି ଲୋକମାନନକ ଜଳର ଆବଶ୍ୟକତା କୁ ପୂରଣ କରିବା ନିମନ୍ତେ ବିକଳ୍ପ ବ୍ୟବସ୍ଥା ପ୍ରାୟତଃ ସମାନ ପ୍ରକାରର ଢାଞ୍ଚା ନିର୍ମାଣ କରାଯିବ ଉଚିତ ।

**ନକାରାତ୍ମକ ପ୍ରଭାବ କୁ ପ୍ରଶମନ କରିବାକୁ ଉପାୟ**

ପ୍ରଭାବିତ ପରିବାର ଉପରେ ପଡିବାକୁ ଥିବା ନକାରାତ୍ମକ ପ୍ରଭାବ କୁ ପ୍ରଶମନ କରିବାକୁ ଏସ ଆଇ ଏ ଦଳ କେତେ ଗୁଡିଏ ପ୍ରଶମନ ଉପାୟ ପ୍ରସ୍ତୁତ କରିଛି ଏହାକୁ ପ୍ରକଳ୍ପ ଅଧିକାରୀମାନେ କ୍ଷତିପୂରଣ ପ୍ରଦାନ ସମୟରେ ଯାଞ୍ଚ କରିପାରନ୍ତି ।

**ସାରଣୀ ୧୭: ପ୍ରଭାବର ପ୍ରଶମନ ଉପାୟ**

| କ୍ର. ସଂ | ଆକଳନ କରାଯାଇଥିବା ପ୍ରଭାବ | ପ୍ରଶମନ ଉପାୟ | ଦାୟିତ୍ୱ |
|---|---|---|---|
| ୧ | ଜମିର କ୍ଷତି | ସମ୍ପୃକ୍ତ ପ୍ରକଳ୍ପ ଅଧିକାରିଙ୍କ ଦ୍ୱାରା କ୍ଷତିର ଉପଯୁକ୍ତ ଯାଞ୍ଚ କରାଯିବ ଏବଂ ପ୍ରକୃତ ମୂଲ୍ୟ ଜମି ଅଧିଗ୍ରହଣ ସମୟରେ ନିୟୋଜିତ ଅଭିଜ୍ଞ ଦଳ ଦ୍ୱାରା ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ଅନୁଯାୟୀ ମୂଲ୍ୟାୟାନ କରାଯିବ । | ଜମି ଆବଶ୍ୟକ କରୁଥିବା ସଂସ୍ଥା ଓ ଜିଲ୍ଲାପାଳ |
| ୨ | ଅଚଳନ୍ତି ସମ୍ପତ୍ତିର କ୍ଷତି ହେତୁ ଆୟରେ କ୍ଷତି | ଯେଉଁଠାରେ ସମ୍ଭବ ପ୍ରଭାବିତ ପରିବାରର ସଦସ୍ୟମାନନକୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଆବଶ୍ୟକ । | ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା |
| | | ବିଭିନ୍ନ ଆୟ ପ୍ରଦାନକାରୀ ଯୋଜନା ର ସୁବିଧା ଯୋଗାଇଦେବା ଏବଂ ଉଦ୍ୟୋଗ ବିକାଶ ତାଲିମ କାର୍ଯ୍ୟକ୍ରମ ଓ ଆର୍ଥିକ ସହାୟତା | ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ |

| | | | |
|---|---|---|---|
| ୩ | ପୋଖରୀ ଭଳି ସର୍ବ ସାଧାରଣ ସମ୍ପତ୍ତି ନଷ୍ଟ | ସର୍ବ ସାଧାରଣ ପୋଖରୀର କ୍ଷତି ନିମନ୍ତେ ପ୍ରଭାବିତ ହେଉଥିବା ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା | ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା |
| ୪ | ଚାଷ ଜମିରେ ଜଳ ଜମିରହିବା ସମ୍ବନ୍ଧରେ ସନ୍ଦେହ | ଉପଯୁକ୍ତ ବୈଷୟିକ ନକ୍ସା ପ୍ରସ୍ତୁତ ପରେ କାର୍ଯ୍ୟ ଆରମ୍ଭ ହେବା ଉଚିତ, ଯେପରିକି ସେଥିରେ ଜଳ ଜମି ରହିବାର ସମ୍ଭାବନା ରହିବ ନାହିଁ । | ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା |

## ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟାନ୍ୱୟନ ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା

ସାମାଜିକ ପ୍ରଭାବ ପରିଚାଳନା ଯୋଜନା ମୁଖ୍ୟତଃ ଉପଯୁକ୍ତ ସୁଧାରାତ୍ମକ ଯୋଜନା ଜରିଆରେ ପ୍ରତିକୂଳ ପ୍ରଭାବକୁ କମ କରିବା ଲାଗି ପ୍ରସ୍ତୁତ କରାଯାଏ । ମୋଟାମୋଟି ଭାବରେ ପ୍ରଭାବିତ ପରିବାର ଓ ଗ୍ରାମଗୋଷ୍ଠୀର ଉନ୍ନତି ଦେଖିବା ନିମନ୍ତେ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ସହିତ ଓଡିଶା ସରକାରଙ୍କ ଅଧିନିୟମ ୨୦୧୬ ରେ ଅନେକ ଗୁଡିଏ ସଂସ୍ଥାଗତ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ଜିଲ୍ଲାପାଳ ପୁନର୍ବାସ ଓ ଥଇଥାନର ମୁଖ୍ୟ ହିସାବରେ, ଅତରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ଉପ-ଜିଲ୍ଲାପାଳ, ଭୂ-ଅର୍ଜନ ଅଧିକାରୀ, ପ୍ରକଳ୍ପ ପ୍ରଶାସକ, ପ୍ରକଳ୍ପ ସ୍ତରୀୟ ପୁନର୍ବାସ ଓ ଥଇଥାନ କମିଟି, ରାଜ୍ୟସ୍ତରୀୟ ପୁନର୍ବାସ ଓ ଥଇଥାନ କମିଟି କ୍ଷତିପୂରଣ ପ୍ରଦାନ ସମେତ ପ୍ରକଳ୍ପର ସଠିକ କାର୍ଯ୍ୟାନ୍ୱୟନ, ପୁନର୍ବାସ ଓ ଥଇଥାନର ଉପଯୁକ୍ତ ପ୍ରାପ୍ୟ ପ୍ରଦାନରେ ସୁଗମତା, ପ୍ରଭାବିତ ପରିବାରର ବିବାଦ ସମାଧାନ ଓ ଅଭିଯୋଗ ଶୁଣାଣିରେ ଶିଘ୍ରତା ଉପରେ ଦୃଷ୍ଟିଦେବେ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀରେ ସୁପାରିଶ କରାଯାଇଥିବା ସୁଧାରାତ୍ମକ ଉପାୟ ଗୁଡିକର  କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ଯାଞ୍ଚ ଓ ମୂଲ୍ୟାୟନ, ସଫଳତାକୁ ଆକଳନ କରିବାରେ ସୁଯୋଗ ପ୍ରଦାନ କରିବ ।

# ଅଧ୍ୟାୟ – ୭:

# ଜନ ଶୁଣାଣିର ବିବରଣୀ

ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ର ଧାରା ୫ ଅନୁଯାୟୀ ଜମି ଅଧିଗ୍ରହଣ ସମ୍ବନ୍ଧରେ ଲୋକମାନଙ୍କ ମତାମତ ଜାଣିବା ନିମନ୍ତେ ତାରିଖ, ସମୟ ଏବଂ ସଭାସ୍ଥଳ ସମ୍ବନ୍ଧରେ ଲୋକମାନଙ୍କୁ ବ୍ୟାପକ ପ୍ରଚାର ମାଧ୍ୟମରେ ଅବଗତ କରାଯିବା ପରେ ପ୍ରଭାବିତ ଗ୍ରାମଗୁଡିକରେ ଏକ ଜନଶୁଣାଣିର ଆୟୋଜନ କରାଯାଇଥିଲା । ଅଧିନିୟମର ପ୍ରାବଧାନକୁ ଦୃଷ୍ଟିରେ ରଖି, ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ୍ ଅନ୍ତର୍ଗତ ବାହାଦଲପୁର ଗ୍ରାମ ଠାରେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର-ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୫ କିମି ଠାରେ ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ କରାଯାଉଥିବା ଭୂମି ଅଧିଗ୍ରହଣ ନିମନ୍ତେ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ଅଧ୍ୟୟନର ବିବରଣୀକୁ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଜନଶୁଣାଣି ସଭାର ତାରିଖ, ସମୟ ଏବଂ ସଭାସ୍ଥଳ ସମ୍ବନ୍ଧରେ ପ୍ରଭାବିତ ଲୋକ ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କୁ ଆଗୁଆ ଅବଗତ କରାଇଥିଲେ । ଜନଶୁଣାଣୀ ସଭାରେ, ସମ୍ପୃକ୍ତ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ, ଯେଉଁଠାରେ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ଅଧ୍ୟୟନର ବିବରଣୀ କୁ ଓଡିଆ ଭାଷାରେ ଉପସ୍ଥାପନ କରାଯାଇଥିଲା ଏବଂ ପ୍ରଭାବିତ ପରିବାର ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ଠାରୁ ଅଧିଗ୍ରହଣ ସମ୍ପର୍କିତ ମତାମତ ସଂଗ୍ରହ କରାଯାଇଥିଲା । ସରକାରୀ ପ୍ରମାଣ ହିସାବରେ ସଭାର ସଂପୂର୍ଣ୍ଣ କାର୍ଯ୍ୟକ୍ରମ ଭି ଡି ଓ ରେକର୍ଡିଙ୍ଗ କରାଯାଇଥିଲା । ଜନଶୁଣାଣୀ ସଭାର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ଉଲ୍ଲେଖ କରାଯାଇଛି ।

ସ୍ଥାନ-ବାହାଦଲପୁର କମ୍ୟୁନିଟି କେନ୍ଦ୍ର
ତା ୦୯.୭.୨୦୧୮
ସମୟ - ପୂର୍ବାହ୍ନ ଘ.୧୦.୩୦ମି

ଅଦ୍ୟ ତା ୦୯.୭.୨୦୧୮ରିଖ ପୂର୍ବାହ୍ନ ଘ. ୧୦.୩୦ମି. ସମୟେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀମତେ ବାହାଦଲପୁର ଗ୍ରାମରେ ଥିବା କମ୍ୟୁନିଟି କେନ୍ଦ୍ର ପ୍ରକୋଷ୍ଠରେ ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ଚିତ୍ତରଂଜନ ରାଉତରାୟଙ୍କ ସଭାପତିତ୍ୱରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ଖୋର୍ଦ୍ଧା ଜିଲ୍ଲା ଭୂ-ଅଧିଗ୍ରହଣ ଅଧିକାରୀ ଶ୍ରୀମତୀ ପୁଷ୍ପଲତା ସାହୁ, ଭୁବନେଶ୍ୱର ତହସିଲର ଆଡ଼ିସିନାଲ ତହସିଲଦାର ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ବଢ଼େଇ, ବରିଷ୍ଠ ଉପମୁଖ୍ୟ ଯନ୍ତ୍ରୀ ପୂର୍ବତଟ ରେଳପଥ, ଶ୍ରୀଯୁକ୍ତ ସରୋଜକାନ୍ତ ଦାସ, ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଏବଂ ସାମାଜିକ ପ୍ରଭାବ ଆକଳନ କରିଥିବା ଇ.ଆର୍.ଏ. କନସଲ୍ଟାନ୍ସି ପ୍ରା.ଲିଃ.ର ବରିଷ୍ଠ କ୍ଷେତ୍ର ପରିଦର୍ଶନକାରୀ ଶ୍ରୀଯୁକ୍ତ ବ୍ରଜବିହାରୀ ମିଶ୍ରଙ୍କ ସମେତ ତଥ୍ୟ ସଂଗ୍ରହକାରୀ ସଂସ୍ଥାର ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ କ୍ଷତିଗ୍ରସ୍ତ ତଥା ପ୍ରଭାବିତ ବାହାଦଲପୁର ଜମି ରୟତମାନଙ୍କୁ ଶୁଭେଚ୍ଛା ଜଣାଇ ମଞ୍ଚାସୀନ ଅଧିକାରୀ ମାନଙ୍କର ପରିଚୟ ପ୍ରଦାନ ସହିତ ଉକ୍ତ ଜନଶୁଣାଣୀ ଶିବିରରର ଉଦ୍ଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ତତ୍‌ପରେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କର ନାମ ଧାମ, ଅଧିଗ୍ରହଣ ହେବାକୁଥିବା ଜମିର ପରିମାଣ, ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଆଲୋଚନା ମାଧ୍ୟମରେ ସଂଗୃହୀତ ତଥ୍ୟାବଳୀକୁ ପଠନ କରିଥିଲେ ।

ମଞ୍ଚାସୀନ ଭୂମି-ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଠାରୁ ଅଧିଗ୍ରହଣ ସଂପର୍କୀତ ବିଭିନ୍ନ ପ୍ରଶ୍ନ ଓ ମତାମତ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ ।

ବାହାଦଲପୁର ଗ୍ରାମର ଶ୍ରୀଯୁକ୍ତ କରୁଣାକର ମହାପାତ୍ର ଅତ୍ୟନ୍ତ କ୍ଷୋଭର ସହ କହିଥିଲେ ଯେ, ଉଦ୍‌ବୃତ ଜଳ ନିଷ୍କାସନ ପାଇଁ ରେଳ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଅଣ୍ଡରପାସ୍ ସଂପୂର୍ଣ୍ଣ ଅନୁପଯୁକ୍ତ ଅଟେ । କାରଣ ବାସ୍ତବତାକୁ ଦୃଷ୍ଟିନଦେଇ ଖାମଖିଆଲ ଭାବେ ଏହା ନିର୍ମାଣ କରାଯାଇଥିବାରୁ ବର୍ଷାଦିନେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହେଉଅଛି । ତେଣୁ ସଂପୂର୍ଣ୍ଣ ଜଳନିଷ୍କାସନ ସହିତ ଭାରିଯାନ ଚଳପ୍ରଚଳ କରିବା ପାଇଁ ଅନ୍ୟତ୍ର ଏକ ଅଣ୍ଡରପାସ ଗ୍ରାମାବାସୀ ମାନଙ୍କ ସହିତ ବିସ୍ତୃତ ବିମର୍ଶ କରି ନିର୍ମାଣ କରିବା ପାଇଁ ଦୃଢ଼ଦାବୀ କରିଥିଲେ । ଉକ୍ତ ଦାବୀକୁ ଉପସ୍ଥିତ ଥିବା ଗ୍ରାମର ଶ୍ରୀଧର କୁମାର ମୁଖୀ, ପ୍ରମୋଦ କୁମାର ମୁଖୀ ଏବଂ ଗଗନଚନ୍ଦ୍ର ରାଉତରାୟଙ୍କ ସମେତ ଅନ୍ୟମାନେ ଦୃଢ଼ ସମର୍ଥନ କରିଥିଲେ । ପୁନଶ୍ଚ ଉପଯୁକ୍ତ ଏବଂ ନିରପେକ୍ଷ ଭାବରେ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ ।

ଗ୍ରାମବାସୀ ତଥା ଆଖପାଖ ଗ୍ରାମବାସୀ ମାନଙ୍କର ଯାତାୟତ ସୁବିଧା ପାଇଁ ବର୍ତ୍ତମାନ ଅବସ୍ଥିତ ଥିବା ରେଳଫାଟକ ପର୍ଯ୍ୟନ୍ତ ଜମିକୁ ଦୀର୍ଘ ବର୍ଷ ପୂର୍ବରୁ ଶ୍ରୀଯୁକ୍ତ ବାଳକୃଷ୍ଣ ରାଉତରାୟ ଏବଂ ଓଗେରଙ୍କ ନାମରେ ଥିବା ସ୍ଥିତିବାନ ସମ୍ପତ୍ତିକୁ ବିନାମୂଲ୍ୟରେ ମୌଖିକ ଭାବରେ ପ୍ରଦାନ କରିଥିଲେ । ବର୍ତ୍ତମାନ ତାଙ୍କ ବଂଶଧର ମାନେ ଉକ୍ତ ସମ୍ପତ୍ତିକୁ ଅକ୍ତିଆର କରିବା ପାଇଁ ଚେଷ୍ଟିତ ଅଛନ୍ତି, ଯଦ୍ୱାରା ସର୍ବସାଧାରଣଙ୍କର ଗମନାଗମନ ତଥା ଯାତାୟତ ପାଇଁ ନାନା ଅସୁବିଧା ସୃଷ୍ଟି ହେବ । ତେଣୁ ଉପରୋକ୍ତ ସମସ୍ୟାକୁ ପ୍ରଶାସନିକ ସ୍ତରରେ ସମାଧାନ କରିବା ପାଇଁ ଶ୍ରୀଯୁକ୍ତ ସ୍ୱାଗତ କୁମାର ପଟ୍ଟନାୟକ, ଗଗନଚନ୍ଦ୍ର ରାଉତରାୟ ଏବଂ ଅନ୍ୟମାନେ ପ୍ରସ୍ତାବ ରଖିଥିଲେ ।

ଭୂମି ଅଧିଗ୍ରହଣ ଅଧିକାରୀ ମାନନୀୟା ଶ୍ରୀମତୀ ପୁଷ୍ପଲତା ସାହୁ କହିଥିଲେ ଯେ, ନୂତନ ଜମି ଅଧିଗ୍ରହଣ ଆଇନ ଦ୍ୱାରା ଜମି ଅଧିଗ୍ରହଣ ପୂର୍ବକ ସ୍ୱଚ୍ଛ ଏବଂ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ପାଇଁ ପ୍ରଚଳିତ ଆଇନରେ ପ୍ରାବଧାନ ଅଛି । ବଂଶାବଳୀ ଅନୁଯାୟୀ କ୍ଷତିଗ୍ରସ୍ତ ଜମିମାଲିକ ମାନଙ୍କୁ କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ।

ଗ୍ରାମବାସୀମାନଙ୍କର ଦାବୀ ଏବଂ ଅଞ୍ଚଳବାସୀଙ୍କର ଜଳନିଷ୍କାସନ ଜନିତ ଅସନ୍ତୋଷକୁ ଦୃଷ୍ଟିରେ ରଖି କିଭଳି ଭାବରେ ସୁଚାରୁରୂପେ ଜଳନିଷ୍କାସନ ହୋଇପାରିବ ସେ ସଂପର୍କରେ ଉପସ୍ଥିତ ଥିବା ପୂର୍ବତନ ରେଳ

ବିଭାଗର ବରିଷ୍ଠ ଉପଖଣ୍ଡସ୍ତରୀୟ ଯନ୍ତ୍ରୀଙ୍କୁ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ।

ରେଳ ବିଭାଗର ବରିଷ୍ଠ ଉପଖଣ୍ଡସ୍ତରୀୟ ଯନ୍ତ୍ରୀ କହିଥିଲେ ଯେ, ଉପରୋକ୍ତ ଜଳନିଷ୍କାସନ ସମସ୍ୟା ପ୍ରତି ସଂପୃକ୍ତ ବିଭାଗ ସମ୍ବେଦନାଶୀଳ ଅଛନ୍ତି । ଗ୍ରାମବାସୀମାନଙ୍କ ସହିତ ପରାମର୍ଶ ଏବଂ ବିସ୍ତୃତ ଆଲୋଚନା କରି ସରଜମିନ୍ ତଦନ୍ତ ପୂର୍ବକ ଉପଯୁକ୍ତ ସ୍ଥାନରେ ଅଣ୍ଡରପାସ ଏବଂ ଜଳନିଷ୍କାସନର ସୁବନ୍ଦୋବସ୍ତ କରାଯିବ ବୋଲି ପ୍ରକାଶ କରିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଅଧକ୍ଷତା କରୁଥିବା ସରପଞ୍ଚ ମହୋଦୟ କହିଥିଲେ ଯେ, ପ୍ରଶାସନ ଉପରୋକ୍ତ ଦାବୀ ଏବଂ ପ୍ରସ୍ତାବ ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରି ଉପଯୁକ୍ତ ଏବଂ ଗ୍ରହଣଯୋଗ୍ୟ କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ ।

ସର୍ବଶେଷରେ ଉପସ୍ଥିତ ଥିବା ଗ୍ରାମବାସୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ଧନ୍ୟବାଦ ପ୍ରଦାନ କରି ସଭାସାଙ୍ଗ ଘୋଷଣା କରିଥିଲେ ।

# ଅଧ୍ୟାୟ – ୮:
# ସାମାଜିକ ମୂଲ୍ୟ ଏବଂ ଲାଭର ବିଶ୍ଳେଷଣ ଓ ସୁପାରିଶ

## ୮.୧ ସାମାଜିକ ମୂଲ୍ୟ ଏବଂ ଲାଭର ବିଶ୍ଳେଷଣ :

ସ୍ଥାନୀୟ ଲୋକମାନନକୁ ନିରାପଦ ଓ ସଠିକ ସମୟରେ ଯୋଗାଯୋଗ ବ୍ୟବସ୍ଥା କରିବା ନିମନ୍ତେ ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ମଧ୍ୟରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ-କରିବାକୁ ଯୋଜନା କରାଯାଇଛି । ଏହି ନିର୍ମାଣ କାର୍ଯ୍ୟ ନିମନ୍ତେ ପ୍ରକଳ୍ପ ଅଧିକାରୀ ବାହାଦଲପୁର ଗ୍ରାମରେ କିଛି ବ୍ୟକ୍ତିଗତ ଜମି ଅଧିଗ୍ରହଣ କରୁଛନ୍ତି । ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ କରିବାକୁ ବାହାଦଲପୁର ଗ୍ରାମଠାରେ ୦.୦୮୦ ଏକର ଜମି ଅଧିଗ୍ରହଣ ନିମନ୍ତେ ବର୍ତ୍ତମାନର ଏହି ସାମାଜିକ ଆକଳନ ଅଧ୍ୟୟନ କରାଯାଇଛି । କ୍ଷେତ୍ର ସର୍ବେକ୍ଷଣ ସମୟରେ ଲୋକମାନେ ଏହି ନିର୍ମାଣ କାର୍ଯ୍ୟକୁ ହୃଦୟର ସହିତ ତାଙ୍କର ସମ୍ପୂର୍ଣ୍ଣ ସମର୍ଥନ କଥା ପ୍ରକାଶ କରିଥିଲେ । ଯଦିଓ କିଛି ପରିବାର ଜମି ଅଧିଗ୍ରହଣ ହେତୁ ସିଧାସଳଖ କ୍ଷତି ସହୁଛନ୍ତି, କିନ୍ତୁ ନୂତନ ଅଧିନିୟମ ୨୦୧୩ ଅନୁଯାୟୀ ସେମାନେ ସେମାନଙ୍କ ଜମି, ଜମି ସହିତ ସଂଲଗ୍ନ ସମ୍ପତ୍ତି ଆଦିର କ୍ଷତି ନିମନ୍ତେ ବିଧିବଦ୍ଧ ଭାବରେ କ୍ଷତିପୂରଣ ପାଇବେ ।

ଏକ ଭିତ୍ତିଭୂମି ପ୍ରକଳ୍ପର ସମାଜ ପ୍ରତି ଲାଭ ଏବଂ ଖର୍ଚ୍ଚ ବ୍ୟକ୍ତିଗତ ଖର୍ଚ୍ଚ ଓ ଲାଭ ହିସାବ ଠାରୁ ଅଲଗା ଅଟେ । ରିହାତି ଦର ର ଉପଯୋଗ କରି ଅନୁମାନିତ ବର୍ତ୍ତମାନ ମୂଲ୍ୟ ସହିତ ଲାଭ ଓ ଖର୍ଚ୍ଚ ଭବିଷ୍ୟତ ର ଧାରାକୁ ଦୃଷ୍ଟିରେ ରଖି କରା ଯାଇଛି । ରିହାତି ଦରକୁ ନିର୍ଣ୍ଣୟ କରିବା ନିମନ୍ତେ କୌଣସି ନିୟମିତ ଧାରା ସ୍ଥିରିକୃତ କରାଯାଇନାହିଁ କାରଣ ଏହା ବିସ୍ତାରକ ଅଟେ ଏବଂ ସମ୍ବନ୍ଧିତ ବ୍ୟକ୍ତିମାନଙ୍କୁ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଉପରେ ନିର୍ଭର କରିଥାଏ । ଭବିଷ୍ୟତ ଅନିଶ୍ଚିତ ଅଟେ, ପ୍ରକଳ୍ପ ସହିତ ବିପଦ ପ୍ରକଳ୍ପର ପରିଣାମ ସହିତ ଜଡିତ ଏବଂ ଏହି ବିପଦ ଓ ଅନିଶ୍ଚିତତାକୁ ଧରି କୌଣସି ଏକ କାରକ ନିର୍ଦ୍ଧାରଣ କରିବା କଷ୍ଟସାଧ ଅଟେ ଅଛନ୍ତି ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରୁ ଜାଣିବାକୁ ମିଳୁଛି ଯେ ପ୍ରଭାବିତ ୮ଟି ପରିବାରରେ ଥିବା ସମୁଦାୟ ୧୦.୮୭୦ ଏକର ଜମିରୁ ମାତ୍ର ୦.୦୮୦ (୦.୭୪%)ଏକର ଜମି ଘରୋଇ ମାଲିକମାନଙ୍କ ଠାରୁ ଅଧିଗ୍ରହଣ କରାଯିବା ନିମନ୍ତେ ଯୋଜନା କରାଯାଇଛି । ତେଣୁ ପ୍ରକଳ୍ପରୁ ମିଳିବାକୁ ଥିବା ବହୁତ ଉପକାର ତୁଳନାରେ ପ୍ରଭାବିତ ପରିବାର ଉପରେ ପଡୁଥିବା ନକରାତ୍ମକ ପ୍ରଭାବ ଖୁବ୍ ନଗଣ୍ୟ । ଅନ୍ୟାନ୍ୟ ସାର୍ବଜନୀନ ସମ୍ପତ୍ତିର କ୍ଷତି ଯଥା ସର୍ବସାଧାରଣ ପୋଖରୀ ଯାହାକୁ କି ଲୋକମାନଙ୍କ ବ୍ୟବହାର ନିମନ୍ତେ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ଅନ୍ୟ ସ୍ଥାନରେ ନିର୍ମାଣ କରାଯାଇପାରିବ । ତେଣୁ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳ ନିମନ୍ତେ ବହୁତ ଆବଶ୍ୟକ ଏବଂ ଏହା ଏକ ଉପଯୋଗୀ ପ୍ରକଳ୍ପ, ସ୍ଥାନୀୟ ଲୋକମାନଙ୍କ ନିରାପଦ ଯାତାୟତ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରାଥମିକତା ଆଧାରରେ ତୁରନ୍ତ ଆରମ୍ଭ କରିବାର ଆବଶ୍ୟକତା ଅଛି ।

## ୮.୨ ସୁପାରିଶ

କ୍ଷେତ୍ର ସ୍ତରୀୟ ତଥ୍ୟ ଓ ବିଭିନ୍ନ ହିତାଧିକାରିମାନଙ୍କ ସହିତ ଆଲୋଚନା କରି ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଯାଇପାରେ । ଏହି ସୁପାରିଶ ଗୁଡିକମଧ୍ୟରୁ ଅଧିକାଂଶ ମୂଖ୍ୟତଃ ଗ୍ରାମଗୋଷ୍ଠୀର ସଭା, ପରିବାର ସହ ସକ୍ଷାତକାର ଏବଂ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ସଂଗ୍ରହ କରାଯାଇଛି । ସେ ଯାହାହେଉ, ଏହି ସୁପାରିଶ ଗୁଡିକ ନିଧାର୍ଯ୍ୟ ନୁହେଁ କିମ୍ବା ଗ୍ରାମଗୋଷ୍ଠୀ ମାନିବା ନେଇ କୌଣସି ବାଧ ବାଧକତା ନାହିଁ, କାର୍ଯ୍ୟକାରୀ ସଂସ୍ଥା ପ୍ରଭାବିତ ଗୋଷ୍ଠୀ ସହିତ ସହଭାଗିତା ମାଧ୍ୟମରେ ଏଥିରେ ସୁଧାର ଆଣିପାରିବେ ।

କ) ପ୍ରଭାବିତ ଲୋକମାନେ ମତାମତ ଦେଲେ ଯେ, ସେମାନଙ୍କ ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ନିମନ୍ତେ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା ଆବଶ୍ୟକ । ସେମାନେ ଭୟ କରୁଛନ୍ତି ଯେ, ସରକାରୀ ପ୍ରକ୍ରିୟାରେ ଅର୍ଥ ପାଇବା ବହୁତ କଷ୍ଟ ଯଦ୍ୱାରା କି, ପ୍ରଭାବିତ ଲୋକମାନେ ତାଙ୍କ କ୍ଷତିପୂରଣ ଅର୍ଥ ପାଇବାରେ କଷ୍ଟକର ହେବ, ତେଣୁ ଏକ ଜଞ୍ଜାଳମୁକ୍ତ ଦେୟ ପ୍ରଦାନ ବ୍ୟବସ୍ଥା କରାଯିବା ଉଚିତ ।

ଖ) ତଥ୍ୟରୁ ଅବଗତ ହେଲା ଯେ, ଯଦିଓ ଗ୍ରାମରେ ୮ ଟି ନଳକୂପ ଅଛି ତଥାପି ଗ୍ରାମର ଲୋକମାନେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଗ୍ରାମବାସୀମାନେ ଗ୍ରାମରେ ନିରାପଦ ପାନୀୟ ଜଳ ସୁବିଧା ଯୋଗାଇଦେବା ନିମନ୍ତେ ଦାବି ଜଣାଇଥିଲେ । ଗ୍ରାମଗୋଷ୍ଠୀର ଦାବିକୁ ବିଚାରକୁ ନେଇ, ବର୍ଷସାରା ଲୋକମାନନକୁ ନିରାପଦ ପାନୀୟ ଜଳ ସୁବିଧା ଯୋଗାଇଦେବା ଉଚିତ ।

ଗ) ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ହେତୁ ଗୋଟିଏ ସର୍ବସାଧାରଣ ପୋଖରୀ ସାମୟିକ ଭାବେ ପ୍ରଭାବିତ ହେବ । ତେଣୁ ସ୍ଥାନୀୟ ଲୋକମାନଙ୍କ ବ୍ୟବହାର ନିମନ୍ତେ ବିକଳ୍ପ ବ୍ୟବସ୍ଥାଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି । ଅନ୍ୟ ପକ୍ଷରେ ଗୋଷ୍ଠୀ ସହ ବିଚାର ବିମର୍ଷ କରି କ୍ଷତିପୂରଣ ପ୍ରାବଧାନ ଗ୍ରହଣ କରାଯାଇପାରେ ।

ଘ) ସମସ୍ତ ପ୍ରଭାବିତ ପରିବାର ତାଂକ ଜମିର କ୍ଷତି ନିମନ୍ତେ ଅର୍ଥ ଦାବି କରୁଛନ୍ତି । ତେଣୁ ଏହି ପରାମର୍ଶ ଦିଆ ଯାଉଛି କି, କ୍ଷତିପୂରଣ ଅର୍ଥ ପ୍ରଦାନ ପୂର୍ବରୁ କ୍ଷତିପୂରଣ ଅର୍ଥ କୁ ଉତ୍ପାଦନକ୍ଷମ ନିରାପଦ ସ୍ଥାନରେ ବିନିଯୋଗ କରିବାକୁ ସେମାନନକୁ ଉପଯୁକ୍ତ ପରାମର୍ଶ ପ୍ରଦାନ କରାଯିବା ଉଚିତ ଯେପରି କି ସେମାନେ ସେହି ଅର୍ଥକୁ ଅସଦ୍ ଉପାୟରେ ବିନିଯୋଗ କରିବେ ନାହିଁ ।

ଙ) ଲୋକମାନେ ସନ୍ଦେହ କରୁଛନ୍ତି ଯେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ କଲେ ସେମାନଙ୍କ ଚାଷ ଜମିରେ ଜଳ ଜମି ରହିବା ସମସ୍ୟା ସୃଷ୍ଟି ହୋଇପାରେ ଯାହାକି ଫସଲ ଉତ୍ପାଦନ ଉପରେ ପ୍ରଭାବ ପକାଇବ । ତେଣୁ ପରାମର୍ଶ ଦିଆଯାଉଛି କି ନିର୍ମାଣ ସମୟରେ ଉପଯୁକ୍ତ ଇଞ୍ଜିନିୟରିଂ ନକ୍ସା ଅନୁସରଣ କରିବା ଉଚିତ , ଯେପରିକି ପରେ କାର୍ଯ୍ୟ ଶେଷ ହେବାପରେ ଚାଷ ଜମିରେ ଜଳ ଜମି ରହିବାର ସମ୍ଭାବନା ରହିବ ନାହିଁ ।

ଚ) କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ସରଳ ହେବା ଆବଶ୍ୟକ ଏବଂ ଅଦାଲତରେ ମାମଲା ଥିବା କିମ୍ବା ଘରୋଇ ବିବାଦିତ ଜମିକୁ ବାଦଦେଇ, ଅଧିନିୟମ ୧୧(୧) ଅନୁଯାୟୀ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶନ ଏବଂ ଆର୍ ଓ ଆର୍ ପ୍ରମାଣୀକରଣ ପ୍ରକ୍ରିୟା ଶେଷ ହେବା ପରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରାଯିବା ଉଚିତ l

ଯଦିଓ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର କିଛି ପ୍ରତିକୂଳ ପ୍ରଭାବ ଅଛି, ଆଶା କରାଯାଏ ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଭାବିତ ଗ୍ରାମଗୋଷ୍ଠୀ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବେ l ସେ ଯାହାହେଉ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ କେବଳ ଯେ ପ୍ରଭାବିତ ଗ୍ରାମକୁ ଲାଭଦାୟକ ହେବ ତାହାନୁହେଁ ଏହା ସମଗ୍ର ପଞ୍ଚାୟତ ନିମନ୍ତେ ଲାଭଦାୟକ ହେବ l

# ଅନୁସୂଚୀ

## ଅନୁସୂଚୀ - ୧

# ସାମାଜିକ ଆକଳନ ଅଧ୍ୟୟନ ବିଜ୍ଞପ୍ତି ଚିଠି

ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

***

ଅଧିସୂଚନା

No RDM-LAA-KHD-0002-2018 / 20132 R&DM, dated 1 JUN 2018

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୁଚନା

ରାଜ୍ୟ ସରକାର ପ୍ରଭାବିତ ଗ୍ରାମ ପଞ୍ଚାୟତ ଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( social impact assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୁଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- **ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପୂର୍ବତଟ ରେଳ, ଖୋର୍ଦ୍ଧା ରୋଡ।**

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- **ଲେବୁଲ କ୍ରସିଂ ନଂ. ୧୯୧ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ( LHS )ନିର୍ମାଣ ନିମନ୍ତେ ।**

୩. SIA ସର୍ବେକ୍ଷଣ ଅନୁଷ୍ଠାନ : M/s Era Consultancy Pvt. Ltd , BBSR, an empanelled agency under Nabakrushna Choudhury Centre for Development Studies , Bhubaneswar

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା ;- Nabakrushna Choudhury Centre for Development Studies , Bhubaneswar ,Phone No. 0674,2300471, 2301094

୫. ପ୍ରକଳ୍ପ ପାଇଁ ଖୋର୍ଦ୍ଧା ଜିଲ୍ଲା ରେ ପ୍ରସ୍ତାବିତ ଭୁ ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|
| ୧ | ଖୋର୍ଦ୍ଧା | ବାହାଦଲପୁର | ୦.୦୮୦ | |
| | ମୋଟ | | ୦.୦୮୦ | |

ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି ।

a) ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ :- ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଲେବୁଲ କ୍ରସିଂ ନଂ. ୧୯୧ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ( LHS )ନିର୍ମାଣ ନିମନ୍ତେ **ବାହାଦଲପୁର** ମୌଜା ରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପୂର୍ବତଟ ରେଳ, ଖୋର୍ଦ୍ଧା ରୋଡ ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b) SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଂଚଳ :- ଖୋର୍ଦ୍ଧା ଜିଲ୍ଲା ରେ ଉପରୋକ୍ତ ଗ୍ରାମରେ **ଏକର ୦.୦୮୦** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c) SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ।

d) ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ସହମତି ଆବଶ୍ୟକ ।

e) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୁଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

ଅଭୟ କୁମାର ନାୟକ

ଯୁଗ୍ମ ଶାସନ ସଚିବ

**Memo No.** 20133 **RDM/Dated** 1 JUN 2018

Copy forwarded to the Director, Printing Stationary, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.
SRO Number may be allotted to this publication.

01/06/18
Officer on special duty

**Memo No.** 20134 **RDM/Dated** 1 JUN 2018

Copy forwarded to RDC(CD), Cuttack / Collector, Khordha / Land Acquisition Officer ,Khordha / Senior Divisional Engineer ( Central) , Khordha Road for information and necessary action.

01/06/18
Officer on special duty

**Memo No.** 20135 **RDM/Dated** 1 JUN 2018

Copy forwarded to the State Co-Coordinator ,Nabakrushna Choudhury Centre for Development Studies ,Bhubaneswar for information and necessary action.

01/06/18
Officer on special duty

## ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

ଜିଲ୍ଲା - ଖୋର୍ଦ୍ଧା
ତହସିଲ - ଭୁବନେଶ୍ୱର
ମୌଜା - ବାହାଦଲପୁର

| ଗ୍ରାମ ର ନାମ | ତହସିଲ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାହାଦଲ ପୁର | ଭୁବନେଶ୍ୱର | ସହରାଞ୍ଚଳ | ୧୬୩ | ୨୩୧/୯୩୨ | ରାସ୍ତା | ୦.୦୪୦ | ୦.୦୦୬ | ବାଳକୃଷ୍ଣ ରାଉତରାୟ , ପି-କେଶବ ଚରଣ ରାଉତରାୟ |
| | | | ୧୬୩ | ୨୩୧ | ଶାରଦ | ୦.୦୪୫ | ୦.୦୦୩ | ବାଳକୃଷ୍ଣ ରାଉତରାୟ , ପି-କେଶବ ଚରଣ ରାଉତରାୟ |
| | | | ୨୨୧ | ୨୩୨/୯୩୪ | ଶାରଦ | ୦.୦୦୪ | ୦.୦୦୪ | ରତ୍ନାକର ମୁଖୀ, ବେଣୁଧର ମୁଖୀ, ସୁରେନ୍ଦ୍ର ମୁଖୀ, ପି-ଯୋଗୀ ମୁଖୀ |
| | | | ୧୬୩ | ୨୩୦/୮୩୯ | ଶାରଦ ଦୋଫସଲି | ୦.୧୦୦ | ୦.୦୩୨ | ବାଳକୃଷ୍ଣ ରାଉତରାୟ , ପି-କେଶବ ଚରଣ ରାଉତରାୟ |
| | | | ୧୧୦ | ୨୨୯ | ଶାରଦ | ୦.୦୨୨ | ୦.୦୧୮ | ଧ୍ରୁବ ଚରଣ ରାଉତରାୟ, ପି-କେଶବ ଚରଣ ରାଉତରାୟ |
| | | | ୨୧୦ | ୨୨୬ | ଶାରଦ ଦୋଫସଲି | ୦.୨୪୦ | ୦.୦୦୧ | ମାୟାଧର ମୁଖୀ, ପି-କୁଞ୍ଜ ମୁଖୀ |
| | | | ୧୬୩ | ୨୨୮ | ଶାରଦ | ୦.୦୧୫ | ୦.୦୧୩ | ବାଳକୃଷ୍ଣ ରାଉତରାୟ , ପି-କେଶବ ଚରଣ ରାଉତରାୟ |
| | | | ୧୬୩ | ୨୩୦ | ଶାରଦ ଦୋଫସଲି | ୦.୧୦୦ | ୦.୦୦୩ | ବାଳକୃଷ୍ଣ ରାଉତରାୟ , ପି-କେଶବ ଚରଣ ରାଉତରାୟ |

**ମୋଟ ଏ. ୦.୦୮୦ ଡିସିମିଲ**

ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

# *ଅନୁସୂଚୀ-୨*

## ବାହାଦଲପୁର ଗ୍ରାମ ଠାରେ ୨୭.୦୪.୨୦୧୮ ରେ ହୋଇଥିବା କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଖୋର୍ଦ୍ଧା ଡିଭିଜନର ଭୁବନେଶ୍ୱର - ରେତଙ୍ଗ ଷ୍ଟେସନ ମଧ୍ୟରେ ୪୪୩/୩-୫ କିମି ନିକଟରେ ଥିବା ଏଲ୍ ସି ନମ୍ବର ୧୯୧ ଠାରେ ଥିବା ଜଗୁଆଳି ଲେବଲ୍ କ୍ରସିଙ୍ଗ ବଦଳରେ ସୀମିତ ଉଚ୍ଚ ଭୂମିଗତ ସୁଡଙ୍ଗ ପଥ ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ (ଏସ୍ ଆଇ ଏ) ଅଧ୍ୟୟନ

*ERA/NCDS-SIA Study in Khurda District-2018*

### Focus Group Discussion (FGD)

5. Name of Village: BAHADAL PUR 2. Name of GP/Ward: RANASINGHPUR
6. Name of Block: BHUBANESWAR 4. Name of Tahasil - BHUBANESWAR
7. Name of District: KHURDA

**List of Participants**

| Sl. No. | Name | Occupation | Sex | Age | Social Category | Signature |
|---|---|---|---|---|---|---|
| 1- | KALPATRU ROUTRAY | Business | M | 50 | OBC | କଳ୍ପତରୁ ରାଉତରାୟ |
| 2 | Prasanta Ku. Mukhi | Cultivated | m | 70 | OBC | Prasanta Kumar Mukhi |
| 3- | Padma Lochan Mukhi | Agriculture | M | 40 | OBC | Padma Lochan Mukhi |
| 4 | Gagan Chand Rahi | Farmer | M | 58 | OBC | Gagan Chand Rahi |
| 5- | Pradesh Ku Pattnayak | Farmer | Male | 28 | OBC | PK Pattnayak |
| 6- | Sarat Pradhan | Farmer | Male | 59 | OBC | ଶରତ ପ୍ରଧାନ |
| 7. | Anil Jena | Student. | Male | 26 | OBC | Anil Jena |
| 8- | BANAMALI SAHOO | SIA TEAM | Male | 30 | OBC | Banamali Sahoo |
| 9. | Bira Kishore Ray | ERA Consultancy | Male | 44 | GEN | Bira Kishore Ray |
| 10- | ABHIMANYU JENA | Farmer | Male | 50 | OBC | Avimanyu Jena |
| 11- | Brajabihari Mishra | SIA Team | Male | 53 | Gen. | Brajabihari Mishra |
| 12 | Rajendra Prasad Padhy | SIA Team. | Male | 41 | Gen | [illegible] |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

ERA Consultancy (P) Limited, BJB Nagar, Bhubaneswar-751014 6

**List of Participants Attended Public Hearing Meeting at Chandan Padia, Bahadalpur village on 09.07.2018**

List of Participants Attended Public Hearing Meeting for Limited Height Subway in lieu of the Existing Manned Level Crossing of LC No. 191 at Km 443/3-5 between BBS-RTN Stations of KUR Division in Mouza Bahadalpur under Bhubaneswar Tahasil of Khordha District

Place: Chandan Padia, Bahadalpur

Date: 09.07.2018

| Sl. No. | Name of Participants & Designation | Signature |
|---|---|---|
| 1 | LAO Puspalatasuha Khordha | [illegible] 9.7.18 |
| 2. | Mahendra Kr. Badhai Addl. Tdr. BBSR | [illegible] 9/7/18 |
| 3. | Saroj Kanta Das Sr. Asst. Divl. Engineer, BBSR | [illegible] 9/7/18 |
| 4. | Jagannath Bihari | [illegible] |
| 5. | R.N. Mahapatra SoSection Engineer/Works/BBS | [illegible] 09.7.18 |
| 6. | R. D. Rau JE/W/BBS | [illegible] 09/07/18 |
| 7 | [illegible] | [illegible] |
| 8 | [illegible] | [illegible] |
| 9 | Prafulla Kumar Pradhan | Prafulla Kumar Pradhan |
| 10 | Radhu Kishore Mali | Radhu Kishore Mali |
| 11 | Magan Chand Routray | Magan Chand Routray |
| 12 | Pratap Kumar Pradhan | Pratap Kumar Pradhan |
| 13 | Basanta Kr. Mali | Basanta Kumar Mali |
| 14 | AJAY PRADHAN | Ajay Pradhan, Sarapanch |
| 15 | Karunakar Mohapatra | KKMohapatra |
| 16 | Chitaranjan Routray (Sarpanch) | [illegible] |
| 17 | Brajabihari Mishra, Supervisor SIA Team. | [illegible] 9.7.18 |

**List of Participants Attended Public Hearing Meeting for Limited Height Subway in lieu of the Existing Manned Level Crossing of LC No. 191 at Km 443/3-5 between BBS-RTN Stations of KUR Division in Mouza Bahadalpur under Bhubaneswar Tahasil of Khordha District**

Place: Chandan Padia, Bahadalpur — Date: 09.07.2018

| Sl. No. | Name of Participants & Designation | Signature |
|---|---|---|
| 18 | Tapan Kumar Prusty, Amin | [illegible] 09.07.18 |
| 19 | Pinjaraj Routray | [illegible] |
| 20 | Sreedhar Ku Mallick | |
| 21 | Pradosh Kumar Pattnaik | [illegible] |
| 22 | Narasingha Ojha | [illegible] |
| 23 | Bikash Das | [illegible] |
| 24 | Dinabandhu Senapati | [illegible] |
| 25 | Bira Kishore Das<br>ERA Consultancy Pvt-Ltd. | [illegible] |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |

*ଅନୁସୂଚୀ - ୩*

## ପ୍ରାପ୍ୟ ଦାବିଦାର ସାରଣୀ

### ଗ୍ରାମ – ବାହାଦଲପୁର

| କ୍ର ସଂ | ଗ୍ରାମ | ଗୃହ ମୁଖ୍ୟଙ୍କ ନାମ | ଦାବିଦାର ବ୍ୟକ୍ତିଙ୍କ ନାମ | ବୟସ | ଗୃହ ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ସମୁଦାୟ ଜମି ଜୋତ ର ପରିମାଣ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଭାବିତ ଜମି | ଅଧିଗ୍ରହଣ କରାଯାଉଥିବା ଜମି | ସମୁଦାୟ ଜମି ଜୋତ ସହ ଅଧିଗ୍ରହଣ କରାଯାଉଥିବା ଜମି ର ଅନୁପାତ ଶତକଡାରେ | ପ୍ରଭାବିତ ଜମି ସହ ଅଧିଗ୍ରହଣ କରାଯାଉଥିବା ଜମି ର ଅନୁପାତ ଶତକଡାରେ |
|---|---|---|---|---|---|---|---|---|---|---|---|---|---|---|
| ୧ | ବାହାଦଲପୁର | ପ୍ରମୋଦ କୁମାର ମୁଖୀ | ପ୍ରମୋଦ କୁମାର ମୁଖୀ | ୭୦ | ନିଜେ | ଓ ବି ସି | ୧ | ୨୨୧ | ୨୩୨/୯୩୪ | ଶାରଦ୧- | ୦.୦୦୪ | ୦.୦୦୪ | ୦.୪୦ | ୧୦୦.୦୦ |
| ୧ | ବାହାଦଲପୁର | ପ୍ରମୋଦ କୁମାର ମୁଖୀ | ବିଷ୍ଣୁ ପ୍ରିୟା ମୁଖୀ | ୨୫ | ଝିଅ | ଓ ବି ସି | | | | | | | | |
| ୧ | ବାହାଦଲପୁର | ପ୍ରମୋଦ କୁମାର ମୁଖୀ | କ୍ଷିରୋଦ କୁମାର ମୁଖୀ | ୨୪ | ପୁଅ | ଓ ବି ସି | | | | | | | | |
| ୨ | ବାହାଦଲପୁର | ପ୍ରତାପ କୁମାର ମୁଖୀ | ପ୍ରତାପ କୁମାର ମୁଖୀ | ୬୨ | ନିଜେ | ଓ ବି ସି | | | | | | | | |
| ୨ | ବାହାଦଲପୁର | ପ୍ରତାପ କୁମାର ମୁଖୀ | ପ୍ରଦ୍ୟୁମ୍ନ ମୁଖୀ | ୩୬ | ପୁଅ | ଓ ବି ସି | | | | | | | | |
| ୨ | ବାହାଦଲପୁର | ପ୍ରତାପ କୁମାର ମୁଖୀ | ପ୍ରକାଶ ମୁଖୀ | ୩୪ | ପୁଅ | ଓ ବି ସି | | | | | | | | |
| ୨ | ବାହାଦଲପୁର | ପ୍ରତାପ କୁମାର ମୁଖୀ | ପ୍ରଳୟ ମୁଖୀ | ୩୦ | ପୁଅ | ଓ ବି ସି | | | | | | | | |
| ୩ | ବାହାଦଲପୁର | ପ୍ରଫୁଲ୍ଲ କୁମାର ମୁଖୀ | ପ୍ରଫୁଲ୍ଲ କୁମାର ମୁଖୀ | ୮୦ | ନିଜେ | ଓ ବି ସି | | | | | | | | |
| ୩ | ବାହାଦଲପୁର | ପ୍ରଫୁଲ୍ଲ କୁମାର ମୁଖୀ | ପ୍ରଦୀପ କୁମାର ସାମନ୍ତରାୟ | ୪୨ | ପୁଅ | ଓ ବି ସି | | | | | | | | |
| ୪ | ବାହାଦଲପୁର | ବ୍ରଜବିହାରୀ ମୁଖୀ | ବ୍ରଜବିହାରୀ ମୁଖୀ | ୭୨ | ନିଜେ | ଓ ବି ସି | ୧.୨୫ | ୨୧୦ | ୨୨୬ | ଶାରଦ ଦୋ ଫସଲି | ୦.୨୪ | ୦.୦୦୧ | ୦.୦୮ | ୦.୪୨ |
| ୪ | ବାହାଦଲପୁର | ବ୍ରଜବିହାରୀ ମୁଖୀ | ତ୍ରିଲୋଚନ ମୁଖୀ | ୪୫ | ପୁଅ | ଓ ବି ସି | | | | | | | | |
| ୪ | ବାହାଦଲପୁର | ବ୍ରଜବିହାରୀ ମୁଖୀ | ପଦ୍ମଲୋଚନ ମୁଖୀ | ୪୦ | ପୁଅ | ଓ ବି ସି | | | | | | | | |

| କ୍ର ସଂ | ଗ୍ରାମ | ଗୃହ ମୁଖ୍ୟଙ୍କ ନାମ | ଦାବିଦାର ବ୍ୟକ୍ତିଙ୍କ ନାମ | ବୟସ | ଗୃହ ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ସମୁଦାୟ ଜମି ଜୋତ ର ପରିମାଣ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଭାବିତ ଜମି | ଅଧିଗ୍ରହଣ କରାଯାଉଥିବା ଜମି | ସମୁଦାୟ ଜମି ଜୋତ ସହ ଅଧିଗ୍ରହଣ କରାଯାଉଥିବା ଜମି ର ଅନୁପାତ ଶତକଡାରେ | ପ୍ରଭାବିତ ଜମି ସହ ଅଧିଗ୍ରହଣ କରାଯାଉଥିବା ଜମି ର ଅନୁପାତ ଶତକଡାରେ |
|---|---|---|---|---|---|---|---|---|---|---|---|---|---|---|
| ୫ | ବାହାଦଲପୁର | କଳ୍ପତରୁ ରାଉତରାୟ | କଳ୍ପତରୁ ରାଉତରାୟ | ୫୦ | ନିଜେ | ଓ ବି ସି | ୦.୭୬ | ୧୧୦ | ୨୨୯ | ଶାରଦ୧ - | ୦.୦୨ | ୦.୦୨ | ୨.୩୭ | ୮୧.୮୨ |
| ୫ | ବାହାଦଲପୁର | କଳ୍ପତରୁ ରାଉତରାୟ | ରୋଶନ ରାଉତରାୟ | ୨୨ | ପୁଅ | ଓ ବି ସି | | | | | | | | |
| ୫ | ବାହାଦଲପୁର | କଳ୍ପତରୁ ରାଉତରାୟ | ବଲରାମ ରାଉତରାୟ | ୨୦ | ପୁଅ | ଓ ବି ସି | | | | | | | | |
| ୬ | ବାହାଦଲପୁର | କ୍ଷିରୋଦ ରାଉତରାୟ | କ୍ଷିରୋଦ ରାଉତରାୟ | ୪୬ | ନିଜେ | ଓ ବି ସି | | | | | | | | |
| ୭ | ବାହାଦଲପୁର | ଗଗନଚାନ୍ଦ ରାଉତରାୟ | ଗଗନଚାନ୍ଦ ରାଉତରାୟ | ୫୮ | ନିଜେ | ଓ ବି ସି | ୩.୦୫ | ୧୬୩ | ୨୩୧/୯୩୨, ୨୩୧, ୨୩୦/୮୩୯, ୨୨୮, ୨୩୦ | ଶାରଦ୧ - ଶାରଦ ଦୋ ଫସଲି ରାସ୍ତା , | ୦.୩୦ | ୦.୦୬ | ୧.୮୭ | ୧୯.୦୦ |
| ୭ | ବାହାଦଲପୁର | ଗଗନଚାନ୍ଦ ରାଉତରାୟ | ପ୍ରୀତି ରାଉତରାୟ | ୨୬ | ଝିଅ | ଓ ବି ସି | | | | | | | | |
| ୭ | ବାହାଦଲପୁର | ଗଗନଚାନ୍ଦ ରାଉତରାୟ | ସୁଧାଂଶୁ ରାଉତରାୟ | ୨୩ | ପୁଅ | ଓ ବି ସି | | | | | | | | |
| ୮ | ବାହାଦଲପୁର | ଲବନଚାନ୍ଦ ରାଉତରାୟ | ଲବନଚାନ୍ଦ ରାଉତରାୟ | ୬୧ | ନିଜେ | ଓ ବି ସି | | | | | | | | |
| ୮ | ବାହାଦଲପୁର | ଲବନଚାନ୍ଦ ରାଉତରାୟ | ସନ୍ଦିପ ରାଉତରାୟ | ୩୨ | ପୁଅ | ଓ ବି ସି | | | | | | | | |
| ୮ | ବାହାଦଲପୁର | ଲବନଚାନ୍ଦ ରାଉତରାୟ | ସୌମେନ୍ଦ୍ର ରାଉତରାୟ | ୩୦ | ପୁଅ | ଓ ବି ସି | | | | | | | | |

*ଅନୁସୂଚୀ - ୪*

## ବାହାଦଲପୁର ଗ୍ରାମର ସାମାଜିକ ଓ ସମ୍ବଳ ମାନଚିତ୍ର



*ଅନୁସୂଚୀ - ୫*

# ଫୋଟୋଗ୍ରାଫ









## ବାହାଦଲପୁର ଗ୍ରାମରେ ତା ୦୯.୦୭.୨୦୧୮ ରିଖରେ ଅନୁଷ୍ଠିତ ଜଣାଶୁଣାଣୀ ସଭାର ଫୋଟୋଗ୍ରାଫ













*ଅନୁସୂଚୀ - ୬*

## ବାହାଦଲପୁର ମୌଜାରେ ଏଲ୍ ଏଚ୍ ଏସ ୧୯୧ ନିମନ୍ତେ ଅଧିଗ୍ରହଣ ହେବାକୁ ଥିବା ଜମିର ନକ୍ସା



**ଅନୁସୂଚୀ - ୭**

# ବେଞ୍ଚମାର୍କ ମୁଲ୍ୟାୟନ ବିବରଣୀ

## BENCH MARK VALUATION STATEMENT

Name of the Tahasil : Bhubaneswar

Name of the Registration Office : Khandagiri

Name of the R. I. Office : Patrapada

Name of the Village : Bahadalpur

| CATEGORY | PLOT NUMBER | VALUE PER ACRE | REMARKS |
|---|---|---|---|
| 1 | 2 | 3 | 4 |
| Residential | 1 ,2 ,3 ,4 ,5 ,6 ,7 ,8 ,9 ,10 ,11 ,12 ,13 ,14 , 15 ,16 ,17 ,18 ,19 ,20 ,21 ,22 ,23 ,24 ,25 ,26 , 27 ,28 ,29 ,30 ,31 ,32 ,33 ,34 ,35 ,36 ,37 ,38 , 39 ,40 ,41 ,42 ,43 ,44 ,45 ,46 ,47 ,48 ,49 ,50 , 51 ,52 ,53 ,54 ,55 ,56 ,57 ,58 ,59 ,60 ,61 ,62 , 63 ,64 ,65 ,66 ,67 ,68 ,69 ,70 ,71 ,72 ,73 ,74 , 75 ,76 ,77 ,78 ,79 ,80 ,81 ,82 ,83 ,84 ,85 ,86 , 87 ,88 ,89 ,90 ,91 ,92 ,93 ,94 ,95 ,96 ,97 ,98 , 99 ,100 ,101 ,102 ,103 ,104 ,105 ,106 ,107 ,108 , 109 ,110 ,111 ,112 ,113 ,114 ,115 ,116 ,117 ,118 ,119 ,120 ,121 ,122 ,123 ,124 ,125 ,126 ,127 ,128 ,129 ,130 ,131 ,132 ,133 ,134 ,135 ,136 ,137 ,138 ,139 ,140 ,141 ,142 ,143 ,145 ,146 ,147 ,148 ,419 ,450 ,151 ,152 ,153 ,154 ,155 ,156 ,157 ,158 ,159 ,160 ,161 ,162 ,162 ,163 ,164 ,165 ,166 ,167 ,168 ,169 ,170 ,171 ,172 ,173 ,174 ,175 ,176 ,177 ,178 ,179 ,180 ,181 ,182 ,183 ,184 ,185 ,186 ,189 ,190 ,191 ,192 ,194 ,195 ,100/2829 ,84/634 ,190/840 , 156/854 ,104/855 ,34/857 ,34/858 ,93/868 | 2,10,00,000/- | |

SUB-REGISTRAR
KHANDAGIRI

District Sub-Registrar
Khurda: Bhubaneswar

Tahasildar
Bhubaneswar

## BENCH MARK VALUATION STATEMENT

Name of the Tahasil : Bhubaneswar

Name of the Registration Office : Khandagiri

Name of the R. I. Office : Patrapada

Name of the Village : Bahadalpur

| CATEGORY | PLOT NUMBER | VALUE PER ACRE | REMARKS |
|---|---|---|---|
| 1 | 2 | 3 | 4 |
| Residential | 93/868 , 12/870 , 13/871 , 68/872 , 93/875 , 183/876 , 125/877<br>, 135/883 , 37/884 , 38/885 , 31/886 , 32/887 , 68/871 , 68/873<br>, 69/874 , 90/890 , 93/981 , 193/892 , 194/893 , 195/899 ,<br>190/900 , 115/901 , 89/903 , 137/904 , 37/906 , 37/907 , 38/908<br>, 72/909 , 86/910 , 101/912 , 102/913 , 106/914 , 119/915 ,<br>146/917 , 150/918 , 153/919 , 153/920 , 164/921 , 166/922 ,<br>183/923 , 190/924 , 190/925 , 37/926 , 844 , 842 , 861 ,<br>208/878 , 199/881 , 196 , 197 , 198 , 199 , 200 , 201 , 202 ,<br>203 , 204 , 205 , 206 , 207 , 208 , 209 , 210 , 211 , 232 ,<br>233 , 234 , 235 , 236 , 237 , 238 , 239 , 240 , 241 , 242 ,<br>243 , 244 , 245 , 246 , 247 , 248 , 249 , 250 , 251 , 252 ,<br>253 , 254 , 255 , 256 , 257 , 258 , 259 , 260 , 261 , 262 ,<br>263 , 267 , 268 , 269 , 270 , 271 , 272 , 98/911 , 126/919. | 2,10,00,000/- | |
| Potential to be Residential | 273 , 274 , 275 , 276 , 277 , 278 , 279 , 287 , 288 , 289 ,<br>290 , 291 , 292 , 293 , 294 , 295 , 296 , 298 , 299 , 300 ,<br>301 , 302 , 303 , 304 , 305 , 839 , 934 , 212. , 213 , 214 ,<br>215 , 216 , 218 , 219 , 220 , 221 , 222 , 223 , 224 , 225 ,<br>226 , 228 , 229 , 230 , 231 , 292/879 | 1,40,00,000/- | |

SUB-REGISTRAR
KHANDAGIRI

District Sub-Registrar
Khurda: Bhubaneswar

Tahasildar
Bhubaneswar

## BENCH MARK VALUATION STATEMENT

Name of the Tahasil : Bhubaneswar

Name of the Registration Office : Khandagiri

Name of the R. I. Office : Patrapada

Name of the Village : Bahadalpur

| CATEGORY | PLOT NUMBER | VALUE PER ACRE | REMARKS |
|---|---|---|---|
| 1 | 2 | 3 | 4 |
| Agriculture | 316 , 317 , 318 , 319 , 320 , 321 , 322 , 323 , 324 ,<br>325 , 326 , 327 , 328 , 329 , 330 , 331 , 332 , 333 ,<br>334 , 335 , 336 , 337 , 338 , 339 , 340 , 341 , 342 ,<br>343 , 344 , 376 , 377 , 378 , 380 , 381 , 382 , 383 ,<br>384 , 385 , 386 , 387 , 388 , 389 , 399 , 400 , 401 ,<br>402 , 403 , 404 , 405 , 406 , 407 , 408 , 409 , 410 ,<br>411 , 412 , 413 , 414 , 415 , 416 , 417 , 418 , 419 ,<br>420 , 421 , 422 , 423 , 424 , 425 , 426 , 427 , 428 ,<br>429 , 430 , 431 , 432 , 433 , 434 , 435 , 436 , 437 ,<br>438 , 439 , 440 , 441 , 442 , 443 , 444 , 445 , 446 ,<br>447 , 448 , 449 , 450 , 451 , 452 , 453 , 454 , 455 ,<br>456 , 457 , 458 , 459 , 460 , 461 , 462 , 463 , 464 ,<br>465 , 466 , 467 , 468 , 469 , 470 , 471 , 472 , 473 ,<br>474 , 475 , 476 , 477 , 478 , 489 , 490 , 491 , 492 ,<br>493 , 494 , 495 , 496 , 497 , 498 , 499 , 500 , 501 ,<br>502 , 503 , 504 , 505 , 392 , 393 , 395 , 396 , 397 ,<br>398 , 479 to 488 | 1,10,000,00/- | |

SUB-REGISTRAR
KHANDAGIRI

District Sub-Registrar
Khurda: Bhubaneswar

Tahasildar
Bhubaneswar

15

## BENCH MARK VALUATION STATEMENT

Name of the Tahasil : Bhubaneswar

Name of the Registration Office : Khandagiri

Name of the R. I. Office : Patrapada

Name of the Village : Bahadalpur

| CATEGORY | PLOT NUMBER | VALUE PER ACRE | REMARKS |
|---|---|---|---|
| 1 | 2 | 3 | 4 |
| Agriculture | 506 , 507 , 508 , 509 , 510 , 511 , 512 , 513 , 514 , 515 , 516 , 517 , 518 , 519 , 520 , 521 , 522 , 523 , 524 , 525 , 526 , 527 , 528 , 529 , 530 , 531 , 532 , 533 , 534 , 535 , 536 , 537 , 538 , 539 , 540 , 541 , 542 , 543 , 544 , 545 , 546 , 547 , 548 , 549 , 550 , 551 , 552 , 553 , 554 , 555 , 556 , 557 , 558 , 559 , 560 , 561 , 562 , 563 , 564 , 565 , 566 , 567 , 568 , 569 , 570 , 571 , 572 , 573 , 574 , 575 , 576 , 577 , 578 , 579 , 580 , 581 , 582 , 583 , 584 , 585 , 244/830 , 559/833 , 439/835 , 668/837 , 529/838 , 547/843 , 567/844 , 566/845 , 582/846 , 577/847 , 573/848 , 460/849 , 406/850 , 446/851 , 544/852 , 558/853 , 530/856 , 540/861 , 561/864 , 309/865 , 481/876 , 497/877 , 337/880 , 331/882 , 424/902 , 242/905 , 316/945 , 317/946 , 317/948 , 317/949 , 317/950 , 317/951 , 317/952 , 317/953 , 317/954 , 317/955 , 317/956 , 317/957 , 317/958 , 317/959 , 317/960 , 318/961 , 318/962 , 318/963 , 318/964 , 318/965 , 318/966 , 318/967 , 318/968 , | 1,10,000,00/- | |

SUB-REGISTRAR KHANDAGIRI

District Sub-Registrar Khurda: Bhubaneswar

Tahasildar Bhubaneswar

16

## BENCH MARK VALUATION STATEMENT

Name of the Tahasil : Bhubaneswar

Name of the Registration Office : Khandagiri

Name of the R. I. Office : Patrapada

Name of the Village : Bahadalpur

| CATEGORY | PLOT NUMBER | VALUE PER ACRE | REMARKS |
|---|---|---|---|
| 1 | 2 | 3 | 4 |
| Agriculture | 318/969 , 318/970 , 318/971 , 318/972 , 318/973 , 320/974 , 321/975 , 321/976 , 321/977 , 321/978 , 321/979 , 321/980 , 322/981 , 322/982 , 322/983 , 322/984 , 322/985 , 322/986 , 342/987 , 431/988 , 439/989 , 440/990 , 449/991 , 458/992 , 475/993 , 473/994 , 512/995 , 523/996 , 529/997 , 538/998 , 539/999 , 546/1000 , 554/1001 , 560/1002 , 561/1003 , 561/1004 , 567/1005 , 567/1006 , 567/1007 , 576/1008 , 582/1009 , 582/1010 , 251/1011 , 321/1043 , 444/1049 , 444/1050 | 1,10,000,00/- | |
| Others | 217 , 313 , 314 , 315 , 265 , 266 , 206 , 207 , 945 , 964 , 323 , 361 , 358 , 369 , 392 , 370 , 322 , 345 , 352 , 353 , 355 , 575 , 631 , 694 , 828 , | 95,00,000/- | |

SUB-REGISTRAR
KHANDAGIRI

District Sub-Registrar
Khurda: Bhubaneswar

Tahasildar
Bhubaneswar